୬
ରେକର୍ଡର ନୂଆ ଫର୍ଦ୍ଦ ଯୋଡ଼ିଲେ ପିଭି ସିନ୍ଧୁ
୫୦୦ ମ୍ୟାଚ୍ ଜିତିବାରେ ପ୍ରଥମ ଭାରତୀୟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୫୭ ● ୨୪ ଜାନୁଆରୀ ୨୦୨୬, ଶନିବାର ● ଭୁବନେଶ୍ୱର ● Vol -32 ● Issue-357 ● 24th January 2026, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମବାର୍ଷିକୀରେ ଯୋଗଦେଲେ ଉପରାଷ୍ଟ୍ରପତି

# ନେତାଜୀଙ୍କ ଜୀବନ କାହାଣୀ ଦେଶପ୍ରେମର ବହ୍ନି ଜାଳିଥିଲା



**କଟକ, ୨୩।୧**
**ନ୍ୟୁଜ୍ ବ୍ୟୁରୋ**

ଭାରତର ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍ ଶୁକ୍ରବାର କଟକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମସ୍ଥାନ ସଂଗ୍ରହାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜିତ ପରାକ୍ରମ ଦିବସ ସମାରୋହରେ ଯୋଗ ଦେଇଥିଲେ। ସମାବେଶକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ନେତାଜୀଙ୍କୁ ଭାରତର ଜଣେ ମହାନ ସୁପୁତ୍ର ଭାବରେ ବର୍ଣ୍ଣନା କରିବା ସହିତ ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନେତାଜୀଙ୍କ ଜନ୍ମସ୍ଥାନକୁ ତାଙ୍କର ଗସ୍ତକୁ ସେ ଗଭୀର ଭାବରେ ପ୍ରେରଣାଦାୟକ ବୋଲି କହିଥିଲେ। ସେ କହିଥିଲେ ଯେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କେବଳ ଭାରତର ସ୍ୱାଧୀନତା ପାଇଁ ଲଢ଼ି ନଥିଲେ ବରଂ ସ୍ୱାଧୀନତା ପରେ ଦେଶର ଶାସନ ପାଇଁ ତାଙ୍କର ଏକ ସ୍ପଷ୍ଟ ଦୃଷ୍ଟିକୋଣ ଥିଲା। ନେତାଜୀ ଭାରତକୁ ଏକ ମଜଭୁତ, *(ପୃଷ୍ଠା ୭ରେ)*

## ରିଭର ଫ୍ରଣ୍ଟ ପ୍ରକଳ୍ପରେ ନଦୀକୂଳ ନୂଆ ରୂପ ପାଇବ

**କଟକ, ୨୩।୧ : ନ୍ୟୁଜ୍ ବ୍ୟୁରୋ**



କଟକ ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପରେ ନଦୀକୂଳ ନୂଆ ରୂପ ପାଇବ । ଶୁକ୍ରବାର ଏନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହାକୁ ସାଂସ୍କୃତିକ ଓ ମନୋରଞ୍ଜନ ସ୍ଥଳରେ ପରିଣତ କରାଯିବ, ଏହା ଦ୍ୱାରା ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବ । ସାମଗ୍ରିକ ସହରୀ ପରିବେଶରେ ଉନ୍ନତି ଆସିବ । ଏହି ପ୍ରକଳ୍ପ କାମକୁ ତ୍ୱରିତ କରିବାକୁ ନେତାଜୀଙ୍କ ଜୟନ୍ତୀରେ ଏହି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିପାଇଁ ପ୍ରାୟ ୨୨୦କୋଟି ଟଙ୍କା ଖର୍ଚ୍ଚ ହେବ। ୪୨୬ ଏକର ପରିମିତ ଅଞ୍ଚଳକୁ ନେଇ ରିଭର ଫ୍ରଣ୍ଟ ପ୍ରକଳ୍ପ ବିକଶିତ ହେବ । ୩ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରହିଛି । ପ୍ରକଳ୍ପ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷର ରାଜ୍ୟ ବଜେଟରେ ମଧ ବ୍ୟୟବରାଦ ହୋଇଛି । ମାଷ୍ଟରପ୍ଲାନ୍ ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ବାଲିଯାତ୍ରା ପଡ଼ିଆରୁ ସାମୁଦ୍ରିକ ସଂଗ୍ରହାଳୟ ଯାଏ ୩.୨ କିମି ଲମ୍ବା ରିଭରଫ୍ରଣ୍ଟ ପ୍ରୋମେନେଡ୍ ବିକାଶ ସହ ବାଲିଯାତ୍ରା ଅଞ୍ଚଳରେ ପାଦଚଲା ରାସ୍ତା, ଅତ୍ୟାବଶ୍ୟକ ଓ ଉପଯୋଗୀ ଭିତ୍ତିଭୂମି କରିବାକୁ ଯୋଜନା ଅଛି । ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ ପରିବେଶ ସ୍ଥିରତା ଉପରେ ଗୁରୁତ୍ୱ ଦିଆଯିବ ।

# ୩ଟି ନୂତନ ଅମୃତ ଭାରତ ଟ୍ରେନ୍‌ର ଶୁଭାରମ୍ଭ




**ନୂଆଦିଲ୍ଲୀ, ୨୩।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର କେରଳ ଗସ୍ତରେ ଆସି ନବସୃଜନ ଏବଂ ଉଦ୍ୟୋଗୀତା ହବ ପାଇଁ ଶିଳାନ୍ୟାସ କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ସ୍ୱନିଧି କ୍ରେଡିଟ କାର୍ଡ ମଧ ଆରମ୍ଭ କରିଛନ୍ତି, ଯାହା ରାସ୍ତାକଡ଼ ବିକ୍ରେତାଙ୍କୁ ଲାଭ ଦେବ। ତିରୁଭାନନ୍ତପୁରମରେ, ପ୍ରଧାନମନ୍ତ୍ରୀ ମୋଦୀ ତିନୋଟି ନୂତନ ଅମୃତ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ନାଗରକୋଇଲ-ମଙ୍ଗାଲୁରୁ, ତିରୁବନନ୍ତପୁରମ-ତାମ୍ବରମ, ତିରୁବନନ୍ତପୁରମ-ଚାରଲାପାଲି, ଏବଂ ତ୍ରିସୁର ଏବଂ ଗୁରୁଭାୟୁର ମଧ୍ୟରେ ଏକ ନୂତନ ଯାତ୍ରୀବାହୀ ଟ୍ରେନ ଶୁଭାରମ୍ଭ କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, କେରଳର ବାମପନ୍ଥୀ ଗୋଷ୍ଠୀମାନେ ତାଙ୍କୁ ପସନ୍ଦ କରି ନ ପାରନ୍ତି। ମୁଁ ତଥ୍ୟ ପ୍ରକାଶ କରିବାକୁ ଚାହେଁ। ୧୯୮୭ ପୂର୍ବରୁ ଭାଜପା ଗୁଜରାଟରେ ଏକ ମାମୁଲି ଦଳ ଥିଲା। ୧୯୮୭ରେ ଭାଜପା ପ୍ରଥମ ଥର ପାଇଁ ଅହମ୍ମଦାବାଦ ମ୍ୟୁନିସିପାଲ *(ପୃଷ୍ଠା ୭ରେ)*

## ପରାକ୍ରମ ଦିବସର ଶୁଭେଚ୍ଛା ଜଣାଇଲେ ମୋଦୀ

**ନୂଆଦିଲ୍ଲୀ, ୨୩।୧**

ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ପରାକ୍ରମ ଦିବସରେ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଆଜି ଏକ ଗୌରବମୟ ତାରିଖ । ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀ । ନେତାଜୀଙ୍କ ବୀରତ୍ୱ ଓ ସାହସିକତା ଆଜି ଆମକୁ ପ୍ରେରଣା ଦେଉଛି । *(ପୃଷ୍ଠା ୭ରେ)*

# ଜନଗଣନାରେ ୩୩ଟି ପ୍ରଶ୍ନ ପଚରାଯିବ

**ଭୁବନେଶ୍ୱର, ୨୩।୧**
**ନ୍ୟୁଜ୍ ବ୍ୟୁରୋ**




ଜନଗଣନାରେ ୩୩ ପ୍ରଶ୍ନ ପଚାରିବେ ଜନଗଣନା ଅଧିକାରୀ। ଆସନ୍ତା ଏପ୍ରିଲ ୧୬ରୁ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଜନଗଣନା ଆରମ୍ଭ ହେଉଛି । ପ୍ରଥମ ପର୍ଯ୍ୟାୟରେ ଘର ଏବଂ ଆସବାବ ପତ୍ର ଗଣନା କରାଯିବ। ଏହି ସମୟରେ ଗଣନା ଅଧିକାରୀ ମାନେ ଆପଣଙ୍କ ଘରକୁ ଗଲେ ଆପଣଙ୍କୁ ସେମାନଙ୍କୁ ୩୩ ପ୍ରଶ୍ନର ଉତ୍ତର ଦେବାକୁ ପଡିବ। ଘର ପରିବାର ଏବଂ ଗାଡି ସମ୍ପର୍କରେ ତଥ୍ୟ ଦେବାକୁ ହେବ। ପ୍ରଶ୍ନ ଗୁଡିକ ମଧ୍ୟରେ ରହିଛି ଘରର ମୁଖିଆଙ୍କ ନାମ ଏବଂ ଲିଙ୍ଗ ଏବଂ ଜାତି କଣ। ଘର ବା ବିଲଡିଂ ନମ୍ବର, ଆପଣଙ୍କ ଘରର କାନ୍ଥ, ଛାତ ଏବଂ ଚଟାଣ କେଉଁ ସାମଗ୍ରୀରେ ତିଆରି। ଘରର ବ୍ୟବହାର ଏବଂ କଣ୍ଡିସନ ବାବଦରେ ପଚାରିବେ। ପରିବାରରେ କେତେ ଜଣ ଅଛନ୍ତି। ଘରେ କେତୋଟି ରୁମ ବ୍ୟବହାର କରୁଛନ୍ତି, ପରିବାରରେ କେତେ ଜଣ ବିବାହିତ ଦମ୍ପତ୍ତି ଅଛନ୍ତି। ପିଇବା ପାଣି ଏବଂ ବିଜୁଳି କେଉଁଠୁ ଆସୁଛି ତାର ଉତ୍ସ କଣ। ପାଇଖାନା ଏବଂ ଗାଧୁଆ ଘର ବ୍ୟବହାର, ମଇଳା ପାଣି ନିଷ୍କାସନ। କେଉଁଥିରେ ରୋଷେଇ କରୁଛନ୍ତି ଏଲପିଜି କନେକ୍ସନ ହେଇଛି ନା ନାହିଁ। ଆପଣଙ୍କ ଘରେ କେତୋଟି ଟିଭି, ରେଡ଼ିଓ, ଲାପଟପ କିମ୍ବା କମ୍ପ୍ୟୁଟର, ମୋବାଇଲ କିମ୍ବା ଟେଲିଫୋନ, ଇଣ୍ଟରନେଟ ଅଛି ନା ନାହିଁ। ସେହିପରି ଆପଣଙ୍କ ଘରେ କେତୋଟି ସାଇକେଲ, ସ୍କୁଟର, ବାଇକ, କାର, ଜିପ ରହିଛି। ଆପଣ କେଉଁ ମୁଖ୍ୟ ଶସ୍ୟ ଖାଉଛନ୍ତି ଅର୍ଥାତ ଭାତ, ରୁଟି ନା ଅନ୍ୟ କିଛି। ଏହା ସହ ମୋବାଇଲ ନମ୍ବର ମଧ ଦେବାକୁ ପଡିବ।

### ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ ଅନ୍ତର୍ଗତ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍

# ଜାତୀୟ ସ୍ତରରେ ଏକ ନମ୍ବର ସ୍ଥାନରେ ଏମ୍ସ ଭୁବନେଶ୍ୱର

**ଭୁବନେଶ୍ୱର, ୨୩।୧**
**ନ୍ୟୁଜ୍ ବ୍ୟୁରୋ**

ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ୍ (ଏବିଡିଏମ) ଅନ୍ତର୍ଗତ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ ବର୍ଗରେ ଏମ୍ସ ଭୁବନେଶ୍ୱରକୁ ଶ୍ରେଷ୍ଠ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭାବେ ସମ୍ମାନିତ କରାଯାଇଛି। ଏହି ପ୍ରତିଷ୍ଠାନ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ କ୍ଷେତ୍ରରେ ଜାତୀୟ ସ୍ତରରେ ଏକ ନମ୍ବର ସ୍ଥାନ ହାସଲ କରିଛି, ଯାହା ଭାରତର ଡିଜିଟାଲ୍ ସ୍ୱାସ୍ଥ୍ୟ ପରିବର୍ତ୍ତନ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।




ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନଏଚଏ) ଦ୍ୱାରା ଚଳିତ ମାସ ୧୯ ଏବଂ ୨୦ରେ, ଭୁବନେଶ୍ୱରରେ ଅନୁଷ୍ଠିତ ଚିନ୍ତନ ଶିବିରରେ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍ସ ଭୁବନେଶ୍ୱର *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ବସ୍ ଧର୍ମଘଟ ପ୍ରତ୍ୟାହୃତ।
- ୟୁନୁସ୍ ଜଣେ ହତ୍ୟାକାରୀ ଫାସିବାଦୀ : ସେଖ୍ ହାସିନା।
- ଏନ୍‌କାଉଣ୍ଟରରେ ପାକିସ୍ତାନୀ ଆତଙ୍କବାଦୀ ନିହତ।
- ନବରଙ୍ଗପୁର : ବାଘଛାଲ ଜବତ, ୩ ଗିରଫ।
- ବାଲେଶ୍ୱରରେ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ।
- ମାଛ ଜାଲରେ ଫସିଥିବା ହାତୀ ଛୁଆ ଉଦ୍ଧାର।
- କୁଖ୍ୟାତ ଲୁଟେରା ଗିରଫ ଏବଂ ସାମଗ୍ରୀ ଜବତ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୭୧୫(+୨୮୪)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୪୦୫ (+୨୬୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୮୬ (+୨୧୩)

## ରୁପା ଦର

ରୂପା – ପ୍ରତି ଗ୍ରାମ ୩୬୦ (+୨୦)

## କେନ୍ଦ୍ର ସରକାରଙ୍କ ବଡ଼ ଘୋଷଣା: ସାଧାରଣ ବୀମା କମ୍ପାନୀ, ନାବାର୍ଡ ଓ ଆରବିଆଇ କର୍ମଚାରୀ ଉପକୃତ

**ନୂଆଦିଲ୍ଲୀ, ୨୩।୧**

କେନ୍ଦ୍ର ସରକାର ପ୍ରାୟ ୯୩ ହଜାର କର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ଏକ ବଡ଼ ଖୁସି ଖବର ଦେଇଛନ୍ତି। ସାଧାରଣ ବୀମା କମ୍ପାନୀ, ନାବାର୍ଡ ଏବଂ ଆରବିଆଇର କର୍ମଚାରୀଙ୍କ ଦରମା ଓ ପେନସନ ସଂଶୋଧନ ପ୍ରସ୍ତାବକୁ ଅର୍ଥ ମନ୍ତ୍ରଣାଳୟ ଶୁକ୍ରବାର ମଞ୍ଜୁରୀ ପ୍ରଦାନ କରିଛି। ଏହି ନିଷ୍ପତ୍ତି ଫଳରେ ସରକାରଙ୍କ ଉପରେ ପ୍ରାୟ ୮,୧୭୦ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ।

ଏହି ସଂଶୋଧନ ଦ୍ୱାରା ମୋଟ ୪୬,୩୨୨ କର୍ମଚାରୀ, ୨୩,୫୭୦ ପେନସନଭୋଗୀ ଏବଂ ୨୩,୨୬୦ ପେନସନଭୋଗୀ ଉପକୃତ ହେବେ। ଏହି କର୍ମଚାରୀଙ୍କ ବେତନ ସଂଶୋଧନ ୧ ଅଗଷ୍ଟ ୨୦୨୨ରୁ ଲାଗୁ ହେବ। ଏଥିପାଇଁ ୮,୧୭୦.୩୦ କୋଟି ଟଙ୍କା ବ୍ୟୟ କରାଯିବ, ଯେଉଁଥିରୁ ୫,୮୨୨.୬୮ କୋଟି ଟଙ୍କା କେବଳ ବକେୟା ବା ଏରିଅର ଆକାରରେ ପ୍ରଦାନ କରାଯିବ।

ନାବାର୍ଡରେ ବେତନ ସଂଶୋଧନ ୧ ନଭେମ୍ବର ୨୦୨୨ ରୁ ଲାଗୁ ହେବ। ଏହାଦ୍ୱାରା ବାର୍ଷିକ ୧୭୦ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହେବା ସହ ପ୍ରାୟ ୫୧୦ କୋଟି ଟଙ୍କାର ଏରିଅର ଦିଆଯିବ। ପେନସନଭୋଗୀଙ୍କୁ ଏକକାଳୀନ ୫୦.୮୨ କୋଟି ଟଙ୍କାର ବକେୟା ମିଳିବ।

ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀଙ୍କ ମୂଳ ପେନସନ ଓ ମହଙ୍ଗା ଭତ୍ତାରେ ୧୦ ପ୍ରତିଶତ *(ପୃଷ୍ଠା ୭ରେ)*

# ସୁପ୍ରିମକୋର୍ଟ ଗେଟ୍ ଦେଇ ଯିବ ମେଟ୍ରୋ !

**ନୂଆଦିଲ୍ଲୀ, ୨୩।୧**

ଖୁବଶୀଘ୍ର ବଦଳିବାକୁ ଯାଉଛି ସୁପ୍ରିମକୋର୍ଟର ରୂପରେଖ। ଏଣିକି ଓକିଲ ଓ ମହକିଲମାନଙ୍କୁ କୋର୍ଟରେ ପହଞ୍ଚିବା ପାଇଁ ଦିଲ୍ଲୀର ଗରମ, ଥଣ୍ଡା କି ବର୍ଷାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। କାହିଁକି ନା ଆଗାମୀ ଦିନରେ ସୁପ୍ରିମକୋର୍ଟ ପରିସର ଦେଇ ମେଟ୍ରୋ ଲାଇନ୍ ସହ ସଂଯୋଗ ହେବ, ଯାହା ପ୍ରତିଦିନ ଆସୁଥିବା ହଜାର ହଜାର ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ଏନେଇ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏକ ଭବିଷ୍ୟତ ଭିତ୍ତିଭୂମିର ଯୋଜନା ପାଇଁ ପ୍ରସ୍ତାବ ଦେଇପାରନ୍ତି।





ସୁପ୍ରିମକୋର୍ଟ ପାଇଁ ଏକ ମେଟ୍ରୋ ଲାଇନର ପ୍ରସ୍ତାବ ଦିଆଯାଇଛି। ଏହି ମେଟ୍ରୋ ଲାଇନ ସିଧାସଳଖ କୋର୍ଟ ପରିସର ଦେଇ ଗତି କରିବ। ପ୍ରଧାନ ବିଚାରପତି କହିଛନ୍ତି, ଆଇନ ସଚିବ ନିଜେ ପ୍ରକଳ୍ପର ତଦାରଖ କରୁଛନ୍ତି। ଏଥିପାଇଁ ସରକାରଙ୍କ ପାଖରେ ବଜେଟର କୌଣସି ଅଭାବ ନାହିଁ। କାମ ଦ୍ରୁତ ଗତିରେ ଚାଲିଛି।

ସିଜେଆଇ କହିଛନ୍ତି, ଦେଶରେ ପାଣିପାଗ ସ୍ଥିତି ଦିନକୁ ଦିନ ବିଗୁଡୁଛି। ଏହି ପରିସ୍ଥିତିରେ ଘରୁ ବାହାରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲୋକଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇଯାଉଛି। ଖରା ଏବଂ ବର୍ଷା ଦିନରେ କୋର୍ଟରେ ପହଞ୍ଚିବା ଲୋକଙ୍କ ପାଇଁ କାଠିକର ପାଠ ହେଉଛି। ତେଣୁ ଏହି ସମସ୍ୟାକୁ ଦୂର କରିବା ପାଇଁ ମେଟ୍ରୋ କନେକ୍ଟିଭିଟିର ପ୍ରସ୍ତାବ ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ଏହି ଯୋଜନାକୁ ମେଟ୍ରୋ ପ୍ରଶାସନ ପୁରା *(ପୃଷ୍ଠା ୭ରେ)*

## ୯ ମାଓବାଦୀଙ୍କ ଆତ୍ମସମର୍ପଣ

**ରାଇଘର, ୨୩।୧**

ରାଇଘର ସୀମାନ୍ତ ଛତିଶଗଡ଼ର ଅନ୍ତର୍ଗତ ଧମତରି ଜିଲାରେ ପୁଲିସକୁ ମିଳିଛି ସଫଳତା। ନକ୍ସଲ ପ୍ରଭାବିତ ଅଞ୍ଚଳରୁ ଧମତରୀ ଜିଲ୍ଲାରେ ମାଓବାଦୀଙ୍କ ଏକ ବଡ଼ ଗୋଷ୍ଠୀ ଆତ୍ମସମର୍ପଣ କରିଛି। ଯେଉଁଥିରେ ୯ ଜଣ କୁଖ୍ୟାତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୭ଜଣ ମହିଳା କ୍ୟାଡର ରହିଛନ୍ତି। ସୂଚନା ଅନୁଯାୟୀ ସମସ୍ତ ନକ୍ସଲ ରାୟପୁର ରେଞ୍ଜର ପୁଲିସ ମହାନିରୀକ୍ଷକ (ଆଇଜି) ଏବଂ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମ୍ମୁଖରେ ସେମାନଙ୍କର ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀଙ୍କୁ ଧରିବା ପାଇଁ ୪୭ ଲକ୍ଷଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲା ଛତିଶଗଡ ସରକାର। ଆତ୍ମସମର୍ପଣକାରୀ ମାଓବାଦୀଙ୍କ ମଧ୍ୟରୁ ମହିଳା ମାଓବାଦୀ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଆନ୍ତରିକତା କଣ ସତରେ ଅଛି
ଜମା ହେଉନାହିଁ ଜାଣି
ଭିତରେ ଭିତରେ ଚେର ଶୁଖିଯାଏ
ଉପରେ ପଡୁଛି ପାଣି
ଏ ମହାନଦୀର କାହାଣୀ
ଟ୍ରିବ୍ୟୁନାଲ ଚିଠି ଯାହା ଜଣାଉଛି
ସନ୍ଦେହକୁ ନିଏ ଟାଣି ।

# ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ସମ୍ପର୍କ ଛିନ୍ନ କଲା ଆମେରିକା




**ୱାଶିଂଟନ, ୨୩।୧**

ଆମେରିକା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଓହରିଯିବାର ପ୍ରକ୍ରିୟା ଆନୁଷ୍ଠାନିକ ଭାବରେ ସମାପ୍ତ । ଏହି ନିଷ୍ପତ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ଦିନରୁ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ଏହା ଜାନୁଆରୀ ୨୨ରେ ସମାପ୍ତ ହୋଇଛି ।

ଟ୍ରମ୍ପ ପ୍ରଶାସନ ଜାନୁଆରୀ ୨୦ ୨୦୨୫ରେ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଓହରିଯିବାର ଘୋଷଣା କରିଥିଲା । ଏହି ନିର୍ଦ୍ଦେଶ ଅନୁଯାୟୀ ଆମେରିକା 'ହୁ' କୁ ସମସ୍ତ ପାଣ୍ଠି ସ୍ଥଗିତ ରଖିଥିଲା ଏବଂ ଜେନେଭା ମୁଖ୍ୟାଳୟ ଏବଂ ବିଶ୍ୱବ୍ୟାପୀ 'ହୁ' କାର୍ଯ୍ୟାଳୟରୁ ଏହାର ସମସ୍ତ କର୍ମଚାରୀ ଏବଂ ଠିକାଦାରମାନଙ୍କୁ ପ୍ରତ୍ୟାହାର କରିନେଇଥିଲା। ଆମେରିକା ଆଉ 'ହୁ' ର ସଦସ୍ୟ ନୁହେଁ । ଜେନେଭାରେ 'ହୁ' ମୁଖ୍ୟାଳୟ ବାହାରେ ଆମେରିକୀୟ ପତାକା ମଧ ହଟାଇ ଦିଆଯାଇଛି ।

ଟ୍ରମ୍ପ ପ୍ରଶାସନ କହିଛି ଯେ ହୁ କୋଭିଡ-୧୯ ମହାମାରୀ ପରିଚାଳନାରେ ଗୁରୁତର ଭୁଲ କରିଛି । ସଂଗଠନ ଆବଶ୍ୟକୀୟ ସଂସ୍କାର କରିବାରେ ବିଫଳ ହୋଇଛି ଏବଂ କିଛି ସଦସ୍ୟ ଦେଶର ରାଜନୈତିକ ଚାପରେ କାର୍ଯ୍ୟ କରିଛି । *(ପୃଷ୍ଠା ୭ରେ)*

# ରାତିର ତାପମାତ୍ରା ଅପରିବର୍ତ୍ତିତ

**ଭୁବନେଶ୍ୱର, ୨୩।୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଶୀତର ପ୍ରକୋପ କମିବା ସହିତ ଏବେ ତାପମାତ୍ରା ଧୀରେ ଧୀରେ ବଢ଼ି ଚାଲିଛି। ତେବେ ଆସନ୍ତା ୪ରୁ ୫ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟର ୩ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ଥିବାବେଳେ ୧୫ ଡିଗ୍ରୀ ତଳେ ୨୮ଟି ସହର ରହିଥିଲା। ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୬.୨ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ସେମିଳିଗୁଡା ୭.୧ ଡିଗ୍ରୀ, ଝାରସୁଗୁଡା ୯.୩ ଡିଗ୍ରୀ, କିରେଇ ୧୦.୩ ଡିଗ୍ରୀ, ନବରଙ୍ଗପୁର ୧୦.୫ ଡିଗ୍ରୀ, ସୁନ୍ଦରଗଡ଼ ୧୧.୨ ଡିଗ୍ରୀ, ଢେଙ୍କାନାଳ ୧୨ ଡିଗ୍ରୀ, ରାୟଗଡ଼ା ୧୨ ଡିଗ୍ରୀ, ମାଲକାନଗିରି ୧୨.୨ ଡିଗ୍ରୀ, କୋରାପୁଟ ୧୨.୨ ଡିଗ୍ରୀ, ଚିପିଲିମା ୧୨.୫ ଡିଗ୍ରୀ, ବଲାଙ୍ଗୀର ୧୨.୬ ଡିଗ୍ରୀ, ନୂଆପଡା ୧୨.୮ ଡିଗ୍ରୀ, ପାରଳାଖେମୁଣ୍ଡି ୧୨.୮ ଡିଗ୍ରୀ, କଟକ ୧୨.୮ ଡିଗ୍ରୀ, କେନ୍ଦ୍ରାପଡା ୧୨.୮ ଡିଗ୍ରୀ, ରାଉରକେଲା, ବରଗଡ଼, କେନ୍ଦୁଝର ଏବଂ ଅନୁଗୋଳରେ ୧୩ ଡିଗ୍ରୀ, ଯାଜପୁର, ଦେବଗଡ଼ ଓ ମହିଷାପାଟରେ ୧୩.୬ ଡିଗ୍ରୀ, ଭୁବନେଶ୍ୱର ଓ ସୋନପୁରରେ ୧୪ ଡିଗ୍ରୀ, ରାଣିତାଲ ୧୪.୪ ଡିଗ୍ରୀ, ବାରିପଦା ୧୪.୬ ଡିଗ୍ରୀ ଏବଂ ହୀରାକୁଦରେ ୧୪.୮ ଡିଗ୍ରୀ ରହିଥିଲା। ସେହିପରି ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବା ନେଇ ସତର୍କତା ଜାରି କରାଯାଇଛି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଜାନୁଆରୀ ୨୦୨୬ ଶନିବାର







# ବିଦ୍ୟାଳୟରେ ୧୦ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଖଣ୍ଡ ଦେଉଳି ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦ଜଣ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉତ୍କଳ ସ୍ୱାଭିମାନ ମଞ୍ଚ ସହଯୋଗରେ ଉନ୍ମୋଚିତ ହୋଇଯାଇଛି । ସ୍କୁଲର ୧୯୯୧ ବ୍ୟାଚ୍ ପିଲାଙ୍କ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାଶ, ଯୁଗ୍ମ ସମ୍ପାଦକ ବାସୁଦେବ ସାହୁ, ଦକ୍ଷିଣ ଓଡ଼ିଶା ସଂଯୋଜକ ମୃତ୍ୟୁଞ୍ଜୟ ମିଶ୍ର, ହରେକୃଷ୍ଣ ପଣ୍ଡା, ବରିଷ୍ଠ ସଦସ୍ୟ ସୁବାଷ ଚନ୍ଦ୍ର ପଣ୍ଡା, ସୂର୍ଯ୍ୟନାରାୟଣ ମହାରଣା, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ହରପ୍ରିୟା କର ଯୋଗଦେଇ ମହାପୁରୁଷ ମାନଙ୍କ ସ୍ମୃତି ଚାରଣ କରିଥିଲେ । ପିଲାମାନଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ପଣ୍ଡା ତଥା ସ୍ଥାନୀୟ ଜନସାଧାରଣ ଭୂୟସୀ ପ୍ରଶଂସା କରିବା ସହ କୋଣ ଅନୁକୋଣରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

# ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାମ ସାରିବାକୁ ନିର୍ଦ୍ଦେଶ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାପରିଷଦର ଅଷ୍ଟମ ବୈଠକ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି । ଏହି ସଭାରେ ସାଂସଦ ବାଲେଶ୍ୱର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ଜିଲ୍ଲାର ସମସ୍ତ ବିଧାୟକ ବୃନ୍ଦ, ଜିଲ୍ଲା ପରିଷଦର ଉପାଧ୍ୟକ୍ଷା, ସମସ୍ତ ସଭ୍ୟ, ସଭ୍ୟା, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ସଭାର ଆରମ୍ଭରେ ପୂର୍ବ ସଭାର କାର୍ଯ୍ୟବୃତ୍ତାନ୍ତ ଓ ସେ ସମ୍ପର୍କିତ କାର୍ଯ୍ୟାନୁଷ୍ଠାନର ପ୍ରଗତି ସମୀକ୍ଷା କରାଯାଇଥିଲା । ଏହି ସଭାରେ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷାମାନେ ମଧ୍ୟ ଉପସ୍ଥିତ ଥିଲେ । ଗ୍ରାମୀଣ ଉନ୍ନୟନ, ପୂର୍ତ୍ତ ବିଭାଗ, ପିଏଚ୍‌ଡି, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ ଅଧୀନରେ ଆରମ୍ଭ ହୋଇନଥିବା ଏବଂ ଚାଲୁଥିବା ପ୍ରକଳ୍ପଗୁଡ଼ିକ, ବିଶେଷକରି ରାସ୍ତା ସଂଯୋଗ ଓ ଜଳସେଚନ ପ୍ରକଳ୍ପ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ସହିତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଜନା, ଧାନ କ୍ରୟ ଯୋଗାଣ/ସିଭିଲ୍ ସପ୍ଲାଇଜ୍, ପେନ୍‌ସନ୍ ଯୋଜନା ସମେତ ଅନ୍ୟାନ୍ୟ ଜନହିତକାରୀ କାର୍ଯ୍ୟକ୍ରମ ଉପରେ ମଧ୍ୟ ସମୀକ୍ଷା ଓ ଆଲୋଚନା ହୋଇଥିଲା । ପର୍ଯ୍ୟଟନ, ଖାଦ୍ୟ ଯୋଗାଣ, ଶିକ୍ଷା ଓ ସ୍କୁଲ ସମ୍ବନ୍ଧୀୟ ବିଷୟ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ସମସ୍ତ ପ୍ରକଳ୍ପ ଓ ଯୋଜନାକୁ ନିର୍ଦ୍ଧାରିତ ସମୟ ସୀମାରେ ଗୁଣମାନ ସହିତ ସମାପ୍ତ କରିବା ଏବଂ ସାଧାରଣ ଲୋକଙ୍କୁ ଲାଭ ପହଞ୍ଚାଇବା ଉପରେ ସଭାରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।

# ବ୍ରହ୍ମପୁର ବନଖଣ୍ଡରେ ପକ୍ଷୀଗଣନା ଶେଷ: ୯୯ ପ୍ରଜାତିର ପକ୍ଷୀ ଚିହ୍ନଟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବନଖଣ୍ଡରେ ପକ୍ଷୀଗଣନା ଶେଷ ହୋଇଛି । ମୋଟ୍ ୯୯ ପ୍ରକାରର ପକ୍ଷୀ ବିଭିନ୍ନ ଅଞ୍ଚଳରେ ଠାବ ହୋଇଛନ୍ତି । ଚଳିତ ଥର ବିଭିନ୍ନ ଜଳାଶୟରେ ବିଦେଶୀ ପକ୍ଷୀଙ୍କୁ ଦେଖିବାକୁ ମିଳିଥିଲା । ମୋଟ୍ ୨୦ ହଜାର ୧୯ଟି ପକ୍ଷୀ ଠାବ ହୋଇଥିଲା ବେଳେ ୪ଟି ବନାଞ୍ଚଳରେ ୫୦ଟି ଟିମ୍ ପକ୍ଷୀ ଗଣନାରେ ନିୟୋଜିତ ହୋଇଥିଲା । ଠାବ ହୋଇଥିବା ବିଦେଶୀ ପକ୍ଷୀଙ୍କ ଭିତରେ ଅଛନ୍ତି ରେଡ୍ କ୍ରିଷ୍ଟେଡ୍ ପୋଚାର୍ଡ଼ ଭଳି ଆଫ୍ରିକୀୟ ପକ୍ଷୀ । ସାଧାରଣତଃ ଉତ୍ତର ଓ ଦକ୍ଷିଣ ଆଫ୍ରିକାରେ ଦିଶୁଥିବା ଏହି ପକ୍ଷୀ ଶୀତଦିନେ ଏସିଆ ଦେଶକୁ ଚାଲି ଆସନ୍ତି । ଭାରତ ଓ ମଙ୍ଗୋଲିଆର ସମୁଦ୍ର ଓ ସାମୁଦ୍ରିକ ଜଳାଶୟରେ ଶୀତଦିନ କାଟି ପୂର୍ବ ନିଜ ଅଞ୍ଚଳକୁ ଫେରିଯାଆନ୍ତି । ସେହିପରି କମନ୍ କୁଟ୍, କଟନ୍ ପିଗ୍ମୀ ଗୁସ୍, ନର୍ଥନ ପେଙ୍ଗଟାଲ, ପୋଚାର୍ଡ଼, ରୁଡ଼ୀ ସିଲ୍ଡ ଡ଼କ୍, କାସ୍ପିଆନ୍ ଟର୍ନ, ନର୍ଥନ ସୁବର, ବ୍ଲାକ୍ ୱିଙ୍ଗଡ୍ ଷ୍ଟିଲ୍ଟ, ଗଡ୍ୱାଲ, ଗଡ୍ ୱିଟ୍ ଭଳି ପ୍ରଜାତିର ପକ୍ଷୀଙ୍କୁ ବହୁ ମାତ୍ରାରେ ଦେଖିବାକୁ ମିଳିଛି । ବ୍ରହ୍ମପୁର ବନାଞ୍ଚଳରେ ନିୟୋଜିତ ୧୩ଟି ଟିମ୍ ସର୍ବାଧିକ ୧୧ ହଜାର ୫୧୭ଟି, ଖଲ୍ଲିକୋଟରେ ୧୬ଟି ଟିମ୍ ୫ ହଜାର ୨୩୮, ଦିଗପହଣ୍ଡିରେ ୧୩ ଟିମ୍ ୧୪୭୨ଟି ଓ ସାମନ୍ତରାପୁରରେ ୮ଟି ଟିମ୍ ୧୭୯୨ଟି ପକ୍ଷୀ ଠାବ କରିଛନ୍ତି । ପୋଡାଗଡ଼ ବାହୁଦା ନଦୀ ଓ ମୁହାଣରେ ବହୁଳ ପକ୍ଷୀ ଠାବ କରାଯାଇଛି । ସେହିପରି ଟାମ୍ପରା ହ୍ରଦ ମଧ୍ୟରେ ଚଳିତ ବର୍ଷ ସବୁଠୁ ଅଧିକ ୪ ହଜାର ୯୨ଟି ପକ୍ଷୀଙ୍କୁ ଗଣନା ଟିମ୍ ଠାବ କରିଥିବା ଡ଼ିଏଫ୍ଓ ସୂଚନା ଦେଇଛନ୍ତି ।

# ଶତପ୍ରତିଶତ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର୍ ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲାର ସମସ୍ତ ତହସିଲଦାର, ସୁପର ଭାଇଜର, ଅତିରିକ୍ତ ତହସିଲଦାର ଉପସ୍ଥିତ ରହି ଜିଲ୍ଲାରେ ରାଜସ୍ୱ ଆଦାୟ କରିବା ପାଇଁ ଗୁରୁତ୍ୱ ଦେଇଥିଲେ । ଖଣି ଖାଦାନ, ଚୋରା ବାଲି, ମାଟି ଓ ଟିପି ନନେଇ ଚୋରାରେ ବାଲି ନେଇ ଯାଉଥିବା ହାଇୱା ଗୁଡିକୁ ଜବତ କରି ଜରିମାନା ଆଦାୟ କରିବା ସଂପର୍କରେ ଆଲୋଚନା କରାଯାଇଛି । ଜୁଇଖାନା ସଂଶୋଧନ ଓ ଜିଲ୍ଲାରେ ଥିବା ଭୂମିହୀନ ମାନଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ କରିବା ଆଦି ସଂପର୍କରେ ଆଲେଚନା କରିଥିଲେ । ଏଥି ସହିତ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ରାଜସ୍ୱ ଆଦାୟକୁ ସଂପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।



# ଟାଟା ଷ୍ଟିଲ୍ ପକ୍ଷରୁ ୨୯୦ ୟୁନିଟ୍ ରକ୍ତ ସଂଗ୍ରହ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ସାମାଜିକ କଲ୍ୟାଣ ଏବଂ ସ୍ୱାସ୍ଥ୍ୟସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ, ଟାଟା ଷ୍ଟିଲ୍, କଳିଙ୍ଗନଗର ପକ୍ଷରୁ ଫ୍ଲୁ-୨ ଅଡିଟୋରିୟମ୍‌ଠାରେ ଏକ ବୃହତ ରକ୍ତଦାନ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା, ଯାହାଫଳରେ ଆଞ୍ଚଳିକ ଚିକିତ୍ସା ଆବଶ୍ୟକତାକୁ ପୂରଣ କରିବା ପାଇଁ ୨୯୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ଟାଟା ଷ୍ଟିଲ କୋକ୍ ପ୍ଲାଣ୍ଟ "ଯୁଗ୍ମ ବିଭାଗୀୟ କମିଟି (ଜେସିଡି) ଦ୍ୱାରା ଏହି ଶିବିର ଆୟୋଜିତ ହୋଇଥିଲା । ଏଥିରେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଓଡ଼ିଶା ବ୍ଲଡ୍ ସେଣ୍ଟର, ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଓଡ଼ିଶା ବ୍ଲଡ୍ ସେଣ୍ଟର ଏବଂ କଟକ ଏସ୍.ସି.ବି (ଏସ୍‌ସିବି) ବ୍ଲଡ୍ ବ୍ୟାଙ୍କ ସହଯୋଗ କରିଥିଲେ । ଏହି ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକ ସହିତ ସହଭାଗିତା କରି ଏହା ନିଶ୍ଚିତ କରାଯାଇଥିଲା ଯେ, ସଂଗୃହିତ ରକ୍ତ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିନିଯୋଗ ହୋଇପାରିବ । ଟାଟା ଷ୍ଟିଲ୍ କଳିଙ୍ଗନଗରର ଉପ-ସଭାପତି (ଅପରେସନ୍) ଉତ୍ତମ ସିଂ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ନିଜେ ମଧ୍ୟ ରକ୍ତଦାନ କରିଥିଲେ । ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିଅନ୍‌ର ସଭାପତି ରବୀନ୍ଦ୍ର କୁମାର ଜାମୁନାଙ୍କ ସମେତ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଜୀବନ ରକ୍ଷା କ୍ଷେତ୍ରରେ ସ୍ୱେଚ୍ଛାକୃତ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ୨୯୦ ଜଣ ରକ୍ତଦାତାଙ୍କ ମଧ୍ୟରେ କମ୍ପାନୀର କର୍ମଚାରୀ, ଚୁକ୍ତିଭିତ୍ତିକ ଶ୍ରମିକ ଏବଂ ଭେଣ୍ଡର ପାର୍ଟନରମାନେ ମଧ୍ୟ ସାମିଲ୍ ଥିଲେ ।

# ନିର୍ବାଚନ ଗରିମାକୁ ଅକ୍ଷୁର୍ଣ୍ଣ ରଖିବାକୁ ସଂକଳ୍ପ

**କଟକ, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୫ ଜାନୁୟାରୀରେ ହେବାକୁଥିବା ଜାତୀୟ ମତଦାତା ଦିବସ ଉପଲକ୍ଷେ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ



ସଦ୍‌ଭାବନା କକ୍ଷଠାରେ ମତଦାତାଙ୍କ ସଂକଳ୍ପ ପାଠ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ସଂକଳ୍ପ ପାଠ କରାଇଥିଲେ । ସଂକଳ୍ପରେ "ଆମେ ଭାରତର ନାଗରିକ ବୃନ୍ଦ, ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି ଏହି ଶପଥ ନେଉଛୁ କି ଆମେ ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବୁ ତଥା ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି, ନିର୍ଭୀକ ହୋଇ, ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାରର ପ୍ରୟୋଗ କରିବୁ" ବୋଲି ମତଦାତାମାନେ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ଏହି ଗରିମାମୟ କାର୍ଯ୍ୟକ୍ରମ "ମୋ ଭାରତ, ମୋ ଭୋଟ" ଧାରଣାକୁ ନେଇ ଆୟୋଜନ କରାଯାଇଥିଲା । ଏହି ଅବସରରେ ଡେପୁଟି କଲେକ୍ଟର (ନିର୍ବାଚନ) ଅମ୍ଲାନ ଅପରାଜିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସଂକଳ୍ପ ପାଠରେ ଅଂଶଗ୍ରହଣ କରିଥିଲେ । ଗଣତନ୍ତ୍ରର ମୂଳ ଆଧାର ଭାବେ ମତଦାନର ଗୁରୁତ୍ୱ ଓ ନାଗରିକଙ୍କ ଦାୟିତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ଥିଲା ।



# ବେଦର ପ୍ରସାର ଓ ପ୍ରଚାର ପାଇଁ ପ୍ରିୟବ୍ରତ ଦାସଙ୍କ ଅବଦାନ ଅତୁଳନୀୟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଇଞ୍ଜିନିୟର ପ୍ରିୟବ୍ରତ ଦାସ ବେଦର ପ୍ରଚାର ଓ ପ୍ରସାର ନିମନ୍ତେ ଓଡ଼ିଶାବାସୀଙ୍କ ନିକଟରେ ଚିରସ୍ମରଣୀୟ ହୋଇ ରହିବେ । ତାଙ୍କଦ୍ୱାରା ପ୍ରତିଷ୍ଠିତ 'ଆର୍ଯ୍ୟ ସମାଜ'ରେ ବିବାହ ବ୍ରତ ଆଦି ବହୁ ସମାଜ ମଙ୍ଗଳ କାର୍ଯ୍ୟ ସମ୍ପାଦନ ହୋଇ ତାଙ୍କୁ ଅମର ରଖିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । 'ଓଡ଼ିଶା ଲେଖକ ସମବାୟ ସମିତି'ର ମାସିକ ଆଲୋଚନାଚକ୍ରରେ ସଭାପତି ପୀତବାସ ରାଉତରାୟ ପ୍ରିୟବ୍ରତ ଦାସଙ୍କ ତିରୋଧାନ ଉପଲକ୍ଷେ ସ୍ମୃତିସଭାରେ ତାଙ୍କ ଜୀବନରେ ବେଦ ଓ ଉପନିଷଦକୁ ନେଇ ଅସଂଖ୍ୟ ପୁସ୍ତକର ରଚୟିତା ଭାବେ ବେଦବାଣୀର ପ୍ରଚାର ଓ ପ୍ରସାର ପାଇଁ ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ । ବରିଷ୍ଠ ସଭ୍ୟ ମନୋଜ କୁମାର ଜେନା ପ୍ରିୟବ୍ରତ ଦାସଙ୍କ ସମାଜ ସଂସ୍କାର କାର୍ଯ୍ୟ ଯଥା ପଶୁବଳି ଓ ଜାତିପ୍ରଥା ବିରୋଧ ଓ ବିଧବା ବିବାହ ସପକ୍ଷରେ ସ୍ୱର ଉତ୍ତୋଳନ କରିଥିଲେ ବୋଲି ବକ୍ତବ୍ୟ ରଖିଥିଲେ । ଗବେଷକ ଡ. ସିଦ୍ଧାର୍ଥ କାନୁନ୍‌ଗୋ ବିବାହ ସଂସ୍କାରରେ ପ୍ରିୟବ୍ରତ ଦାସଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟତମ ସଦସ୍ୟ ସତ୍ୟବାଦୀ ରଥ ପ୍ରିୟବ୍ରତ ଦାସଙ୍କୁ ଜଣେ ପ୍ରବାଦପୁରୁଷ ବୋଲି ବର୍ଣ୍ଣନା କରି ଓଡ଼ିଶାରେ ହୋଇଥିବା ବହୁ ପ୍ରକଳ୍ପର ବିଶ୍ୱକର୍ମା ଭାବେ ବର୍ଣ୍ଣନା କରିଥିଲେ । ଉପସଭାନେତ୍ରୀ ଡ. ପ୍ରେମଲତା ଦେବୀ ପ୍ରିୟବ୍ରତ ଦାସଙ୍କର ପ୍ରକାଶିତ ବେଦ ଓ ଉପନିଷଦ ସହ ବୈଦିକ ସଂସ୍କାର ପଦ୍ଧତି ଉପରେ ପୁସ୍ତକମାନଙ୍କର ବ୍ୟାଖ୍ୟା କରିଥିଲେ । ସଭାପତି ପୀତବାସ ରାଉତରାୟ ପ୍ରିୟବ୍ରତ ଦାସଙ୍କ ବେଦର ପ୍ରଚାର ଓ ପ୍ରସାର ଦିଗରେ କେବଳ ଓଡ଼ିଶା ନୁହେଁ, ଭାରତ ତଥା ପୃଥିବୀବ୍ୟାପୀ କାର୍ଯ୍ୟର ବର୍ଣ୍ଣନା କରି ଉଦାହରଣ ଦେଇଥିଲେ । ପ୍ରାରମ୍ଭରୁ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ବରିଷ୍ଠ ସଭ୍ୟ ବିରଜା ପ୍ରସାଦ ଶତପଥୀ ବେଦର ସମାଜରେ ପ୍ରଭାବ ସମ୍ପର୍କରେ ବର୍ଣ୍ଣନା କରି ଧନ୍ୟବାଦ ଦେଇଥିଲେ । ପ୍ରାରମ୍ଭରୁ ପ୍ରିୟବ୍ରତ ଦାସଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ





**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ଆଦେଶ ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ଖଲିଆପାଲି ଅଙ୍ଗନବାଡ଼ି-ଘ କେନ୍ଦ୍ର ଠାରେ ବାଳିକା ମାନଙ୍କ ଅଧିକାର ବିଷୟ ତଥା ବାଲ୍ୟ ବିବାହ ମୁକ୍ତ ଭାରତ (NALSA-ASHA) ବିଷୟ ବାବଦରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଉପଜିଲ୍ଲାପାଳ, ସୋନପୁର ଡ଼ ସୌମ୍ୟରୁପା ରଥ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ସଚିବ ଦେବାଶିଷ ଦାସ, ସଦର ଉପ-ଆରକ୍ଷୀ ଅଧିକ୍ଷକ ରେଣୁକା ସୁନା ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଯୋଗଦେଇଥିଲେ । ପ୍ରଥମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ସଚିବ ଦେବାଶିଷ ଦାସ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ଜାତୀୟ ଆଇନ୍ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ ଏବଂ ବାଳିକା ମାନଙ୍କ ଆଇନ୍‌ଗତ ଅଧିକାର ବିଷୟ ଆଲୋଚନା କରିଥିଲେ । ଉପଜିଲ୍ଲାପାଳ ଡକ୍ଟର ସୌମ୍ୟରୁପା ରଥ ସମସ୍ତଙ୍କୁ ଭୋଟର ମାନଙ୍କ ଅଧିକାର ବିଷୟରେ ଆଲୋକପାତ କରିଥିଲେ । ଉପ-ଆରକ୍ଷୀ ଅଧିକ୍ଷକ ରେଣୁକା ସୁନା ବାଳିକା ମାନଙ୍କ ଆଇନଗତ ଅଧିକାର ବିଷୟ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ବାଲ୍ୟ ବିବାହ ଉପରେ ଥିବା ବିଭିନ୍ନ ଆଇନ୍ ଉପରେ ଆଲୋକପାତ କରିଥିଲେ ।

# ବିପୁଳ ମଦ ଜବତ: ୨ ଗିରଫ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁରର ଜିଲ୍ଲାପାଳ ଜେ. ସୋନାଲ ଏବଂ ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଓ ଜଗତସିଂହପୁର ଅବକାରୀ ଅଧିକ୍ଷକ ଅନିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏରସମାର ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ପାଲଙ୍କ ଉପସ୍ଥିତରେ ଏରସମା ଥାନା ସହିତ ବାଲିକୁଦା ଅବକାରୀ ଥାନା ପକ୍ଷରୁ ଏରସମା ତହସିଲର ରାମତରା ଗ୍ରାମରେ ମିଳିତ ଚଢଉ କରାଯାଇ ୧୨ ଲିଟର ବିଦେଶୀମଦ ଏବଂ ୪୧ ଲିଟର ବିଅର ଜବତ କରାଯାଇଛି । ଏଥିସହିତ ଚୋରା ମଦ ବିକ୍ରି ଅଭିଯୋଗରେ ରାମତରା ଗ୍ରାମର କବିତାରାଣୀ ସେଠୀ ଓ ସୁମିତ୍ରା ମଣ୍ଡଳଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ୨୨ ତାରିଖ ଏହି ଚଢଉରେ ପଦ୍ମପୁର ରାଜସ୍ୱ ନିରୀକ୍ଷକ ରାଜୀବ ରଞ୍ଜନ ନାୟକ, ବାଲିକୁଦା ଅବକାରୀ ଥାନାର ନିରୀକ୍ଷକ ଶ୍ରୀକାନ୍ତ ପଟ୍ଟନାୟକ, କନେଷ୍ଟବଳ ଦୀନବନ୍ଧୁ ସେଠୀ, ପ୍ରତିମା ଜେନା, ଶୁଭଶ୍ରୀ ବିଶ୍ୱାଳ, ଏରସମା ଥାନର ଏଏସ୍‌ଆଇ ଶୁଶାନ୍ତ କୁମାର ଆଚାର୍ଯ୍ୟ ଓ ଆଲିଶା ପ୍ରତିଭା ମିଞ୍ଜ ପ୍ରମୁଖ ସାମିଲ ଥିଲେ ।

# ବିଶାଖାପାଟଣା ରେଳ ଷ୍ଟେସନ୍‌ରେ ହ୍ୟୁମାନଏଡ୍ ରୋବୋର୍ଟ ପ୍ରଚଳନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଯାତ୍ରୀ ସୁରକ୍ଷା, ସୁରକ୍ଷା ଏବଂ ସେବା ପ୍ରଦାନକୁ ବୃଦ୍ଧି କରିବା ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବ ତଟ ରେଳପଥ ରେଳ ସୁରକ୍ଷା ବଳ (RPF)ର ତତ୍ତ୍ୱାବଧାନରେ ବିଶାଖାପାଟଣା ରେଳ ଷ୍ଟେସନୟରେ ଏକ ହ୍ୟୁମାନଏଡ୍ ରୋବୋଟ୍ 'ଏଏସ୍‌ସି ଅର୍ଜୁନ' ପ୍ରଚଳନ କରିଛି । ପ୍ରଥମଥର ପାଇଁ ଭାରତୀୟ ରେଳବାଇ ଏହି ପ୍ରକାର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଛି । ବିଶାଖାପାଟଣା ରେଳ ଷ୍ଟେସନ୍‌ରେ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଏକେ ଦୁବେଙ୍କ ଉପସ୍ଥିତିରେ ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ ଆଲୋକ ବୋହରା ଏବଂ ଡିଭିଜନାଲ ରେଲୱେ ମ୍ୟାନେଜର ଲଳିତ ବୋହରା ଏହି ହ୍ୟୁମାନଏଡ୍ ରୋବୋଟ୍‌କୁ ଉନ୍ମୋଚନ କରିଥିଲେ । ରେଳ ସୁରକ୍ଷା ବଳର ଆଧୁନିକୀକରଣ ଏବଂ ଡିଜିଟାଲ୍ ରୂପାନ୍ତରଣ ପଦକ୍ଷେପର ଅଂଶ ଭାବରେ ନିୟୋଜିତ ଏହି ହ୍ୟୁମାନଏଡ୍ ରୋବୋଟ୍ ବିଭିନ୍ନ ରେଳ କାର୍ଯ୍ୟକୁ ସଠିକ୍ ଭାବରେ କରିବା ପାଇଁ ଡିଜାଇନ୍ କରାଯାଇଛି, ବିଶେଷକରି ସୁରକ୍ଷା, ଯାତ୍ରୀ ସହାୟତା, ଭିଡ଼ ପରିଚାଳନା, ସ୍ୱଚ୍ଛତା ତଦାରଖ ଏବଂ ସୁରକ୍ଷା ସଚେତନତା କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇପାରିବ । ଏହି ରୋବୋଟଟି ସମ୍ପୂର୍ଣ୍ଣ ଭାବରେ ବିଶାଖାପାଟଣାରେ ଡିଜାଇନ୍ ଏବଂ ବିକଶିତ ହୋଇଛି, ଯେଉଁଥିରେ ସ୍ୱଦେଶୀ ଜ୍ଞାନକୌଶଳ ମାଧ୍ୟମରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି । ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ ଆଲୋକ ବୋହରା ଏବଂ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଏକେ ଦୁବେଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଏହି ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ସଫଳତାର ସହିତ ବିକଶିତ କରିବା ପାଇଁ ଏକ ବର୍ଷରୁ ଅଧିକ ସମୟ ଧରି କଠିନ ପରିଶ୍ରମ କରିଛି । ରୋବୋଟ ମୁହଁ ପରିଚୟ ପ୍ରଣାଳୀ (FRS) ବ୍ୟବହାର କରି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିପାରିବ ଏବଂ IoT-ସକ୍ଷମ ଆଲର୍ଟ ମାଧ୍ୟମରେ ତୁରନ୍ତ RPF କର୍ମଚାରୀଙ୍କୁ ସତର୍କ କରିପାରିବ, ଯାହା ଦ୍ରୁତ ପ୍ରତିକ୍ରିୟା ସୁନିଶ୍ଚିତ କରିବା ଏବଂ ଚିହ୍ନଟ ସମୟ ହ୍ରାସ କରିବା ପାଇଁ ଉପଯୋଗୀ ହୋଇପାରିବ । ଇଓ-ଆଧାରିତ ଯାତ୍ରୀ ଭିଡକୁ ବିଶ୍ଳେଷଣ କରି ଭିଡ଼କୁ ରୋକିବାରେ ସାହାଯ୍ୟ କରେ ଏବଂ ପିକ୍ ଆୱାରରେ ସକ୍ରିୟ ଭିଡ଼ ନିୟନ୍ତ୍ରଣ ପଦକ୍ଷେପକୁ ସକ୍ଷମ କରେ । ରୋବୋଟ୍ ନିୟନ୍ତ୍ରଣ କକ୍ଷକୁ ବାର୍ତ୍ତା ପଠାଇବ ଏବଂ ଶୀଘ୍ର ପ୍ରତିକ୍ରିୟା ପାଇଁ ସୁରକ୍ଷା କର୍ମୀଙ୍କୁ ସତର୍କ କରିବ । ସ୍ୱୟଂଚାଳିତ ସୁରକ୍ଷା ଏବଂ ସୂଚନା ଘୋଷଣା ଇଂରାଜୀ, ହିନ୍ଦୀ ଏବଂ ତେଲୁଗୁ ଭାଷାରେ ପ୍ରଦାନ କରାଯିବ, ଯାହା ଯାତ୍ରୀ ସଚେତନତା ଏବଂ ଅନୁପାଳନକୁ ଉନ୍ନତ କରିବ । ଏହା ପିକ୍ ଆୱାରରେ ପ୍ରଭାବଶାଳୀ ଭାବରେ ମାର୍ଗଦର୍ଶନ କରିବାକୁ ଜନସାଧାରଣଙ୍କୁ ସକ୍ଷମ କରିବ । ପ୍ରତିବନ୍ଧକ ଏଡ଼ାଇବା ସହିତ ପୂର୍ବନିର୍ଦ୍ଧାରିତ ପଥରେ ଅର୍ଦ୍ଧ-ସ୍ୱୟଂଶାସିତ ନାଭିଗେସନ୍‌କୁ ନିରନ୍ତର ପାଟ୍ରୋଲିଂ ଏବଂ ୨୪୭ ଉପସ୍ଥିତିକୁ ଅନୁମତି ଦେଇଥାଏ, ଯାହା ମାନବ ସମ୍ବଳର ବୋଝକୁ ହ୍ରାସ କରିଥାଏ । ଏହା ଫଳପ୍ରଦ ସୁରକ୍ଷା ପରିଚାଳନାରେ ଉନ୍ନତି ଆଣିବ । ଏଏସ୍‌ସି ଅର୍ଜୁନ ବନ୍ଧୁତ୍ୱପୂର୍ଣ୍ଣ ଅଙ୍ଗଭଙ୍ଗୀ ଏବଂ ସୂଚନା ସହାୟତା ମାଧ୍ୟମରେ ଯାତ୍ରୀମାନଙ୍କ ସହ ଭାବିନିମୟ କରିଥାଏ, ଯାହା ଜନସାଧାରଣଙ୍କ ବିଶ୍ୱାସ ଏବଂ ଆର୍.ପି.ଏଫ୍. କର୍ତ୍ତୃପକ୍ଷଙ୍କ ଧାରଣାକୁ ବୃଦ୍ଧି କରିଥାଏ । ଏଏକ ସମନ୍ୱିତ ଡ୍ୟାସବୋର୍ଡ ସହିତ ନିରନ୍ତର ନିରୀକ୍ଷଣ ଆର୍.ପି.ଏଫ୍. ଏବଂ କଣ୍ଟ୍ରୋଲ୍ ରୁମ୍ ଦ୍ୱାରା ପ୍ରଭାବଶାଳୀ ନିଷ୍ପତ୍ତି ନେବାରେ ସହାୟତା କରିବା ପାଇଁ ରିଅଲ୍ ଟାଇମ୍ ଇଣ୍ଟେଲିଜେନ୍ସ ପ୍ରଦାନ କରିଥାଏ । ତୁରନ୍ତ ଆଲର୍ଟ ସହିତ ନିଆଁ ଏବଂ ଧୂଆଁର ଶୀଘ୍ର ଚିହ୍ନଟ ତ୍ୱରିତ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ଯାତ୍ରୀ ସୁରକ୍ଷାକୁ ଉନ୍ନତ କରିଥାଏ । ସୁରକ୍ଷା ନିର୍ଦ୍ଦେଶାବଳୀ ଏବଂ ଭିଡ଼ ମାର୍ଗଦର୍ଶନ ପାଇଁ ବହୁଭାଷୀ ଘୋଷଣା, ଯାତ୍ରୀଙ୍କ ପାଇଁ ନମସ୍ତେ ଏବଂ RPF ଅଧିକାରୀମାନଙ୍କୁ ସାଲ୍ୟୁଟ୍ ଭଳି ସାଂସ୍କୃତିକ ଅଙ୍ଗଭଙ୍ଗୀ, RPF ନିୟନ୍ତ୍ରଣ କକ୍ଷ ସହିତ ବାସ୍ତବ-ସମୟ IoT ସଂଯୋଗ, ଜନସାଧାରଣଙ୍କ ପାରସ୍ପରିକ କ୍ରିୟା ଏବଂ ସହାୟତା ପାଇଁ ଯାତ୍ରୀ-ଅନୁକୂଳ ୟୁଜର ଇଣ୍ଟରଫେସ୍ ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ ଆଲୋକ ବୋହରା କହିଛନ୍ତି ଯେ ଏଏସ୍‌ସି ଅର୍ଜୁନର ପ୍ରଚଳନ ରେଳ ସୁରକ୍ଷାକୁ ସୁଦୃଢ଼ କରିବା, ଯାତ୍ରୀ ଅଭିଜ୍ଞତାକୁ ଉନ୍ନତ କରିବା ଏବଂ ଫ୍ରଣ୍ଟଲାଇନ୍ କର୍ମଚାରୀଙ୍କୁ ସମର୍ଥନ କରିବା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାରେ ଏକ ଅଗ୍ରଣୀ ପଦକ୍ଷେପ । ଭାରତୀୟ ରେଳବାଇ ଏକ ନିରାପଦ, ସୁରକ୍ଷିତ ଏବଂ ଯାତ୍ରୀ-ଅନୁକୂଳ ରେଳ ଇକୋସିଷ୍ଟମ୍ ସୃଷ୍ଟି କରିବା ପାଇଁ ନବସୃଜନକୁ ଗ୍ରହଣ କରିବାକୁ ପ୍ରତିବଦ୍ଧ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୪।୧।୨୦୨୬, ମାଘ ଦି୧୧ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୬।୨୫।୨୪ ଚନ୍ଦ୍ରୋଦୟ- ଦିଘ ୯।୫୩।୧୮**

**ଷଷ୍ଠୀ-** ରାଘ ୧୨।୪୨ ପର୍ଯ୍ୟନ୍ତ । **ଉତ୍ତରାଭାଦ୍ର ନକ୍ଷତ୍ର-** ଦିଘ ୨।୧୭ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ରାଘ ୧୨।୪୨ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୩୭ ଗତେ ଦିଘ ୧।୦୭ ମଧ୍ୟେ । **ପର୍ବୋତ୍ସବ-** ଜାତୀୟ କନ୍ୟା ସନ୍ତାନ ଦିବସ, ବକ୍ସି ଜଗବନ୍ଧୁ ତିରୋଧାନ ଦିବସ ।



**ମେଷ:** କର୍ମକ୍ଷେତ୍ରରେ ବିଳମ୍ବରେ ପହଞ୍ଚିବେ । ଏଣୁ ଆପଣ ସାଧାରଣତଃ ଚିନ୍ତିତ ରହିବେ । ରୋଜଗାରର ପରିମାଣ ବଢ଼ିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା । ମନ ଭଲ ରହିବ ।



**ବୃଷ:** ପରଉପକାର କରି ଆନନ୍ଦିତ ହେବେ । ଦୂରଯାତ୍ରା ପାଇଁ ପ୍ରସ୍ତୁତି ହେବେ । ବିବାଦ କ୍ଷେତ୍ରରେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ । ଆୟ ପରିମାଣ ଟିକେ କମିଯିବ । ଗୃହରେ ଆନନ୍ଦ ରହିବ ।



**ମିଥୁନ:** ଚାକିରୀ କ୍ଷେତ୍ରରୁ ସଦାସର୍ବଦା କର୍ମତତ୍ପର ରହିବେ । ଯାନବାହାନ ଠାରୁ ସତର୍କ ରହିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ ।



**କର୍କଟ:** ଆଜି ଆପଣଙ୍କର ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ଜୁଟିବ । ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ । ମୂଲ୍ୟବାନ ଦ୍ରବ୍ୟ ମଧ୍ୟ ଲାଭ କରିପାରନ୍ତି । ଦେହ ଓ ମନ ଭଲ ରହିବ । ରୋଜଗାର ଭଲ ହେବ ।



**ସିଂହ:** ବ୍ୟବସାୟ ମଧ୍ୟମ ଧରଣର ହେବ । ଶାରୀରିକ ପୀଡ଼ା ଅନୁଭବ କରିବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ସୁଖ ହାନି ଘଟିବ । ଅପ୍ରିୟ ସତ୍ୟ କହି ଅନ୍ୟମାନଙ୍କ ପାଖରେ ବିରୋଧୀ ହେବେ ।



**କନ୍ୟା:** ସାମାଜିକ ସ୍ତରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ । ବନ୍ଧୁ ମିଳନରୁ ଆପ୍ୟାୟିତ ହେବେ । କର୍ମକ୍ଷେତ୍ରରେ ସହଯୋଗୀଙ୍କ ସହଯୋଗ ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଗୃହେ ଶାନ୍ତି ରହିବ ।



**ତୁଳା:** ମନରେ କ୍ରୋଧ ଭାବ ବୃଦ୍ଧି ପାଇବ । ଅସାବଧାନତା ଯୋଗୁ ଦ୍ରବ୍ୟ ହାନୀ । ବନ୍ଧୁଙ୍କ ସାଙ୍ଗେ କଳହ ଜାତ ହେବ । ମାଲିମୋକଦ୍ଦମାରେ ବିଜୟୀ ହେବେ । ପାରିବାରିକ ଶାନ୍ତି ପ୍ରାପ୍ତ ହେବ । ଆୟ ପୂର୍ବ ପରି ସ୍ଥିର ରହିବ ।



**ବିଛା:** ଆଜି ପର ଚର୍ଚ୍ଚାରେ ଆପଣଙ୍କର ଦିନଟି ଅତିବାହିତ ହେବ । ଖର୍ଚ୍ଚର ପରିମାଣ ଅଧିକ ହେବ । ନିଜର ଲୋକ ଶତ୍ରୁତା ଆଚରଣ କରିବେ । ଶରୀର ସୁସ୍ଥ ରହିବାର ସୂଚନା । ଗୃହେ ଶାନ୍ତି ପ୍ରାପ୍ତ ହେବ ।



**ଧନୁ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । କର୍ମକ୍ଷେତ୍ରରେ ମତାନ୍ତର ସୃଷ୍ଟି ହେବ । ମନରେ ଅଶାନ୍ତି ସୃଷ୍ଟି ହେବ । ପାରିବାରିକ ଅଶାନ୍ତି ସହିତ ଦ୍ୱନ୍ଦ୍ୱ ସୃଷ୍ଟି ହେବାର ସୂଚନା ।



**ମକର:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନୀତ ହେବନାହିଁ । ଦୂରଯାତ୍ରାରୁ ସଫଳତା ହାସଲ ହେବାର ସୂଚନା । ଖୋଜୁଥିବା ଦ୍ରବ୍ୟଟି ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ସନ୍ତୋଷ ଲାଭ ହେବ ।



**କୁମ୍ଭ:** ଆପଣ ପରାଧୀନତା ଜୀବନଯାପନ କରିବେ । ଶତ୍ରୁ ନାଶ ହେବ । ମାଲିମୋକଦ୍ଦମାରେ ସଫଳତା ହାସଲ ହେବ । ଦେହ ଓ ମନ ଭଲ ରହିବ । ରୋଜଗାରର ପରିମାଣ ବଢ଼ିବାର ସୂଚନା । ଗୃହେ ଶାନ୍ତି ଲାଭ ।



**ମୀନ:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ । କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ଆୟର ପରିମାଣ ବଢ଼ିବ । ଉତ୍ତମ ଭୋଜନ ମିଳିବ । ପାରିବାରିକ ସୁଖ ବିରାଜମାନ କରିବ । ମହିଳାମାନେ ସୁଖୀ ହେବେ ।

# ଏସ୍.ଆଇ କେଲେଙ୍କାରୀ ମାମଲା: ୮ ଅଭିଯୁକ୍ତଙ୍କ ଜାମିନ୍ ଆବେଦନ ଶୁଣାଣି ଘୁଞ୍ଚିଲା

**କଟକ, ନ୍ୟୁଜ୍ ବ୍ୟୁରୋ**

ପୋଲିସ ଏସ୍‌ଆଇ କେଲେଙ୍କାରୀ ମାମଲା । ମୁନ୍ନା ମହାନ୍ତି ସମେତ ମୋଟ୍ ୮ ଜଣଙ୍କ ଜାମିନ୍ ଆବେଦନର ଶୁଣାଣି ଘୁଞ୍ଚିଲା । ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅନ୍ତରୀଣ ଜାମିନ୍ ଆବେଦନ ହୋଇଥିଲା । ଆସନ୍ତା ୧୬ ତାରିଖରେ ମାମଲାରେ ପରବର୍ତ୍ତୀ ଶୁଣାଣି । ପୋଲିସ ଏସ୍‌ଆଇ ପରୀକ୍ଷା ସ୍କାମ୍ ଘଟଣାରେ ଗିରଫ ୯ ଜଣ ଜାମିନ୍ ଆବେଦନ କରିଥିଲେ । ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ମୋଟ୍ ୯ ଜଣ ଅଭିଯୁକ୍ତ ଜାମିନ୍ ଆବେଦନ କରିଥିଲେ । ହାଇକୋର୍ଟ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜେଲ୍ କର୍ତ୍ତୃପକ୍ଷଙ୍କ ଏପରି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଏହାସହିତ ତଦନ୍ତର ସ୍ଥିତି ଅବଗତ କରାଇବାକୁ ହାଇକୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଫେବୃଆରୀ ୧୬ରେ ମାମଲାର ହେବ ପରବର୍ତ୍ତୀ ଶୁଣାଣି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୫।୧।୨୦୨୬, ମାଘ ଦି୧୨ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୬।୨୫।୧୭ ଚନ୍ଦ୍ରୋଦୟ- ଦିଘ ୧୦।୩୦।୪୧**

**ସପ୍ତମୀ-** ରାଘ ୧୧।୧୩ ପର୍ଯ୍ୟନ୍ତ । **ରେବତୀ ନକ୍ଷତ୍ର-** ଦିଘ ୧।୩୭ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଦିଘ ୧।୩୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ଦିଘ ୧।୩୭ ଗତେ ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । ଦିଘ ୧।୩୭ ଗତେ ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୧୧।୧୩ ଗତେ ନଡ଼ିଆ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୧୦।୦୯ ମଧ୍ୟେ । ଦିଘ ୧।୨୩ ଗତେ ଦିଘ ୧।୫୦ ମଧ୍ୟେ । **ପର୍ବୋତ୍ସବ-** ତିଳ ସପ୍ତମୀ, ମାଘ ସପ୍ତମୀ, ଚନ୍ଦ୍ରଭାଗା ସ୍ନାନ ଓ ଯାତ୍ରା, ନବଦିନ ବ୍ୟାପୀ ଖଣ୍ଡଗିରି ମେଳା ଆରମ୍ଭ, ବିଜୟା ସପ୍ତମୀ ବ୍ରତ ଓ ସ୍ନାନ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତ-ଆମେରିକା ଚୁକ୍ତିକୁ ନେଇ ଟ୍ରମ୍ପଙ୍କ ବୟାନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱ ଅର୍ଥନୈତିକ ଫୋରମରେ ଯୋଗଦେବା ପାଇଁ ସ୍ୱିଜରଲ୍ୟାଣ୍ଡର ଡାଭୋସରେ ପହଞ୍ଚିଛନ୍ତି । ତାଙ୍କ ଅଭିଭାଷଣ ପରେ, ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାରତ ସହିତ ଆମେରିକାର ବାଣିଜ୍ୟ ଚୁକ୍ତି ବିଷୟରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ । ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ‘ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ତାଙ୍କର ବହୁତ ସମ୍ମାନ ଅଛି, ସେ ଜଣେ ଚମତ୍କାର ବ୍ୟକ୍ତି ଏବଂ ବନ୍ଧୁ । ଆମେ ଏକ ମହାନ ବାଣିଜ୍ୟ ଚୁକ୍ତି କରିବାକୁ ଯାଉଛୁ’ ଭାରତୀୟ ଷ୍ଟକ୍ ବଜାରରେ ଚାଲିଥିବା ହ୍ରାସରେ ବ୍ରେକ୍ ଲାଗିବାର ସୂଚନା ଦେଉଥିଲା । ଭାରତ-ଆମେରିକା ଚୁକ୍ତିଠାରୁ ଆରମ୍ଭ କରି ଗ୍ରୀନଲ୍ୟାଣ୍ଡ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ଟ୍ରମ୍ପଙ୍କ ସଦ୍ୟତମ ବୟାନ ପରେ, ଅଧିକାଂଶ ଏସୀୟ ବଜାର ମଧ୍ୟ ଗ୍ରୀନ୍ ଜୋନରେ କାରବାର କରୁଥିବା ଦେଖାଯାଇଥିଲା । ଏହା ପୂର୍ବରୁ, ପୂର୍ବ ବାଣିଜ୍ୟ ଦିନରେ ଆମେରିକା ଷ୍ଟକ୍ ବଜାର ତୀବ୍ର ବୃଦ୍ଧି ସହିତ ବନ୍ଦ ହୋଇଥିଲା । ଡାଓ ଜୋନ୍ସ ୫୮୮ ପଏଣ୍ଟ, ଡାଓ ଫ୍ୟୁଚର୍ସ ୧୧୩ ପଏଣ୍ଟ ଏବଂ S&P ୭୯ ପଏଣ୍ଟ ବୃଦ୍ଧି ସହିତ ବନ୍ଦ ହୋଇଥିଲା । ଗୁରୁବାର ଏସୀୟ ବଜାରଗୁଡ଼ିକ ମଧ୍ୟ ଗ୍ରୀନ୍ ଜୋନ୍‌ରେ କାରବାରର ଆରମ୍ଭ ହେଲା । ଗତ କିଛି ଦିନ ଧରି ତୀବ୍ର ହ୍ରାସ ପରେ ଜାପାନର ନିକେଇ ସୂଚକାଙ୍କ ଶେଷରେ ଗ୍ରୀନ୍ ଜୋନ୍‌କୁ ଫେରି ଆସିଥିଲା । ନିକେଇ ପ୍ରାୟ ୧ ହଜାର ପଏଣ୍ଟ ବୃଦ୍ଧି ସହିତ କାରବାର କରିଥିଲା । ଦକ୍ଷିଣ କୋରିଆର କୋସ୍ପି ମଧ୍ୟ ୧.୬୦% ବୃଦ୍ଧି ଦେଖିଥିଲା । ନିଫ୍‌ଟି ମଧ୍ୟ ଲାଭ ସହିତ କାରବାର କରିଥିଲା । ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ଟ୍ରମ୍ପଙ୍କ ବୟାନର ଏପରି ପ୍ରଭାବ ପଡ଼ିଲା ଯେ, ସମସ୍ତ ୩୦ଟି BSE ଲାର୍ଜକ୍ୟାପ୍ ଷ୍ଟକ୍ ଖୋଲିବା ମାତ୍ରେ ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା ଏବଂ ବଜାରରେ ଝଡ଼ ସୃଷ୍ଟି ହେଲା । ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଷ୍ଟକ୍‌ଗୁଡ଼ିକ ହେଲା SBI ସେୟାର (୨.୫୦%), ଏସିଆନ୍ ପେଣ୍ଟସ୍ ସେୟାର (୨.୪୦%), BEL ସେୟାର (୨.୩୬%), ଆଦାନୀ ପୋର୍ଟସ୍ ସେୟାର (୨.୨୦%), ଟାଟା ଷ୍ଟିଲ୍ ସେୟାର (୧.୯୦%) । ମିଡକ୍ୟାପ୍ ବର୍ଗରେ ଅନ୍ତର୍ଭୁକ୍ତ ବ୍ୟାଙ୍କ ଅଫ୍ ଇଣ୍ଡିଆ ସେୟାର (୫.୭୦%), ସେଲ୍ ସେୟାର (୪.୫୦%), ଅଶୋକ ଲେଲ୍ୟାଣ୍ଡ ସେୟାର (୪.୩୦%), ସ୍ମଲ୍‌କ୍ୟାପ୍ ବର୍ଗରେ ଅନ୍ତର୍ଭୁକ୍ତ ଲୋଟସ୍ ଚକୋଲେଟ୍ ସେୟାର (୧୧%), ରାଲିସ୍ ସେୟାର (୧୦%) ଲାଭ ସହିତ କାରବାର କରୁଥିବା ଦେଖାଯାଇଥିଲା ।

# ନୌକା ନାୟିକା



ପ୍ରଫେସର ଡକ୍ଟର ତୁଷାରକାନ୍ତି ଦାସ
କନକବଟ, ସାସ୍ୱତ ବିହାର
ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ମୋ : ୯୪୩୭୧୩୩୫୩୭

ନା, ନା, ନା ପ୍ରଭୁ ନା ମୋ ନୌକାରେ ଆପଣ ପାଦ ରଖନ୍ତୁନି । ମୁଁ ଅଧମ, ଅକିଞ୍ଚନ ଆପଣଙ୍କୁ ମୋ ନୌକାରେ ପାଦ ରଖିବାକୁ ବାରଣ କରୁଥିବାରୁ ମତେ କ୍ଷମା କରିଦିଅନ୍ତୁ ପ୍ରଭୁ । ପ୍ରଥମେ ଆପଣଙ୍କ ପଦଯୁଗଳକୁ ନଦୀ ଜଳରେ ଧୋଇ ଦେବି ତାପରେ ଆପଣ ନୌକାରେ ଆସନ ଗ୍ରହଣ କରିବେ ।

ତ୍ରେତୟା ଯୁଗର କଥା ପ୍ରଭୁ ଶ୍ରୀରାମ, ମହର୍ଷି ବିଶ୍ୱାମିତ୍ର ଓ ପ୍ରଭୁ ଲକ୍ଷ୍ମଣଙ୍କ ସହ ମିଥିଳା ଯାତ୍ରା କଲାବେଳେ ଖଇରା ନଦୀ ପାରହେବା ପାଇଁ କହିବାରୁ ତାଙ୍କୁ ବାରଣ କରିବାର କାରଣ ପଚାରନ୍ତେ ନାଉରୀ ପ୍ରଭୁ ଶ୍ରୀରାମଙ୍କ ଚରଣ ସ୍ପର୍ଶ ପୂର୍ବକ ପ୍ରଣାମ କରି ଖଇରା ନଦୀ ଜଳରେ ପ୍ରଭୁ ଶ୍ରୀରାମଙ୍କ ପଦଯୁଗଳ ଧୌତ କରୁକରୁ କହିଲା “ପ୍ରଭୁ ଆପଣଙ୍କ ପଦଧୂଳି ପାଇ ପଥର, ନାରୀ ପାଲଟିଗଲା । ମୋର ତ ଘରେ ସ୍ତ୍ରୀ ଅଛି ମୋ ନୌକା ଯଦି ଆପଣଙ୍କ ଚରଣ ଧୂଳି ପାଇ ନାୟିକା ହୋଇଯିବ, ତେବେ ମୋ ସଂସାର ଭେଳା ବୁଡ଼ିଯିବ ପ୍ରଭୁ” । ପ୍ରଭୁ ଶ୍ରୀରାମଙ୍କର ମନେ ପଡ଼ିଲା ଋଷି ଗୌତମ ଓ ଋଷିପତ୍ନୀ ଅହଲ୍ୟାଙ୍କ କଥା । ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ମାନସ ସନ୍ତାନ ଅନିନ୍ଦ୍ୟ ସୁନ୍ଦରୀ ଅହଲ୍ୟାଙ୍କ ଅସାମାନ୍ୟା ରୂପରେ ବିମୋହିତ ହୋଇ ଦେବରାଜ ଇନ୍ଦ୍ର ତାଙ୍କୁ ବିବାହ କରିବାକୁ ଚାହିଁଥିଲେ କିନ୍ତୁ ଇନ୍ଦ୍ର ଅହଲ୍ୟାଙ୍କ ଯୋଗ୍ୟ ନୁହେଁ କହି ବ୍ରହ୍ମା ଋଷି ଗୌତମଙ୍କ ସହ ଅହଲ୍ୟାଙ୍କ ବିବାହ କରାଇଥିଲେ । ନିନ୍ଦିତ, ଲଜ୍ଜିତ ଇନ୍ଦ୍ର ଉପାୟ ଖୋଜୁଥିଲେ । କାମୁକ ଦେବରାଜ କାମନା, ବାସନାରେ ମଜ୍ଜି ଛଦ୍ମବେଶୀ ଗୌତମ ଋଷି ସାଜି ଋଷିଙ୍କ ଅନୁପସ୍ଥିତିରେ ଅହଲ୍ୟାଙ୍କ ସହ ଶାରୀରିକ ସଂପର୍କ ରଖି ଋଷି ଗୌତମଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇଥିଲେ । ଦେବରାଜ ଇନ୍ଦ୍ରଙ୍କ ସମଗ୍ର ଶରୀର ସହସ୍ର ଯୋନିରେ ଭରିଯାଇଥିଲା ଓ ଅହଲ୍ୟା ପଥର ପାଲଟି ଯାଇଥିଲେ । ବିନା ଦୋଷରେ ଦଣ୍ଡିତ ହୋଇଥିବାରୁ ମହର୍ଷି ଗୌତମ ଅହଲ୍ୟାଙ୍କୁ କହିଥିଲେ “ଯେତେବେଳେ ସ୍ୱୟଂ ପରଂବ୍ରହ୍ମ ଶ୍ରୀରାମ ଅବତାରରେ ଏ ଆଶ୍ରମରେ ପଦାର୍ପଣ କରିବେ ତାଙ୍କ ପାଦଧୂଳି ପଥର ଉପରେ ପଡ଼ିଲେ ତୁମେ ପୁନର୍ବାର ଅନିନ୍ଦ୍ୟ ସୁନ୍ଦରୀ ଅହଲ୍ୟା ପାଲଟିଯିବ” । ନାଉରୀ କହିଲା “ଯଦି ପ୍ରଭୁ ଶ୍ରୀରାମଙ୍କ ପଦଧୂଳି ସ୍ପର୍ଶରେ ପଥର ନାରୀ ପାଲଟି ଯାଉଛି ତେବେ ସେହି ଧୂଳି ସ୍ପର୍ଶରେ ମୋ ନୌକା ବି ନାୟିକା ପାଲଟି ଗଲେ ମୋ ସଂସାର ଭାସିଯିବ ପ୍ରଭୁ । ସେଥିପାଇଁ ଆପଣଙ୍କ ପଦଯୁଗଳ ଧୋଇ ସମସ୍ତ ପଦଧୂଳି ଅପସାରଣ କରି ଆପଣଙ୍କୁ ନୌକାରେ ବସାଇଥିଲି” ।

ଏ କଳିଯୁଗରେ କିନ୍ତୁ ବିନା ପ୍ରଭୁ ଶ୍ରୀରାମଙ୍କ ଚରଣ ଧୂଳି ସ୍ପର୍ଶରେ ନୌକା ନାୟିକା ପଦବାଚ୍ୟ ଏଥିପାଇଁ ଅନାବୃତ୍ତ, ଅନାବିଳ, କୃଷ୍ଣାମ୍ବରୀ ନୌକା ନାଉରୀ ପ୍ରେମିକା । ଯାତ୍ରା ଶେଷରେ ରାକା ରାତ୍ରିର ଜ୍ୟୋସ୍ନା ବିଧୌତ ଝଲ୍‌ସା ଜଳ ରାଶିର ନଈକୂଳରେ ଖୁଣ୍ଟିବନ୍ଧା ଜୀବନ ତାର । ପ୍ରତୀକ୍ଷା ପ୍ରେମିକ ନାଉରୀ ପାଇଁ । ଏମିତି କାଳକାଳକୁ ଯାତ୍ରା ଶେଷରେ କୂଳରେ ବନ୍ଧା ହୋଇ ନାୟିକା ସାଜି ରହିଥାଏ ନାଉରୀ ପାଇଁ । ଦୀର୍ଘପଥର ଜଳଯାତ୍ରାରେ ନୌକା ଘରଣୀ ସାଜି କାଳ, ଅକାଳ, ସବୁକାଳ ନାଉରୀକୁ ରକ୍ଷା କରେ । ତା ଭଲ ମନ୍ଦରେ ସାହା ହୁଏ । ଯାତ୍ରା ଶେଷରେ କ୍ଲାନ୍ତ ନାଉରୀ ନୌକା ଦେହରେ ତା ଦେହ ମେଲେଇ ଦେଲେ ମୃଦୁ ମଳୟ ବୁହାଇ ନୌକା ନାଉରୀର କ୍ଲାନ୍ତି ଉପଶମ କରେ । ଦାନ, ପ୍ରତିଦାନର ଏ ଦିଆନିଆ, ନାୟିକା ସାଜି ନୌକା ନାଉରୀ ପାଇଁ ଯୁଗଯୁଗକୁ ସାଇତି ରଖିଥାଏ । ନାଉରୀ ନୌକାଙ୍କ ଏ ସାନ୍ନିଧ୍ୟ ପ୍ରୀତି ସମ୍ଭାଷଣର ଏକ ଜ୍ୱଳନ୍ତ ନିଦର୍ଶନ । ଦାନ ପ୍ରତିଦାନର ଏ ଦୁନିଆରେ ନାଉରୀ ବି ଖୁବ୍ ସ୍ନେହ ଆଦରରେ ନୌକାର ଯତ୍ନ ନିଏ । ଅହୋରାତ୍ର ଅହରହ ପାଣି ପବନ ଖାଇ ବେରଙ୍ଗି ନୌକା ବିଗତ ଯୌବନା ସାଜି କ୍ଷତବିକ୍ଷତ ହେଲେ ତୁରନ୍ତ ଏହାର ଉପଚାର କରି ନୂଆରଙ୍ଗ ମାଖିଦିଏ । ନାଉରୀ, ନୌକାଙ୍କ ସମ୍ପର୍କ କୌଣସି ପ୍ରେମିକ, ପ୍ରେମିକାଙ୍କ ପ୍ରେମ କାହାଣୀଠୁ କମ୍ ନୁହେଁ ।

ଭାରତୀୟ ସାହିତ୍ୟ ଏପରିକି ବିଶ୍ୱ ସାହିତ୍ୟରେ ମଧ୍ୟ ନୌକାକୁ ନାୟିକାର ମାନ୍ୟତା ଦିଆଯାଇଛି । ମହର୍ଷି ବାଲ୍ମିକୀ ରାମାୟଣରେ ନୌକାକୁ ନାୟିକା ଭାବେ ବର୍ଣ୍ଣନା କରାଯାଇଛି । ମହାନ୍ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଖ୍ୟାତ କବି ସରୋଜିନୀ ନାଇଡୁଙ୍କ ଇଂରାଜୀ କବିତା “କରମଣ୍ଡଳ ଫିସରସ୍”ରେ ନୌକାକୁ ନାୟିକାର ଆଖ୍ୟା ଦିଆଯାଇ ସମୁଦ୍ରକୁ ମା’ ଓ ସମୁଦ୍ର ଉପର ବାଦଲକୁ ଭାଇ ଭାବେ ବର୍ଣ୍ଣନା କରାଯାଇଛି । ଅନ୍ୟ ଏକ ଭାରତୀୟ, ଶଶି ଦେଶପାଣ୍ଡେ ନୌକାକୁ ନାରୀର ମାନ୍ୟତା ଦେଇଥିଲା ବେଳେ ବିଶ୍ୱପ୍ରସିଦ୍ଧ ଆବିଷ୍କାରକ କ୍ରିଷ୍ଟୋଫର୍ କଲମ୍ବସ୍ ତାଙ୍କ ଆବିଷ୍କାରୀ ଜାହାଜର ନାଁ “ସାଣ୍ଟାମାରିଆ” ରଖିଥିଲେ ଯାହାକି ଭର୍ଜିନ୍ ମ୍ୟାରୀରୁ ଉଦ୍ଧୃତ । ସୁତରାଂ ଯଥାର୍ଥରେ କହିପାରିବା ନୌକା ହିଁ ନାଉରୀର ନାୟିକା ।

# ଆମ ଭାଷା, ଆମ ସାହିତ୍ୟ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଆମ ଭାଷା-ସାହିତ୍ୟର ପରିସରରେ ଏବେ କେତେଗୁଡ଼ିଏ ଶବ୍ଦ ବାରମ୍ବାର ପଢ଼ିବାକୁ, ଶୁଣିବାକୁ ମିଳୁଛି - ସଭାପତି, ଉପସଭାପତି, ସଂପାଦକ, ସଦସ୍ୟ, ଉପଦେଷ୍ଟା, ଆବାହକ, ଉପାୟନ, ଉପହାର, ମାନପତ୍ର ଓ ଆହୁରି ଅନେକ । ସାହିତ୍ୟର ସୁନା-ଆସନରେ ବସି, ମାନର ମୁକୁଟ ମୁଣ୍ଡରେ ପିନ୍ଧି, ପଦର ଗଦ ଶୁଂଘି କେତେକ ସତେ ଯେପରି ଢୋଳାଉଛନ୍ତି, ଏପରି ବୋଧ ହେଉଛି । କାନ୍ଧରେ ଖଣ୍ଡେ ଗାମୁଛା ପକାଇ, ହାତରେ ଖଣ୍ଡେ ମାନପତ୍ର ଧରି ଜଣେ ଜଣେ ଏମିତି ରାଗ ତାଳ ଲୟରେ ନାଚୁଛନ୍ତି, ଲାଗୁଛି ସତେ ଯେପରି ମୋଗଲ ମଣିମା ଆକବରଙ୍କ ଦରବାରରେ ତାନ୍‌ସେନ୍ ଗୀତ ଗାଇଲାବେଳେ ମୟୂର ନାଚୁଛି କି ! ସାହିତ୍ୟ-କୁଂଜବନରେ ସମ୍ବର୍ଦ୍ଧନାର ବଂଶୀଧ୍ୱନି ଅହର୍ନିଶ ଶୁଭୁଛି, ମାନପତ୍ରର କଦମ୍ବ ଗଛରେ ମନମତାଣିଆ ଫୁଲ ଫୁଟୁଛି, ପରସ୍ପର ପ୍ରଶସ୍ତିଗାନର ଯମୁନାରେ ଢେଉ ଗଣିବା ସମ୍ଭବ ହେଉ ନାହିଁ ।

ଯେକୌଣସି ଭାଷାର ଉପଦେଷ୍ଟା, ଆବାହକ ହବା ପାଇଁ କେତେଜଣ ଏପରି କସରତ କରୁଛନ୍ତି ସତେ ଯେପରି ଆମ ପିଲାଦିନେ ଶନିବାର ସକାଳୁଆ ସ୍କୁଲରେ ଡ୍ରିଲ୍‌କ୍ଲାସ୍‌ରେ ଯୋଗ ଦେଉଥିବା ପିଲାମାନଙ୍କ ଦେହ ଝାଳେଇଗଲା ଭଳି । ସତେ ଯେପରି ଉପଦେଷ୍ଟା, ଆବାହକ ଆସନରେ ବସିଲେ ରାଜ୍ୟ ରାଜଧାନୀରୁ ରାଷ୍ଟ୍ର ରାଜଧାନୀ ପର୍ଯ୍ୟନ୍ତ ଯିବାଆସିବା କରି ସେମାନଙ୍କର ଦୈହିକ ବ୍ୟାୟାମ ସହଜ ହେବ, ଖାଦ୍ୟ ଭଲ ହଜମ ହବ, ମାନସିକ ଶାନ୍ତି ମିଳିବ ଇତ୍ୟାଦି । ପ୍ରାଚୀନ, ଅର୍ବାଚୀନ ସାହିତ୍ୟ ସଂଗଠନର ପୁରୋହିତ, ପଣ୍ଡା ହବା ପାଇଁ କେତେ ଘୋଡ଼ା ଦୌଡ଼, ଫଳସ୍ୱରୂପ ଶରୀର କେତେ ଘର୍ମାକ୍ତ ହେଉଛି ସତରେ !

ପୁରସ୍କାର-ଘର ଆଗରେ ଗୋଟେ ଲମ୍ବା ଲାଇନ୍‌ରେ କିଛି ଲୋକ ଠିଆ ହୋଇ ନିଜ ନିଜ ପାଳିକୁ ଅତନ୍ଦ୍ର ଅପେକ୍ଷା କରିଥାଆନ୍ତି । କାହା ନାଁ ଡକାହେଲେ ସିଏ ଲାଇନ୍‌ରୁ ବାହାରିଆସି ଘର ଭିତରକୁ ପଶିଯାଆନ୍ତି । ଘର ଭିତରେ ବଡ଼ ମଣ୍ଡପ । ମଣ୍ଡପ ଉପରେ ଐରାବତ ହାତୀମାନଙ୍କ ପିଠିରେ ବସିଥାଆନ୍ତି ସାହିତ୍ୟର ଅନେକ ବିଭାଗର ଅନେକ ଇନ୍ଦ୍ରା ସେମାନଙ୍କ ହାତରୁ ପୁରସ୍କାର ନିଅନ୍ତି ସାହିତ୍ୟିକ ଜଣକ, ପୁରସ୍କାର ପ୍ରାପ୍ତିକୁ କୋଟିତୀର୍ଥ ବୋଲି କହି କୃତଜ୍ଞତା ଜଣାନ୍ତି । ଘରୁ ବାହାରି ଆସିଲେ ତାଙ୍କୁ ଲାଗେ ସତେ ଯେମିତି ବହିଃପ୍ରକୃତିରେ କେବଳ ଗୋଟିଏ ଋତୁ-ବସନ୍ତ ଋତୁ । ସିଏ ପୁରସ୍କାର ପାଇଗଲେ ଅର୍ଥାତ୍ ନିତ୍ୟ ବସନ୍ତର ଲୀଳା ଆରମ୍ଭ ହେଲା, ତାଙ୍କ ଗୁଣଗ୍ରାହୀ କୋଇଲି ଏଣିକି ବାର ମାସ ଗୀତ ଗାଇବ, ସମ୍ବର୍ଦ୍ଧନାର ମଧୁର ମଳୟ ବାର ମାସ ବହିବ । ଗୋଟେ ଗୋଟେ ପୁରସ୍କାର ମଣ୍ଡପରେ ପଚାଶରୁ ଶହେ ଜଣଙ୍କୁ ସମ୍ବର୍ଦ୍ଧନା । ବୋଧହୁଏ ସତେ ଯେପରି ପୁରସ୍କାରଦାତା ହାଇଜମ୍ପ୍, ଲଙ୍ଗ୍‌ଜମ୍ପ୍, ଡିସ୍‌କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ, ପୁରସ୍କାରଗ୍ରହୀତାମାନେ ଦଶହଜାର ମିଟର ଦୌଡ଼ରେ ଭାଗନେଇ ଝାଳନାଳ ଆଣ୍ଠୁଏ ହେଇଛନ୍ତି ଆଉ ପୁରସ୍କାର ପର୍ବ ଶେଷରେ ସମସ୍ତେ ମିଳିମିଶି ବସିଛନ୍ତି ଠିକ୍ ‘ବାର୍ଡ୍‌ସ୍ ଅଫ୍ ସେମ୍ ଫିଦର୍ ଫ୍ଲକ୍ ଟୁଗେଦର୍’ ଭଳି, କେତେକ ଲେମ୍ବୁରସ ଚୁଚୁମୁଥିଲାବେଳେ କେତେକ ଓ.ଆର୍.ଏସ୍ ପାଉଡ଼ରକୁ ପାଣିରେ ଗୋଳେଇ ପିଉଛନ୍ତି ।

ଥରେ ଗୋଟେ ରାଜ୍ୟ ରାଜଧାନୀର ସୁପରିଚିତ ଭବନରେ ଗୋଟେ ସାହିତ୍ୟ ସଂଗଠନର ସଭା ହବାକୁ ସ୍ଥିର ହେଲା । ସଂଗଠନର ଦଶଜଣ କର୍ମକର୍ତ୍ତାଙ୍କ ମଧ୍ୟରୁ ଜଣେ କହିଲେ, ‘ଏଥର ଗ୍ରାମାଞ୍ଚଳରେ ରହି ସାହିତ୍ୟ ଲେଖୁଥିବା ଜଣଙ୍କୁ ବକ୍ତା ଭାବରେ ନିମନ୍ତ୍ରଣ କରିବା ।’ ଅନ୍ୟ ନଅଜଣଯାକ ଏ ପ୍ରସ୍ତାବକୁ ବିରୋଧ କଲେ, କହିଲେ, ‘ଏଥର ଆମର ଅତିଥି ଅଛନ୍ତି ଦୁଇଜଣ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ, ଜଣେ ଆଇ.ଏ.ଏସ୍ ଅଫିସର୍ ଯିଏ କବିତା ଲେଖି ବହୁ ରାଷ୍ଟ୍ରୀୟ ଅନ୍ତଃରାଷ୍ଟ୍ରୀୟ ପୁରସ୍କାର ପାଇସାରିଲେଣି, ଜଣେ ରାଜନେତା, ଜଣେ କଥାକାର, ଏମିତି ପାଞ୍ଚ ଜଣ । ଏ ସମସ୍ତେ ରହୁଛନ୍ତି ରାଜ୍ୟ ରାଜଧାନୀରେ । ଗ୍ରାମାଞ୍ଚଳରୁ ଜଣେ ବକ୍ତା ଆସି ଏମାନଙ୍କ ସହିତ କିପରି ମଞ୍ଚରେ ବସିବେ ? କ’ଣ କହିବେ ?’ କିନ୍ତୁ ପ୍ରସ୍ତାବକ ନିଜ ଜିଦ୍‌ରେ ଅଟଳ ରହିବାରୁ ଗ୍ରାମୀଣ ବକ୍ତାଜଣକ ନିମନ୍ତ୍ରିତ ହୋଇ ଗଲେ । ଭବନ ଭିତରେ ଜଣେ ପରିଚିତ ଲୋକ ତାଙ୍କୁ ଡାକି ଆଗ ଧାଡ଼ିରେ ବସାଇଲେ । କିଛି ସମୟ ପରେ ଆଉ ଜଣେ ଲୋକ ଆସି ଧୀରେ ଧୀରେ କାନରେ କହିଲେ, ‘ଆଜ୍ଞା, ଆପଣ ସେଠି ବସନ୍ତୁ ନାହିଁ ସେଠି ଅଛନ୍ତି ଜଣେ କମିଶନର୍, ଜଣେ ଅଧ୍ୟାପକ-କବି, ଗୋଟେ ଖବରକାଗଜର ସହସଂପାଦକ, ଗାଳ୍ପିକ । ଆପଣ ତୃତୀୟ ଧାଡ଼ିରେ ବସନ୍ତୁ ।’ ଗ୍ରାମୀଣ ବକ୍ତା ଜଣକ ତୃତୀୟ ଧାଡ଼ିକୁ ଆସି ବସିଲେ, ନାଁ ଡକାହେବା ମାତ୍ରେ ମଞ୍ଚକୁ ଗଲେ, ପନ୍ଦର ମିନିଟ୍ ଧରି ବକ୍ତବ୍ୟ ରଖିଲେ । ସ୍ପଷ୍ଟ ଅନୁଭୂତ ହେଲା ଯେ ଶ୍ରୋତାମାନେ ତାଙ୍କର ବକ୍ତବ୍ୟକୁ ସର୍ବାଧିକ ପସନ୍ଦ କରୁଛନ୍ତି । ସଭା ଶେଷରେ ପ୍ରସ୍ତାବକ ଗ୍ରାମିଣ ବକ୍ତାଙ୍କୁ କହିଲେ, ‘ଆଜ୍ଞା, ମୁଁ ସତ କହୁଥିଲି, କେଶ ପ୍ରସାଧନ କରି, ମୁହଁରେ କ୍ରିମ୍ ମାଖି, ସୁଟ୍ ସାର୍ଟ୍ କୋଟ୍ ଟାଇ ଜ୍ୟାକେଟ୍ ବୁଟ୍ ପିନ୍ଧି, ଗୋଡ଼ ଉପରେ ଗୋଡ଼ ପକାଇ, ମଖମଲ ଗଦି ଉପରେ ବସିଥିବା କିଛି ଲୋକ ଆପଣଙ୍କ ବକ୍ତବ୍ୟ ଆଗରେ ମଳିନ ପଡ଼ିଯିବେ । ତାହାହିଁ ହେଲା । କିଛି ଲୋକ ତ କାଗଜରେ ଦଶ ପୃଷ୍ଠା ଲେଖି ଆଣୁଛନ୍ତି, ସଭାରେ ପଢ଼ିଦେଉଛନ୍ତି, ନିଜକୁ ଗବେଷକ ବକ୍ତା ବୋଲାଉଛନ୍ତି । ଆପଣ ଯୋଉ ପନ୍ଦର ମିନିଟ୍ କହିଲେ, ସ୍ମରଣରୁ କହିଲେ, ଭାବ ଉଦ୍ଦୀପକ ହେଲା । ମୁଁ ଦୁଃଖିତ, ଆପଣଙ୍କୁ କେହି ଜଣେ ପ୍ରଥମ ଧାଡ଼ିରୁ ନେଇ ତୃତୀୟ ଧାଡ଼ିରେ ବସାଇଲେ । କ’ଣ କରିବା ଆଜ୍ଞା ! ଆଜିକାଲି ତ କିଛି କ୍ଷମତାମଦମତ୍ତ ଥାର୍ଡ଼୍‌ଗ୍ରେଡ଼୍ ଲୋକ ସବୁ କ୍ଷେତ୍ର ଏପରିକି ସାହିତ୍ୟରେ ଆଗ ଧାଡ଼ିଗୁଡ଼ାକୁ ଅକ୍ତିଆର କରି ନେଇଛନ୍ତି ।’ ଖୁବ୍ ନମ୍ରତାର ସହିତ ବକ୍ତା କହିଲେ, ‘କିଛି ଅସୁବିଧା ହେଇନି ଆଜ୍ଞା । ଯେକୌଣସି ଗୋଟେ ଧାଡ଼ିରେ ବସିବା କଥା, ସିଏ ପ୍ରଥମ କି ତୃତୀୟ କି ଶେଷ ଧାଡ଼ି ହେଉ, କିଛି ଯାଏ ଆସେ ନାହିଁ ।’

ଆଉ ଥରେ ଗୋଟେ ରାଜ୍ୟର ସାଂସ୍କୃତିକ ରାଜଧାନୀ ରୂପେ ଖ୍ୟାତ ସହରର ଗୋଟେ ଭବନରେ ସାହିତ୍ୟ ସଭାଟେ ହେଉଥିଲା । ଜଣେ କବିଙ୍କର କବିତା ବହିଟିଏ ଉନ୍ମୋଚନ ହେଲା । ଗାଁରେ ରହୁଥିବା ଜଣେ ବକ୍ତା ସେଠାକୁ ନିମନ୍ତ୍ରିତ ହୋଇ କବିତା-ବହିର ଆଲୋଚନା କଲେ, ଆଲୋଚନା ଖୁବ୍ ସାରଗର୍ଭ ହେଲା ବୋଲି ଶ୍ରୋତାମାନେ କହିଲେ । କିନ୍ତୁ ସହରର ଏକ ପ୍ରାଚୀନ ସାହିତ୍ୟ ସମାଜର ଜଣେ ପୂର୍ବତନ ସଭାପତି ଏ କଥାକୁ ସହ୍ୟ କରିପାରିଲେ ନାହିଁ, ଫୋନ୍ କରି କବିଙ୍କୁ କହିଲେ, ‘ଆପଣ ମତେ ଭୁଲିଗଲେ, ସଭାକୁ ଡାକିଲେ ନାହିଁ, ସହରରେ କ’ଣ ବକ୍ତାଙ୍କର ଅଭାବ ଅଛି ଯେ ଗାଁରୁ ଡାକି ଆଣୁଛନ୍ତି ?’ ମେଘ ଘନୀଭୂତ ହୋଇ ବର୍ଷିଗଲା ଭଳି ପୂର୍ବତନ ସଭାପତିଙ୍କ ଅନ୍ତରରେ ଅସହିଷ୍ଣୁତା ଘନୀଭୂତ ହୋଇ ନିକୃଷ୍ଟ ଶବ୍ଦ ଆକାରରେ ବର୍ଷିଗଲା । କବି ରୋକ୍‌ଠୋକ୍ ଜବାବ୍ ଦେଇ କହିଲେ, ‘ମୁଁ ଯୋଗ୍ୟ ବକ୍ତାଙ୍କୁ ନିମନ୍ତ୍ରଣ କରିଥିଲି, ସିଏ ଗାଁରେ ବାସ କରନ୍ତୁ କି ସହରରେ ।’

ଉପରୋକ୍ତ ଦୁଇଟି ଘଟଣା ଜଣେ ବନ୍ଧୁଙ୍କଠାରୁ ଶୁଣିବା ପରେ ମନେ ହେଉଛି ସାହିତ୍ୟରେ ଏବେ କିଛି ଗୋବର ଗଣେଶ ଠିକାଦାରୀ କରୁଛନ୍ତି, ପ୍ରତାରଣାର ପଥର, ବିଦ୍ୱେଷର ବାଲି, ଶଠତାର ସିମେଣ୍ଟ, ରଣନୀତିର ରଡ଼୍‌ରେ ସାହିତ୍ୟର ଘର ତୋଳୁଛନ୍ତି । ସାହିତ୍ୟ କ୍ଷେତ୍ରର ଭିନ୍ନ ଭିନ୍ନ ପଦରେ ସେମାନେ ନିଜେ ବସୁଛନ୍ତି ବା ନିଜର ଅନୁଗତମାନଙ୍କୁ ବସାଉଛନ୍ତି, ଯୋଗାଡ଼ କରି ସାହିତ୍ୟ ସଭାମଞ୍ଚରେ ଉଦ୍‌ଘାଟକ, ଅତିଥି, ବକ୍ତାର ମାନ୍ୟତା ପ୍ରାପ୍ତ ହେଉଛନ୍ତି, ନିଜେ ପୁରସ୍କୃତ ହେବା ସହିତ କିଏ କେଉଁ ପୁରସ୍କାର ପାଇବେ ସ୍ଥିର କରୁଛନ୍ତି ଅର୍ଥାତ୍ ତାଙ୍କ ଜ୍ଞାତସାରରେ, ନିର୍ଦ୍ଦେଶନାରେ ସାହିତ୍ୟରେ ଦିନରାତି ହେଉଛି, ପୂର୍ଣ୍ଣିମା, ଅମାବାସ୍ୟା ହେଉଛି, ଋତୁ ପରିବର୍ତ୍ତନ ହେଉଛି, ସାହିତ୍ୟ-ଆକାଶରେ ମେଘ ଭାସୁଛି, ମାଟି ଉପରେ ମୟୂର ନାଚୁଛି, ଆକାଶରୁ ମାଟିକୁ ବର୍ଷା ହେଉଛି ; ସବୁ ହେଉଛି । ସେମାନଙ୍କ କଥା ଶୁଣିଲେ, କାମକୁ ଲକ୍ଷ୍ୟ କଲେ ବୋଧ ହେଉଛି ଦନ୍ତା ମାଙ୍କଡ଼ଟିଏ ଡାଳରୁ ଡାଳକୁ ଡେଇଁ ଦାନ୍ତ ନିକୁଟି ଗର୍ଜନ କରି ତା’ ଟିମ୍‌ରେ ଅଣ୍ଡିରା ଛୁଆଟିକୁ ମାରି ଗୋଡ଼ାଉଛି କି ! ତା’ର ପ୍ରଭୁତ୍ୱ, ପ୍ରତିପତ୍ତି ସବୁଦିନ ରହିଥାଉ ବୋଲି ତା’ ଉତ୍ତ୍ୟକ୍ତ, ଉନ୍ମତ୍ତ ମନ ଚାହୁଁଛି କି ! କିମ୍ବା ଏପରି ହୋଇଥିବ, ସାହିତ୍ୟ ରାସ୍ତାରେ ଗୋଟେ ଗୋଟେ ବପୁବନ୍ତ ବୃଷଭ ଭଳି ଶିଙ୍ଗ ହଲାଇ ସେମାନେ ଚାଲୁଥିବେ, କେହି ତାଙ୍କୁ ଛୁଇଁବାକୁ ସାହସ କରିବେ ନାହିଁ, ଏପରି ଚିନ୍ତା ସେମାନେ କରୁଛନ୍ତି କି ! ବେଳେବେଳେ ଏପରି ବି ଲକ୍ଷ୍ୟ କରାଯାଏ, ଆଦୌ ସୃଜନଶୀଳତା ନଥିବା କିଛି ଲୋକ କେବଳ ସଭାର ଆୟୋଜନ କରନ୍ତି, ଦଳେ ପୁରସ୍କାର-ବାଇଆଙ୍କୁ ପୁରସ୍କୃତ କରନ୍ତି, ଫଳସ୍ୱରୂପ ନିଜେ ବାଇଆ ହୁଅନ୍ତି, ଆଖୁବାଡ଼ିରେ ପଶି ସମସରା କି ଫୁଲୁରି କି ଚନ୍ଦ୍ରକାନ୍ତି ଭିତରୁ କେଉଁ ଆଖୁଟାକୁ ଖାଇବେ ଜାଣିପାରନ୍ତି ନାହିଁ, କାଳକ୍ରମେ ଏତେ ଅଧିକ ବାଇଆ ହୁଅନ୍ତି ଯେ ସାହିତ୍ୟକୁ ଗୋଟେ ଜଙ୍ଗଲରେ ପରିଣତ କରନ୍ତି, ପୁଣି ଦନ୍ତାହାତୀ ଭଳି ଗଛଗୁଡ଼ାକୁ ଉପାଡ଼ି ପକାନ୍ତି ଏକ ଅଦ୍ଭୁତ ଉତ୍ତେଜନାରେ, ନିଜ ବଳର ପ୍ରମାଣ ଦବା ପାଇଁ, ଦେଖଣାହାରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ।

ଅଧୁନା ଶତକଡ଼ା ଚାରିକୋଡ଼ି ପନ୍ଦର ସାହିତ୍ୟ ସଭାରେ ଆଲୋଚନା ପ୍ରାୟତଃ ନାହିଁ କହିଲେ ଚଳେ । ସଭା ଆୟୋଜକଙ୍କର ଭାରି ଡର ଆଲୋଚନାକୁ ପିଲାଦିନେ ଜେଜେମା’ କହୁଥିଲା ଗପଟିଏ - ‘ଗାଁ ଶେଷ ମୁଣ୍ଡରେ ଝଙ୍କାଳିଆ ବରଗଛ, ସେଠି ଅଛି ଭୂତଟିଏ, ସନ୍ଧ୍ୟା ହେଲେ ବାହାରକୁ ଆସି ଲୋକଙ୍କୁ ଡରଉଛି ।’ ଛୋଟ ପିଲାମାନେ ଝଙ୍କାଳିଆ ବରଗଛର ଭୂତକୁ ଡରୁଥିଲା ଭଳି ଆୟୋଜକଙ୍କର ଡର ଆଲୋଚନାକୁ । ସଭାମଣ୍ଡପରେ ସବୁ ହଉଛି - ମଞ୍ଚକୁ ଅତିଥିମାନଙ୍କୁ ଆମନ୍ତ୍ରଣ, ମାଲ୍ୟାର୍ପଣ, ବ୍ୟାଚ୍ ପ୍ରଦାନ, ରେକର୍ଡ଼୍ ନାଚ, ସ୍ୱାଗତ ସଙ୍ଗୀତ, ଲମ୍ବା ତାଳିକାରେ ଦିବଂଗତମାନଙ୍କ ନାମ ଉଲ୍ଲେଖ ଓ ସେମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବତା, ଦୀପ ଜ୍ୱଳନ, ଅତିଥି ପରିଚୟ, ସ୍ୱାଗତ ଭାଷଣ, ସଂପାଦକୀୟ ବିବରଣୀ ପାଠ, ଅନ୍ୟୂନ ଦଶଟି ମାନପତ୍ର ପଠନ ଦଶଜଣଙ୍କୁ ସମ୍ବର୍ଦ୍ଧନା, ସମ୍ବର୍ଦ୍ଧିତମାନଙ୍କ ଉତ୍ତର, ନିୟମିତ ବ୍ୟବଧାନରେ ସଭାପତିଙ୍କର ଛଇଛଟକଭରା ଚିକ୍କଣ, ଚଟୁଳ ମନ୍ତବ୍ୟ, ଧନ୍ୟବାଦ ଅର୍ପଣ, ଉଦ୍‌ଯାପନୀ ସଙ୍ଗୀତ - ସବୁ ହଉଛି । ସେତେବେଳକୁ ଆୟୋଜକଙ୍କର ଧୈର୍ଯ୍ୟ ଅଛି । କିନ୍ତୁ ଆଲୋଚକ ଆଲୋଚନା ଆରମ୍ଭ କରିବା ମାତ୍ରେ ଆୟୋଜକ କାନ ପାଖରେ କହୁଛନ୍ତି, ‘ଆଜ୍ଞା, କାହାରି ଧୈର୍ଯ୍ୟ ନାହିଁ, ଅର୍ଡ଼ିଏନ୍ସ୍ କ୍ଷୁଧାପୀଡ଼ିତ, ଭୋଜନ ଅପେକ୍ଷାରତ । ଶୀଘ୍ର ବକ୍ତବ୍ୟ ସାରନ୍ତୁ ।’ ଆଲୋଚନା ଯେତେ ସ୍ୱଳ୍ପକାଳୀନ, ଉପରଠାଉରିଆ, ଅଗଭୀର, ଅନୁନ୍ନତ ହବ, ଆୟୋଜକଙ୍କର ସେତେ ଆନନ୍ଦ, ଯେହେତୁ ସିଏ ମଞ୍ଚଟିଏ ପ୍ରସ୍ତୁତ କରିଛନ୍ତି, ଏକ ଆଲୋଚନା ପାଇଁ ନୁହେଁ, ଅନେକ ଆବର୍ଜନା ପାଇଁ । ମନେରଖିବାକୁ ହେବ, ଯେଉଁ ଭାଷା, ସାହିତ୍ୟସଭାରେ ଆଲୋଚନା ଯେତେ କମ୍, ସେ ଭାଷା ସାହିତ୍ୟର ସଭା ସେତେ ପ୍ରଭାହୀନ, ଶକ୍ତିହୀନ, ଯାହା ଆମେ ପ୍ରତ୍ୟକ୍ଷ କରୁଛନ୍ତି ପ୍ରତିଦିନ ଆମ ସାହିତ୍ୟ-ସଭାମାନଙ୍କରେ, ଯେଉଁଠି ସାଧକ କମ୍, ସାଧବ ବେଶି, ଆତ୍ମଜ୍ଞାନ କମ୍, ଆତ୍ମବିଜ୍ଞାପନ ବେଶି, ତେଣୁ କୋଳାହଳ ବେଶି, ହଳାହଳ ବେଶି ।

ସାହିତ୍ୟ-ପତ୍ରିକାର ଦୁରବସ୍ଥା କହିବାକୁ ଲାଜ । କିଛି ସଂପାଦକ ଏମ୍.ଫିଲ୍, ପି.ଏଚ୍.ଡି ସ୍କଲରଙ୍କ ଠାରୁ ହଜାର ହଜାର ଟଙ୍କା ଆଣି ସେମାନଙ୍କ ଗବେଷଣା ନିବନ୍ଧକୁ ପ୍ରବନ୍ଧ ଆଖ୍ୟା ଦେଇ ଛପାଉଛନ୍ତି, ଯେଉଁଥିରେ ଆଦୌ ମୌଳିକ ଚିନ୍ତନର ସମ୍ଭାର ନାହିଁ, ଅଛି କେବଳ ବିଭିନ୍ନ ଭାଷାର କୋଟେସନ୍ ଓ ନାନା ସୂତ୍ରରୁ ସଂଗୃହୀତ ତଥ୍ୟର ଗୋଟେ ଅମାର, ଯାହା କ୍ଲାସ୍‌ରୁମ୍ ନୋଟ୍ ହବାର ଯୋଗ୍ୟ, ପରୀକ୍ଷାର୍ଥୀ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ । ଯେଉଁଥିରେ ମୌଳିକ ଚିନ୍ତନର ସ୍ପର୍ଶ ନାହିଁ, ସେଗୁଡ଼ାକୁ ପ୍ରବନ୍ଧ ବୋଲି ଆମେ କିପରି କହିବା ? ତେବେ ସେପରି ଲେଖା ଛପାଇ ସଂପାଦକ ଅନୁଭବ କରୁଛନ୍ତି କି ସେ ପାଲିଙ୍କିରେ ବସିଛନ୍ତି, ଲେଖକ ଲେଖିକାମାନେ ହରିବୋଲ, ହୁଳହୁଳି ପକାଇ ତାଙ୍କୁ ବରଣି କରୁଛନ୍ତି !

ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଭାଷାରେ ଯେଉଁମାନେ କଥା ହେଉଛନ୍ତି, ଲେଖା ଲେଖୁଛନ୍ତି ବା ପଢୁଛନ୍ତି, ବହି ପତ୍ରିକା ଛାପୁଛନ୍ତି, ସଂପୃକ୍ତ ସମସ୍ତେ ସଂଯତ ହୋଇ ଆତ୍ମସମୀକ୍ଷା କରିବା ଆବଶ୍ୟକ । ସାରଳା ଦାସ, ଜଗନ୍ନାଥ ଦାସ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତସିଂହାର, ଦୀନକୃଷ୍ଣ ଦାସ, ବଳଦେବ ରଥ, ଗୋପାଳକୃଷ୍ଣ ପଟ୍ଟନାୟକ, ବନମାଳୀ ଦାସ, ଭୀମଭୋଇ, ଗଙ୍ଗାଧର ମେହେର, ରାଧାନାଥ ରାୟ, ଫକୀରମୋହନ ସେନାପତି, ମଧୁସୂଦନ ରାଓ, ନନ୍ଦକିଶୋର ବଳ ଓ ଆହୁରି ଅନେକ ଯେଉଁ ଭାଷାରେ ଲେଖୁଥିଲେ ସେହି ଭାଷା ଆମ ଓଡ଼ିଆ ଭାଷା। କେତେ ମହତ୍ତ୍ୱପୂର୍ଣ୍ଣ, ମର୍ଯ୍ୟାଦାବନ୍ତ ଏ ଭାଷା, ଏ ସାହିତ୍ୟ । ଏବେ ଆମ ଭାଷା ସାହିତ୍ୟରେ ଯେମିତି କିଛି ସାଧବଙ୍କ ସୌଦାଗରୀ, ଠକଙ୍କ ଠିକାଦାରୀ, ଦାନବଙ୍କ ଦାଦାଗିରି, ସାଆନ୍ତଙ୍କ ସାମନ୍ତଗିରି ଚାଲିଛି, ତା’ର ଅନ୍ତ ହେଲେ ଯାଇ ଆମେ ପୂର୍ବର ମହତ୍ତ୍ୱ, ମର୍ଯ୍ୟାଦା ରକ୍ଷା କରିବା ଦିଗରେ ସମର୍ଥ ହେବା । ସେହି ସୁଦିନକୁ ଅପେକ୍ଷା ଯେଉଁଦିନ ଦେହରେ ଗଙ୍ଗାମାଟି ବୋଲି ହୋଇ ନିଜକୁ ଗାଈ ବୋଲି ପରିଚୟ ଦେଉଥିବା ଘୁଷୁରି, ଆଖିରେ ଅଳତା ବୋଲି ନିଜକୁ କୋଇଲି ପରିଚୟ ଦେଉଥିବା କାଉମାନେ ସେମାନଙ୍କ ଅପକର୍ମ ପାଇଁ ତିରସ୍କୃତ ହେବେ ଓ ଫଳସ୍ୱରୂପ ଅନୁତପ୍ତ ହୋଇ ସଂସ୍କାରିତ ହେବେ ।

# ଧର୍ମର ସଂଜ୍ଞା ଓ ଏକ ତାତ୍ତ୍ୱିକ ବିଶ୍ଳେଷଣ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଧର୍ମ ହେଉଛି ନିର୍ଦ୍ଦିଷ୍ଟ ଆଚରଣ ଏବଂ ଅଭ୍ୟାସ, ବିଶ୍ୱ ଦୃଷ୍ଟିକୋଣ, ଦିବ୍ୟଗ୍ରନ୍ଥ, ତୀର୍ଥ, ଭବିଷ୍ୟବାଣୀ, ନୈତିକତା ଇତ୍ୟାଦି ଯାହା ମାନବକୁ ଆଲୌକିକ, ଆଧ୍ୟୟନିକ କିମ୍ବା ଆଧ୍ୟାତ୍ମିକ ଉପାଦାନ ସହିତ ଜଡ଼ିତ କରୁଥିବା ସାମାଜିକ-ସାଂସ୍କୃତିକ ବ୍ୟବସ୍ଥା । ଧର୍ମ କହିଲେ ଜୀବ କଲ୍ୟାଣ ଏବଂ ଅନ୍ତଃକରଣ ଶୁଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଆଚରଣର ନିୟମକୁ ବୁଝାଇଥାଏ । ଅଧର୍ମ କହିଲେ ନିଷିଦ୍ଧ କର୍ମକୁ ବୁଝାଇଥାଏ ଯାହା ପତନର କାରଣ ହୋଇଥାଏ ଏବଂ ସମାଜର ହାନି କରିଥାଏ । ଆସୁରିକ ସ୍ୱଭାବରେ ଶାସ୍ତ୍ର ଜ୍ଞାନ ପ୍ରତି ଶ୍ରଦ୍ଧା ନ ଥାଏ । ସୁତରାଂ, ଯେଉଁମାନଙ୍କର ସ୍ୱଭାବ ଆସୁରିକ, ସେମାନେ ଠିକ୍ ଭୁଲ୍‌ର ବିଚାର କରିପାରନ୍ତି ନାହିଁ । ଆସୁରିକ ସ୍ୱଭାବର ବ୍ୟକ୍ତିମାନେ ଉଚିତ୍-ଅନୁଚିତ୍‌ର ବିବେଚନା କରି ପାରନ୍ତି ନାହିଁ । ତେଣୁ ସେମାନଙ୍କ ଚରିତ୍ରରେ ଶୁଦ୍ଧତା, ସତ୍ୟ କିମ୍ବା ଉଚିତ୍ ଆଚରଣ ଦୃଷ୍ଟିଗୋଚର ହୋଇ ନ ଥାଏ । ସେମାନେ କହନ୍ତି, “ସଂସାର ସତ୍ୟ ରହିତ ଅଟେ । ଏହାର ଆଧାର (ଧାର୍ମିକ) କିଛି ନାହିଁ ଏବଂ ଏହା ଈଶ୍ୱରହୀନ (ଯିଏ ସୃଷ୍ଟି କରନ୍ତି ଏବଂ ନିୟନ୍ତ୍ରଣ କରନ୍ତି) ଅଟେ । ଏହା ଦୁଇ ଲିଙ୍ଗର ସଂଯୋଗରେ ସୃଷ୍ଟି ହୋଇଛି ଏବଂ ଯୌନ ସନ୍ତୋଷ ଅତିରିକ୍ତ ଏହାର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ । ଅନୈତିକ ବ୍ୟବହାରରୁ କ୍ଷାନ୍ତ ହେବାର ଦୁଇଟି ଉପାୟ ଅଛି । ପ୍ରଥମଟି, ଇଚ୍ଛାଶକ୍ତିର ଉପଯୋଗ କରି ଅଧର୍ମଠାରୁ ଦୂରେଇ ରହିବା ଏବଂ ଦ୍ୱିତୀୟ ଉପାୟଟି, ଭଗବାନଙ୍କ ଭୟରେ ପାପରୁ ନିବୃତ୍ତ ରହିବା । କେବଳ ନିଜ ଇଚ୍ଛାଶକ୍ତି ଉପଯୋଗ କରି ପାପ କର୍ମରୁ ନିବୃତ୍ତ ରହିବା ବ୍ୟକ୍ତି ବହୁତ କମ୍ ଅଛନ୍ତି । ଅଧିକାଂଶ ବ୍ୟକ୍ତି ଦଣ୍ଡ ଭୟରେ ଅସତ୍ ଆଚରଣ କରିବାରୁ ନିବୃତ ହୁଅନ୍ତି । ଉଦାହରଣ ସ୍ୱରୂପ, ଆମେ ରାଜପଥରେ ଲକ୍ଷ୍ୟ କରୁ, ଯେତେବେଳେ ଗୋଟିଏ ପୋଲିସ ଗାଡ଼ି ଦେଖାଯାଏ, ଲୋକମାନେ ତାଙ୍କ ଯାନର ଗତିକୁ ମନ୍ଥର କରିଦିଅନ୍ତି । କିନ୍ତୁ ଯେତେବେଳେ ଧରାପଡ଼ି କୌଣସି ଭୟ ନ ଥାଏ, ସେମାନେ ଗତିକୁ ସୀମା ଅତିରିକ୍ତ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ତେଣୁ ଆମେ ଯଦି ଭଗବାନଙ୍କୁ ବିଶ୍ୱାସ କରିବା, ଅନୈତିକ କାର୍ଯ୍ୟରୁ ଦୂରରେ ରହିବା । ତା ପରିବର୍ତ୍ତେ ଯଦି ଆମେ ଭଗବାନଙ୍କୁ ବିଶ୍ୱାସ କରିବା ନାହିଁ, ତେବେ ମଧ୍ୟ ତାଙ୍କର ସମସ୍ତ ନିୟମ ଆମ ପ୍ରତି ଲାଗୁ ହେବ ଏବଂ ଆମେ ଅନୁଚିତ୍ କର୍ମର ପରିଣତି ଭୋଗ କରିବା ।

ଭିନ୍ନ ଭିନ୍ନ ଧର୍ମରେ ଦିବ୍ୟ, ପବିତ୍ର ବସ୍ତୁ, ବିଶ୍ୱାସ, ଅଲୌକିକ ଜୀବ କିମ୍ବା ଅଲୌକିକ ଜୀବନ କିମ୍ବା ‘ଅବଶିଷ୍ଟ ଜୀବନ ପାଇଁ ମାନଦଣ୍ଡ ଏବଂ ଶକ୍ତି ପ୍ରଦାନ କରିବା ଭଳି କିଛି ଚିରନ୍ତନତା ଏବଂ ଅପାର୍ଥିବତା’ ଆଦି ବିଷୟ ରହିଥାଇପାରେ କିମ୍ବା ନଥାଇପାରେ । ଧାର୍ମିକ ଅଭ୍ୟାସଗୁଡ଼ିକ ଭିତରେ ରୀତିନିତି, ଧର୍ମୋପଦେଶ, (ଦେବତା ଏବଂ/କିମ୍ବା ସନ୍ଥମାନଙ୍କ ପ୍ରତି) ସ୍ମାରକ କିମ୍ବା ଅତ୍ୟଧିକ ସମ୍ମାନ, ବଳିଦାନ, ପର୍ବ, ଭୋଜି, ପ୍ରଣାମ, ଆରମ୍ଭ, ଅନ୍ତିମକ୍ରିୟା, ବିବାହ କାର୍ଯ୍ୟ, ଧ୍ୟାନ, ପ୍ରାର୍ଥନା, ସଂଗୀତ, କଳା, ନୃତ୍ୟ, ଜନ ସେବା କିମ୍ବା ମାନବ ସଂସ୍କୃତିର ଅନ୍ୟ ଦିଗ ଅନ୍ତର୍ଭୁକ୍ତ ହୋଇପାରେ । ଧର୍ମଗୁଡ଼ିକରେ ବିଭିନ୍ନ ପରାଭୌତିକ କାହାଣୀସବୁ ରହିଛି । ଏସବୁ ପବିତ୍ର ଶାସ୍ତ୍ର, ପ୍ରତୀକ ଏବଂ ପବିତ୍ର ସ୍ଥାନମାନଙ୍କରେ ସଂରକ୍ଷିତ ହୋଇ ରହେ ଏବଂ ତାହାର ଉଦ୍ଦେଶ୍ୟ ସାଧାରଣତଃ ଜୀବନକୁ ଅର୍ଥପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ହୋଇଥାଏ । ଧର୍ମରେ ଥିବା ସାଙ୍କେତିକ କାହାଣୀସବୁକୁ ବେଳେବେଳେ ଅନୁଗାମୀମାନେ ସତ୍ୟ ବୋଲି କହିଥାନ୍ତି । ଏସବୁର ଉଦ୍ଦେଶ୍ୟ ଜୀବନର ଉତ୍ପତ୍ତି, ବ୍ରହ୍ମାଣ୍ଡ ଏବଂ ଅନ୍ୟାନ୍ୟ ଜିନିଷର ବ୍ୟାଖ୍ୟା କରିବା । ପାରମ୍ପରିକ ଭାବେ କାରଣ ରହିତ ବିଶ୍ୱାସକୁ ଧାର୍ମିକ ବିଶ୍ୱାସର ଉତ୍ସ ଭାବେ ବିବେଚନା କରାଯାଇଛି । ବିଶ୍ୱରେ ପ୍ରାୟ ୧୦,୦୦୦ରୁ ଅଧିକ ଧର୍ମ ରହିଛି । ବିଶ୍ୱ ଜନସଂଖ୍ୟାର ୮୪ ଭାଗ ଲୋକ ଖ୍ରୀଷ୍ଟ, ହିନ୍ଦୁ, ଇସ୍ଲାମ, ବୌଦ୍ଧ ତଥା ଲୋକପ୍ରଥା ସହ ଯୋଡି ହୋଇଛନ୍ତି । ଅବଶିଷ୍ଟ ଲୋକମାନେ ନିଜକୁ କୌଣସି ନିର୍ଦ୍ଦିଷ୍ଟ ଧର୍ମର ବୋଲି ଭାବନ୍ତି ନାହିଁ କିମ୍ବା ସେମାନେ ନିଜକୁ ନାସ୍ତିକ ବୋଲି ମାନନ୍ତି ।

ଆସୁରିକ ପ୍ରବୃତ୍ତିଯୁକ୍ତ ବ୍ୟକ୍ତିମାନେ କୌଣସି ପ୍ରକାରର ପ୍ରାଧିକରଣ ଏବଂ ନିୟମନକୁ ସ୍ୱୀକାର କରନ୍ତି ନାହିଁ, ଯାହା ଭଗବତ୍ ବିଶ୍ୱାସର ଏକ ଆବଶ୍ୟକୀୟ ଅନୁଶାସନ ଅଟେ । ସେମାନଙ୍କ ମତରେ ଭଗବାନ ବୋଲି କେହି ନାହାଁନ୍ତି ଏବଂ ସଂସାରର କୌଣସି ଧାର୍ମିକ ଆଧାର ନାହିଁ । ସେମାନେ “ମହା ବିସ୍ଫୋଟ ସିଦ୍ଧାନ୍ତ” ପରି ପରିକଳ୍ପନାର ପ୍ରଚାର କରନ୍ତି, ଯାହା ଅନୁଯାୟୀ ସୃଷ୍ଟିର ଶୂନ୍ୟ ସମୟରେ ଘଟିଥିବା ଏକ ଆକସ୍ମିକ ବିସ୍ଫୋରଣରୁ ସଂସାରର ସୃଷ୍ଟି ହୋଇଛି, ତେଣୁ ଏହି ସଂସାରକୁ ବ୍ୟବସ୍ଥିତ ରଖିବାକୁ କୌଣସି ଭଗବାନ ନାହାଁନ୍ତି । ଏହିପରି ସିଦ୍ଧାନ୍ତ ସେମାନଙ୍କୁ ନିଃସଂକୋଚରେ କିମ୍ବା କୌଣସି ପରିଣାମର ଭୟ ନ ଥାଇ ଇନ୍ଦ୍ରିୟ ସୁଖ ଉପଭୋଗ କରିବାରେ ନିୟୋଜିତ କରିଥାଏ । ବିଭିନ୍ନ ଇନ୍ଦ୍ରିୟ ସୁଖଭୋଗ ମଧ୍ୟରୁ, ଯୌନ ସମ୍ଭୋଗର ଇଚ୍ଛା ଅତି ପ୍ରବଳ ଅଟେ । ଏହାର କାରଣ ଭୌତିକ ଜଗତ ଆଧ୍ୟାତ୍ମିକ ଜଗତର ଏକ ବିକୃତ ପ୍ରତିରୂପ ଅଟେ । ଆଧ୍ୟାତ୍ମିକ ଜଗତରେ, ମୁକ୍ତ ଆତ୍ମା ଗୁଡିକର ଭଗବାନଙ୍କ ସହିତ ସମ୍ପର୍କ ଯୋଡ଼ିବାର ଆଧାର ଦିବ୍ୟପ୍ରେମ ଅଟେ । ମାୟିକ ଜଗତରେ ଏହାର ବିକୃତ ପ୍ରତିରୂପ ଯୌନ ସମ୍ଭୋଗ, ମାୟାଧୀନ ଜୀବମାନଙ୍କର ଚେତନାରେ ପ୍ରାଧାନ୍ୟ ବିସ୍ତାର କରିଥାଏ, ବିଶେଷତଃ ଯେଉଁମାନେ ରଜଗୁଣ-ପ୍ରଧାନ ଅଟନ୍ତି । ଅତଏବ, ଆସୁରିକ ସ୍ୱଭାବର ବ୍ୟକ୍ତି ଯୌନ ସମ୍ଭୋଗକୁ ମାନବ ଜୀବନର ଉଦ୍ଦେଶ୍ୟ ନିର୍ଦ୍ଧାରିତ କରିଥାଆନ୍ତି । ଏପରି ସିଦ୍ଧାନ୍ତକୁ ଦୃଢ଼ ଭାବରେ ଗ୍ରହଣ କରି ଏହି ବିପଥଗାମୀ ଜୀବ, ସେମାନଙ୍କର ସ୍ୱଳ୍ପ ବୁଦ୍ଧି ଏବଂ ନିଷ୍ଠୁର କର୍ମ ଦ୍ୱାରା, ସଂସାରର ବିଧ୍ୱଂସକରୀ ଶତ୍ରୁ ରୂପରେ ଦେଖାଦିଅନ୍ତି । ଆସୁରିକ ସ୍ୱଭାବର ବ୍ୟକ୍ତିମାନେ, ସଠିକ୍ ଆତ୍ମ-ଜ୍ଞାନରୁ ବଞ୍ଚିତ ହୋଇ, ତାଙ୍କର ଅଶୁଦ୍ଧ ବୁଦ୍ଧିଦ୍ୱାରା, ସତ୍ୟର ସିଦ୍ଧାନ୍ତକୁ ବିକୃତ କରିଦିଅନ୍ତି । ଏହାର ଏକ ଉଦାହରଣ ହେଉଛି ଚାର୍ବାକ୍‌ଙ୍କର ସିଦ୍ଧାନ୍ତ ଯିଏ କି, ଭାରତ ଇତିହାସର ଜଣେ ପ୍ରସିଦ୍ଧ ଭୌତିକବାଦୀ ଦାର୍ଶନିକ ଅଟନ୍ତି । ସେ କହିଥିଲେ....

‘ଯାବଜ୍ଜୀବେତ ସୁଖଂ ଜୀବେତ୍, ଋଣମ୍ କୃତ୍ୱା ଘୃତଂ ପିବେତ୍

ଭସ୍ମୀ ଭୂତସ୍ୟ ଦେହସ୍ୟ ପୁନରାଗମନଂ କୃତଃ’ । ଯେତେଦିନ ପର୍ଯ୍ୟନ୍ତ ଜୀବିତ ରହିଛ, ନିଜକୁ ଉପଭୋଗ କର । ଯଦି ଘୃତ ପାନ କରିବାକୁ ଇଚ୍ଛା କରୁଥାଅ, ଆବଶ୍ୟକ ସ୍ଥଳେ ଋଣ କରି ମଧ୍ୟ, ତାହା କର । ଶରୀରର ଦାହସଂସ୍କାର କରାଯିବା ପରେ, ତୁମର ଅସ୍ତିତ୍ୱ ରହିବ ନାହିଁ ଏବଂ ତୁମେ ସଂସାରକୁ ପୁଣି ଫେରିବ ନାହିଁ । ତେଣୁ ତୁମ କର୍ମର ପରିଣାମକୁ ନେଇ ଚିନ୍ତିତ ହୁଅ ନାହିଁ । ଏହିପରି ଭାବରେ, ଆସୁରିକ ସ୍ୱଭାବଯୁକ୍ତ ବ୍ୟକ୍ତି ଆତ୍ମାର ନିତ୍ୟତା ଏବଂ କର୍ମ ପ୍ରତିକ୍ରିୟାର ସମ୍ଭାବନାକୁ ପ୍ରତ୍ୟାଖାନ କରିଥାଆନ୍ତି । ସେଥିପାଇଁ ସେମାନେ ନିର୍ଦ୍ୱନ୍ଦ୍ୱରେ ସ୍ୱାର୍ଥପର ଏବଂ ନିଷ୍ଠୁର କର୍ମରେ ଲିପ୍ତ ରହନ୍ତି । ଯଦି ସେମାନେ ଅନ୍ୟମାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ହୋଇଥାଆନ୍ତି, ତେବେ ସେମାନେ ନିଜର ବିଭ୍ରାନ୍ତିକର ଭୌତିକବାଦୀ ମତକୁ ଅନ୍ୟମାନଙ୍କ ଉପରେ ନ୍ୟସ୍ତ କରିଥାନ୍ତି । ସେମାନଙ୍କର ଆତ୍ମ-କୈନ୍ଦ୍ରିକ ଲକ୍ଷ୍ୟ, ଅନ୍ୟମାନଙ୍କ ପାଇଁ ଦୁଃଖର କାରଣ ହେଉ କିମ୍ବା ସଂସାରର ବିନାଶର କାରଣ ହେଉ ପଛେ, ତାହାକୁ ହାସଲ କରିବା ପାଇଁ ସେମାନେ ଦ୍ୱିଧାହୀନ ଭାବରେ ଅବିଶ୍ରାନ୍ତ ଉଦ୍ୟମ କରିଥାନ୍ତି । ମାନବ ଇତିହାସ ବାରମ୍ବାର ଏହିପରି ଆତ୍ମବଡ଼ିମାପୂର୍ଣ୍ଣ ସମ୍ରାଟ, ଯଥା ହିଟ୍‌ଲର, ମୁସୋଲିନ୍, ଷ୍ଟାଲିନ୍ ଇତ୍ୟାଦିଙ୍କୁ ଦେଖିଛି, ଯେଉଁମାନେ ତାଙ୍କର ବିକୃତ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ ସଂସାରରେ ଅକଥନୀୟ ଯନ୍ତ୍ରଣା ଏବଂ ବିନାଶ ଆଣି ଦେଇଥିଲେ ଏମାନେ ସବୁ ଆସୁରିକ ସ୍ୱଭାବ ଯୁକ୍ତ ଥିଲେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ବ୍ୟକ୍ତ ଅବ୍ୟକ୍ତ

*ଶରତ ଦାଶ*



ଅବ୍ୟକ୍ତ ଓ ଅଣାକାର
ଚରାଚର ସୃଷ୍ଟି ସର୍ଜନା କରି
ତୁମେ ସ୍ଥିର ନିର୍ବିକାର ।।
ଆଜନ୍ମରୁ କରି ଆସୁଛି ବନ୍ଦନା
ଉଜ୍ଜୀବିତ କରି ଭାବନା କଳ୍ପନା
କେତେ ଯେ ରୂପ ତୁମର
ତଥାପି ତ ତୁମେ ଅବ୍ୟକ୍ତ ଅନନ୍ତ
ମୁନିଜନେ ଅଗୋଚର ।।
ସୃଷ୍ଟିର ତୁମେ ଜନକ ପାଳକ
ପ୍ରଳୟକାଳରେ ଅତି ଭୟାନକ
ସଂହରକର୍ତ୍ତା ହୋଇ
ସୃଷ୍ଟି କର ନାଶ ଆହେ ଜାନକୀଶ
ସୃଜିବାକୁ ନୂଆ ମହୀ ।।

ସ୍ୱପ୍ନରେ ଯେବେ ଦେଖେ ତୁମ ମୁହଁ
ଆନନ୍ଦ ଉଲ୍ଲାସ କରଇ ତନ୍ମୟ
ହଜିଯାଏ ଦୂରେ କାହିଁ
ସତ୍ତା ଯାଏ ହଜି ପାଏ ନାହିଁ ଖୋଜି
ଭ୍ରମି ଭ୍ରମେ ହୋଇ ବାଇ ।।
ସୂର୍ଯ୍ୟ ତାରା ଗ୍ରହ ସଭିଙ୍କ ମେଳରେ
ତୁମେ ଉଦ୍ଭାସିତ ବିନା ସ୍ୱରୂପରେ

ଥରଟିଏ ପଛେ ହେଉ ହେ ମୋହନ
ତୁମ ରୂପକାନ୍ତି କରିବି ଦର୍ଶନ
ଏତିକି କର କରୁଣା
ମୋକ୍ଷପ୍ରାପ୍ତିରେ ନାହିଁ ମୋ ବାସନା
ଅଖଣ୍ଡ ଭକ୍ତି କାମନା ।।

*ଭୁବନେଶ୍ୱର*

## ବୀଣାପାଣି ନମୋସ୍ତୁତେ

*ଆଦ୍ୟାଶା ମହାପାତ୍ର*



ଶାରଦା ବରଦା ମାଗୋ ଚତୁର୍ଭୁଜା
ହୁଅ ଗୋ ବିରାଜମାନ
ମାଘ ମାସ ଶୁକ୍ଳ ପଞ୍ଚମୀ ତିଥିରେ
କରୁ ତବ ଆବାହନ ।।

ବିଦ୍ୟା ବୁଦ୍ଧି ଦାତ୍ରୀ ମାଗୋ ସରସ୍ୱତୀ
ଆସ ତୁମେ ଅବତରି
ସବୁରି ମନରେ ଢାଳି ଦିଅ ତୁମେ
ଦିବ୍ୟ ଜ୍ଞାନ କୃପା ବାରି ।।

ଜ୍ଞାନର ଭଣ୍ଡାର ଜଗତ ଜନନୀ
ଜ୍ଞାନ-ଧନ ଦାନ କର
କଳା ସଂସ୍କୃତିର ଉତ୍କର୍ଷତା ଲଭୁ
ଭାରତବର୍ଷ ଆମର ।।

ମୂର୍ଖ କାଳିଦାସ ତୁମରି ଆଶିଷେ
ହୋଇଥିଲା ଜ୍ଞାନବନ୍ତ
ବରପୁତ୍ର ତୁମ ସାରା ସଂସାରରେ
ସଦା ସର୍ବଦା ପୂଜିତ ।।

ବାଗବାଦିନୀ ମା' ମରାଳ ବାହିନୀ
ବୀଣାପାଣି ନମୋସ୍ତୁତେ
ଅନ୍ତର ପ୍ରଦେଶୁ ଅନ୍ତର୍ହିତ ହେଉ
ଅଜ୍ଞାନ ଅନ୍ଧାର ଯେତେ ।।

ଝଙ୍କୃତ ହେଉ ମା' ପ୍ରତିଟି ପରାଣେ
ପ୍ରଜ୍ଞାନ ପ୍ରବୁଦ୍ଧ ଗୀତି

ଶାଶ୍ୱତ ସୁନ୍ଦର ଏ ଧରାଧାମରେ
ବିରାଜୁ ମା' ସୁଖ ଶାନ୍ତି ।।

ଆଜି ଏ ପବିତ୍ର ଦିବସରେ ମା'ଗୋ
ଘେନ ଆମ ଭକ୍ତି ଅର୍ଘ୍ୟ
ଭରିଦିଅ ଜ୍ଞାନ ସୁଗୁଣ ସୁହୃଦ
ନିଅ ପୂଜା ନଇବେଦ୍ୟ ।।

*ନୂଆପଡା, କଟକ*

## ହାରି ବଞ୍ଚୁଥିବା ମଣିଷ

*ସତ୍ୟନାରାୟଣ ପ୍ରଧାନ*

ଲୁହ ଗୁଡାକ ଚାଲନ୍ତି ତାଙ୍କ ବାଟରେ
ରାତିଦିନ ସବୁ ସମାନ
ମନର ନଦୀରେ ପୁରି ଉଠିଥିଲା ବନ୍ୟା
ସେଇ ବିଶ୍ୱାସ ବେଇମାନ ।।

ନୀଳକଣ୍ଠ ସାଜି ପାଇଲା ମେଞ୍ଚାଏ ଦୁଃଖ
ପ୍ରେମଟା ଗୋଟେ ପ୍ରତାରଣା
ଅବୁଝା ମନ କାନ୍ଦେ ହୋଇ ଛୋଟ ପିଲା
ଖୋଜେ ବସି ଫୁଲ ଅଗଣା ।।

ନିରବ ବାଛେ ଖାଲି ହୃଦୟର ସ୍ୱର
ହସିବାକୁ କରେ ପ୍ରୟାସ
ଭଙ୍ଗା ଆଇନାରେ ଦେଖି ନିଜ ମୁହଁ
କହେ କିଛି କରିନି ଦୋଷ ।।

ବିଷମ ମେରୁର ଆକର୍ଷଣ ଫିକା ଜାଣି
କରିଥିଲା ତାକୁ ନିଜର
ସ୍ୱାଭିମାନ ଦ୍ୱାହି ହୋଇ ସମ୍ପର୍କ ନିଲାମ
ସ୍ୱପ୍ନ ହେଲା ମିଠା ଜହର ।।

ତଥାପି ସଂଘର୍ଷ କେତେ ଅବା ସହିବ ଆଉ
ନାରୀମାୟାରେ କି ସେ ହସ
ଦୁନିଆ ଆଗରେ କହି ହୁଏ ମୁଁ ତ ସେଇ
ହାରି ବଞ୍ଚୁଥିବା ମଣିଷ ।।

*ଅଣ୍ଡିଆ, ଯାଜପୁର*
*ମୋ-୯୧୭୮୩୧୩୬୪*



## ମୁଁ ନିର୍ଯାତିତା କହୁଚି ...

*ଡାଃ ମନୋରଞ୍ଜନ ଦାଶ*

ମହାଭାରତର ପାଞ୍ଚାଳୀର ନିର୍ଯାତିତ ବେଳେ
ନୀରବି ଯାଇଥିଲେ, ଧୃତରାଷ୍ଟ୍ର ଓ ଭୀଷ୍ମ ଆଦି ପୁରୁଷଗଣ !
ତାପରେ ତାକୁ ସମବେଦନାରେ ମିଳିଲା, ସତୀତ୍ୱର ଆଖ୍ୟା...
ରାମାୟଣରେ ସୀତାଙ୍କ ସତୀତ୍ୱ ପାଇଁ ବାଧ କରାଗଲା,
ନିଆଁରେ ଜଳିବାକୁ !
ଏବେ ନାରୀଟିର ନିର୍ଯାତନା କି ମୃତ୍ୟୁବରଣ ପରେ
ମହମବତୀ ଯାତ୍ରା, ନୀରବ ପ୍ରାର୍ଥନା, ଆନ୍ଦୋଳନ ପୁଣି
କେତେ ରାଜନୀତି ...
ମୁଁ ବଞ୍ଚିଥିବାରେ ଓ ନିର୍ଯାତିତ ବେଳାରେ କୁଆଡେ ଥିଲା,
ଏତେ ସବୁ ବୃଥା ଦରଦ...
ଶତ ଧିକ୍କାର, ଏଇ ନର-ନାରୀର ସମାଜକୁ ...
ମୁଁ ମରିଗଲା ପରେବି ମୋତେ ଏବେ ନିନ୍ଦା ପରଶୁଛନ୍ତି,
ଫେସ୍‌ବୁକ୍‌ରେ କିଛି ପିଶାଚ-ପିଶାଚୀମାନେ ...
ମୋ ନିର୍ଯାତନାକୁ ନୀରବରେ ଦେଖୁଥିବା ହେ !
ଅବିବେକୀମାନେ ! ତୁମ ମାନଙ୍କ କର୍ମର ଫଳ
ଭୋଗିବାକୁ ସମୟ ଆସୁଚି, ଏଇ କିଛି ଆଗକୁ ......

*ପ୍ରଭାବତୀ ନିଳୟମ୍, ଚୂନଡିହ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*
*ମୋ -୯୪୩୭୩୧୭୭୨୨*

## ଅଳ୍ପାୟୁଷ

*ବିନୟ କୁମାର ମିଶ୍ର*



କେବେଥିଲା ଭୋକେ
ମରୁଥିଲେ ଲୋକେ
ଦାନା କନାର ଦୁଃଖରେ,
ସରକାରଙ୍କର ଯୋଜନା ପ୍ରଚୁର
ଚାଉଳ କୋଟା ଦୁଆରେ,
ଅଭାବ କାହାର ନାହିଁ,
ତାଆସ ପଶାରେ ମଦ ବୋତଲରେ
ଗାଁ ମୁଣ୍ଡ ଶୋଭୁ ଥାଇ।

ସାଇକେଲ ଖଣ୍ଡେ ଦେଖିବାକୁ ସ୍ୱପ୍ନ
ଏବେ ଗାଁ ଗଣ୍ଡା ଦେଖ,
ଶହ ଶହ କରି ମଟର ବାଇକ୍
କାର୍‌ର କେତେ ସୁଖ,
ମୁଲିଆ ମିଳନ୍ତି ନାହିଁ,
ଚାଷ ଜମି ସବୁ ପଡିଆ ପଡିଛି
ଜମିକୁ ନ ଯାନ୍ତି କେହି।

ଜନମୁ ମରଣ ଯୋଜନା ଯେତିକି
ଲୋକେ ହୋଇଲେଣି ସୁଖୀ,
ବଡ଼ଲୋକ ଅଫିସର ଚାକିରିଆ
ଫୁଲିଛନ୍ତି ଲାଞ୍ଚ ଚାଖି,
ରିଲ ଇନିଷ୍ଟାଗ୍ରାମ,
ଫେଏସେବୁଭକୁ ପଇସା ଦେଲାଣି
ବୁଢାବୁଢ଼ୀଙ୍କର ପ୍ରେମ।

ମୋବାଇଲ ଘରେ ଘରକେ ଗଣ୍ଡାଏ
ଘସା ଚିପା ଆଉ ନାହିଁ,
ସଂସ୍କାର ସଂସ୍କୃତି ଉଧାର ଚାଲିଛି
ଗୁହାଳେ ନ ଦିଶେ ଗାଇ,
କୁକୁରକୁ କୋଳେ ନେଇ,
ମଜା କରିଲେଣି ବୁଢା ବୋପା ମାଆ
ବୃଦ୍ଧାଶ୍ରମେ ଛାଡ଼ିଦେଇ।

ଯୋଗୀ ଭିକାରୀଏ ହଜିଗଲେ କାହିଁ
ଜାନୁଘଣ୍ଟିଆଟେ ନାହିଁ,
ପସରା ବିକାଳୀ ଦେଖା ନ ଦିଅନ୍ତି
ମଲ ବଜାର ଯହିଁ,
ଚୁଲି ଚାଳ ନାହିଁ କାହିଁ,
ସମ୍ଭ୍ରାନ୍ତ ଧନୀଏଁ ଭୂମିହୀନ ହୋଇ
ଫ୍ଲାଟ କିଣନ୍ତି କୋଟିଏ ଟଙ୍କାରେ ଯାଇ।

ସାମାଜିକ ସ୍ଥିତି ଆର୍ଥିକ ପ୍ରଗତି
ସମସ୍ତଙ୍କ ପାଖେ ଅଛି,
ଦାନା ପାଇଁ କେହି କେବେ ଖୋଜୁନାହିଁ
ସବୁ ପାଖରେ ରହିଛି,
ମଦ ମାଂସ ମାଛ ଅଛି,
ଗରିବର ହାତ ପାଆନ୍ତାରେ ସବୁ
ବାବୁ ଟଙ୍କା ହିଁ ଖାଆନ୍ତି।

ବେଏଗେ ଟଙ୍କାକୁ ଅଧ କିଲେ ଯେବେ
ଚାଉଳ ମିଳିବ ଭାଇ,
ଚାଷ ଜମି ସବୁ କୋଠା ଘର ହେବ
ଚେତା ପଶିବଟି ଯାଇ,
ଭୋଜିରେ ଷ୍ଟାର୍ଟର ହେବ,
ପ୍ରକୃତ ଭୋଜିକି ଖାଇଲା ବେଳକୁ
ପେଟରେ ଜାଗା ନ ଥିବ।

ବାହାଘର ଆଗୁ ମଧୁଶଯ୍ୟା କରି
ପରେ ଛାଡ଼ପତ୍ର ହେବ,
ହଳଦୀ ରଶମ ମେହେନ୍ଦି ସହିତ
ରିଂ ସିରିମନି ଭାବ,
ବର୍ଣ୍ଣ ବିବର୍ଣ୍ଣ ବିବାହ,
ଧର୍ମ ସମ୍ପ୍ରଦାୟ ବିଚାର ନଥିବ
ସଭିଏଁ ଦେବେ ଉତ୍ସାହ।

ଏକକୁ ଅନେକ ପତ୍ନୀ ପତି ନେଇ
ସଂସାର ଯେବେ ଚାଲିବ,
ଦୁଇ ସନ୍ତାନର ଜନନୀ ପ୍ରେମରେ
ତିନି ସନ୍ତାନର ବାପ,
ବର୍ଣ୍ଣ ଶଙ୍କର ମଣିଷ,
ସମାଜ ଆଗକୁ ଦେଖିବାକୁ ବାକି
ସର୍ବେ ହେବେ ଅଳ୍ପାୟୁଷ।

*ମଲ୍ଲିପୁର, ଗଡ଼ନିଆଳ, ଖୋର୍ଦ୍ଧା*

## ନଈ ଆର ପାଖେ ତୋହରି ଗାଁ ଲୋ

*ହରିଶ୍ଚନ୍ଦ୍ର ବେହେରା*



ନଈ ଆର ପାଖେ ତୋହରି ଗାଁ ଲୋ
ଏପାଖେ ମୋହରି ଗାଁ
ତୋ ଗାଁ ଆକାଶ ଭସା ମେଘ ଆସି
ଲେଖି ଦିଏ ତା'ର ନାଁ ।

ତୋ ଗାଁ ତୋଟାରେ ଡାକିଲେ କୋଇଲି
ମୋ ଗାଁ ବଉଳି ଯାଏ
ତୋ ଗାଁ ପାଦରେ ପାଉଁଜି ପିନ୍ଧିଲେ
ଏ ଗାଁକୁ ଶୁଭୁଥାଏ
ଜଲ୍ଲା ମହୁରାଳି ଖେଳରେ ମାତନ୍ତି
ଚାଲୁଥିଲେ ଘାଟ ନାଆ ।।

ତୁମ ଗାଁ ଆମ ଗାଁ କୋଳାହଳ
ନିଇତି ଶୁଣିଛି ନଈ
କେତେ ମଣିଷଙ୍କ ସୁଖ ଦୁଃଖ ନେଇ
ନିରବେ ଯାଉଛି ବହି
ଅତୀତର କେତେ ଗୌରବ କାହାଣୀ
ଗାଆରେ ପାଗଳୀ ଗାଆ ।।

ଦୁଇ ଗାଁଙ୍କର ପ୍ରାଣର ଉଚ୍ଛ୍ୱାସ
ସତେ ଅବା ଏଇ ନଈ
ନାଉରୀ ଭାଇ ତା'ନାଆ ବାହୁ ବାହୁ
ଗୀତରେ ଦିଏ ସେ ଗାଇ
ବିପଦ ଆପଦେ ଗାଁ ଠାକୁରାଣୀ
ଅଟନ୍ତି ଆମରି ସାହା ।।

*କଲ୍ୟାଣ ନଗର, ବାଲେଶ୍ୱର -୧*
*ମୋ-୯୪୩୭୮୧୩୭୦୮*

## ମନଲାଖି ବନ୍ଧୁ

*ଜ୍ୟୋତ୍ସ୍ନା ପାଢ଼ୀ*



କେତେ ଦିନ ହେବ ଖୋଜି ଚାଲିଛି ମୁଁ
ମନଲାଖି ବନ୍ଧୁଟିଏ
ସୁଖରେ ଦୁଃଖରେ ଛାଇ ପରି ରହି
ମନ ବୁଝୁଥିବ ଯିଏ।।
କାନ୍ଦୁଥିଲେ ଧାଇଁ ଆସି ମୋ ଆଖିରୁ
ଲୁହତକ ପୋଛି ଦେବ
ସାନ୍ତ୍ୱନା ଛଳରେ ମନ ନେବ ମୋହି
ମୁଖେ ହସ ଫୁଟାଇବ।।
ଗାଆଁରୁ ସହର ହାଟ ଓ ବଜାର
ପ୍ରତି ଗଳି କନ୍ଦି ଯାଇ
ସତ କହୁଛି ମୁଁ ସେପରିକା ବନ୍ଧୁ
କେଉଁଠି ପାଇଲି ନାହିଁ।।
ଶେଷ ସିଦ୍ଧାନ୍ତରେ ପହଞ୍ଚି ମୁଁ ଦିନେ
ନିଜ ବିବେକକୁ ପ୍ରଶ୍ନ କଲି
ଯାହା ଅନ୍ୱେଷଣେ ଘୁରି ବୁଲୁଛି ମୁଁ
ହେବିକି ନିଜେ ତା' ପରି।।
ଅନ୍ତରାତ୍ମା ମୋର ଦୋହରାଇ କହେ
ନିଜେ ଭଲ ବନ୍ଧୁ ହୁଅ
ତାପରେ ଦେଖିବ ନିଃସ୍ୱାର୍ଥ ବନ୍ଧୁଙ୍କ
ଛୁଟିବ କିପରି ସୁଅ।।
ନିଜ ପ୍ରଶ୍ନର ତ ଉତ୍ତର ମୋ ପାଖେ
ଅଛି ବୋଲି ଜାଣିଗଲି
ବୃଥାଟାରେ ମନଲାଖି ବନ୍ଧୁ ଖୋଜି
ସମୟ ଯା' କାଟି ଦେଲି।।

*କୃପାସିନ୍ଧୁ ପାଢ଼ୀ ପରିସର, ପିତଲୁଡି ରୋଡ଼, କେନ୍ଦୁଝରଗଡ଼-୭୫୮୦୦୧*
*ମୋ-୯୪୩୮୮୦୦୭୩୮*

## ହଜିଯାଉଥିବା ମୂଲ୍ୟବୋଧ

*ଅନସୂୟା ପଣ୍ଡା*



ସମାଜର ଚାରି ଛକିରେ
ଠିଆ ହୋଇ ଖୋଜିଲି
କେଉଁ ରାସ୍ତାରେ ଗଲେ
ମିଳେ ନ୍ୟାୟ ଆଉ ଶାନ୍ତି।
କେଉଁଠି ଫୁଟେ ସ୍ୱଚ୍ଛ ସକାଳର ଝୋଟି
ଖେଳେ ଓଠରେ ପରିତୃପ୍ତି ସଂସ୍ଥିତି
ଝିଲ୍ ମିଲ୍ କରେ ଆକାଶେ ସ୍ମୃତି
ସମ୍ଭାବନାର ତାରାଫୁଲ ମିଳିମିଶି।
ମିଛ ଅଭିପ୍ରାୟର ଅଭିଷେକରେ
କେହି କହନ୍ତିନି ଆହୋପୁରୁଷିକାରେ
ପରିଶୀଳିତ ଏ ସାମ୍ରାଜ୍ୟ ମୋର କବ୍‌ଜାରେ
ସାରା କାରବାର ମୋ ମର୍ଜିରେ
ଭାରି ଜଟିଳ ରହସ୍ୟ ବୁଝିବାରେ।
ଦେଖିଲି ପ୍ରତିପତ୍ତି ଅପରାଧ
କୂଟନୀତିରେ ପକାଚାଲିଛି ଜହର
ସ୍ୱାର୍ଥତନ୍ତ୍ରରେ ଜଳୁଛି ଲୋକତନ୍ତ୍ର
ଚୂଳିରେ ବସିଛି ଅନୀତି ଅହଂକାର
ତା'ରି ପ୍ରଭାବରେ ନ୍ୟାୟ ନିସ୍ତେଜ।
ପ୍ରତିପତିର ରଙ୍ଗରେ ପୃଷ୍ଠା ସବୁ କଳେବର
ସୁବିଧା ଦେଖି ଯିଏ ହାତ ଟେକିଦେବ
ଜୟ ଜୟ କହି ପତିଆରାର
ସେ ଅକ୍ଲେଶରେ ପାରି କରିପାରିବ
ତେର ନଈ ଘମାଘୋଟ ଜୁଆର
କୁମ୍ଭୀରମାନେ ଟାଣିବେନି ଗୋଡ ତାହାର।
ଅନ୍ୟାୟର ରାସ୍ତା ଟିକେ ନିଆରା ସ୍ୱାଦର
ଲୁଟିଖିଆ ହାତରେ କୋଷାଗାର ଭାର
ନ୍ୟାୟ ଶୀର୍ଷାସନରେ ଜିତାପଟ ପତିଆରାର।

*ବୁର୍ଲା, ସମ୍ବଲପୁର*
*ମୋ-୯୪୩୯୨୧୧୯୭୧*

## ଏମିତି କିଏ ଅଛି

*ଦୀନବନ୍ଧୁ ପୋଇ*



ଏମିତି କିଏ ଅଛିରେ ଜଣେ
ଗଢୁଛି ରୂପ କେତେ ?
ବରଷ ସାରା ବଦଳି ଯାଏ
ତା ମନ ଚାହେଁ ଯେତେ ।
ଭଳିକି ଭଳିକି ରଙ୍ଗ ବେରଙ୍ଗ
ଫୁଟାଇ ଦିଏ ଫୁଲ
ଯେତେ ଚାହିଁଲେ ତାପରି କିଏ
ହୋଇ ପାରେନି ତୁଲ ।
ଏଇନେ ଖରା ଏଇନେ ଛାଇ
ଚାହିଁଲେ ସିଏ ହୁଏ
ବଢାଇ ପାରେ ଉତ୍ତାପ ପୁଣି
ଶୀତଳ ବାଆ ଦିଏ ।
ଇନ୍ଦ୍ରଧନୁର ରୂପ ବି ଗଢି
ମୋହି ନିଅଇ ମନ
କୋଇଲି କଣ୍ଠ ମଧୁର ସ୍ୱର
ଶୁଣି ପାରେ ଏ କାନ ।
ଋତୁ ବଦଳେ ଥରକୁ ଥର
ଆମରି ହିତ ପାଇଁ
କରୁଛି ଯିଏ ଏପରି ସିଏ
ତା ରୂପ କିଛି ନାହିଁ ।
ଏତିକି ମୁହିଁ ଜାଣିଛି ସିଏ
ଆମ ଜଗତ ସାଇଁ
ଭାବେ ବାନ୍ଧିଲେ ଧରା ଦିଅନ୍ତି
ଉତ୍ତମ ବନ୍ଧୁ ହୋଇ ।

*ଗୋରଡାପାଳ, କରମୂଳ, ଢେଙ୍କାନାଳ*
*ଦୂରଭାଷ- ୯୯୩୮୮୦୨୪୧୨*



## ଅଭୁଲା ଅତୀତ

*ପ୍ରଶାନ୍ତ କୁମାର ନାୟକ*

ସଭିଏଁ ଡାକନ୍ତି ତମେ ତମେ ବୋଲି
ସେ ତମେର କିଛି ମୂଲ୍ୟ ନାହିଁ,
ତମେ ଯେବେ ମୋତେ ତମେବୋଲି କୁହ
ଏତେ ମିଠା ଲାଗେ କାହିଁ ପାଇଁ ।

ମୁଁ ତ ଭାରି ଦୁଷ୍ଟ ଥିଲି, ହେଲେ ...
ତୁମେ କେମିତି କେଜାଣି,
ସବୁ ଦୁଷ୍ଟାମୀ ମୋର ସହିଯାଉଥିଲ
ଉପର ମନରେ ହସି ଦେଇ ।

ସମୟର ସୁଅ ନେଇଛି ଭସେଇ
ସେ ଅତୀତକୁ ବହୁ ଦୂରେ,
ତାହାରି ପରଶ ପାଇବାକୁ ଥରେ
ମନ ମୋ ଖାଲି ତାକୁ ଝୁରେ ।

ଥରେ ଦେଖାଦିଅ ହେ ଅତୀତ ତୁମେ
ଫେରିଆସ ମୋ ପାଖକୁ,
ଫେରି ଆସନ୍ତୁ ମୋ ଆତ୍ମୀୟ ସ୍ୱଜନ
ମନ ଖୋଜେ ଯେଉଁ ମାନଙ୍କୁ ।

ତମେବି ତ ଥିଲ ଅତି ଆପଣାର
କାହିଁ ପୁଣି ଚାଲିଗଲ,
କେତେ ମିଠା ସ୍ୱପ୍ନ ଦେଖେଇ ଦେଖେଇ
ମୋ ସାଥେ ଛଳନା କଲ ।

*ୟୁନିଟ୍-୫, ଭୁବନେଶ୍ୱର*
*ମୋ- ୮୨୪୯୬୫୦୪୧୪*

## ଥୁଣ୍ଟା ଗଛ

*ଡ଼ ସୀତାକାନ୍ତ ତ୍ରିପାଠୀ*



ଥୁଣ୍ଟା ଗଛଟାକୁ ଦେଖି ମନେହେଲା
ସିଏ ତାର ସର୍ବସ୍ୱ ହରାଇ
ଖାଲି ମରିବା ପାଇଁ ବୋଧେ ଜିଇଁଛି ।

କାଲି ଭଳି ଲାଗୁଛି ପତ୍ର ଗହଳରେ
ଭରପୁର ଥିଲା ତାର ଡାଳ ଆଉ ନିଜକୁ ସଜାଉଥିଲା
କେତେ ଫୁଲ ଆଉ ଫଳରେ।

ତାକୁ ଦେଖି ଲୋକମାନେ ଖୁସି ହୋଇ
ଭିଡ଼ ଜମାନ୍ତି ତାର ଚାରିପଟେ
ଆଉ ତାକୁ ଦରାଣ୍ଡନ୍ତି ତଳ ଠାରୁ ଉପର ପର୍ଯ୍ୟନ୍ତ।

କେତେଥର ଆଲୋଚନା ହୋଇଛି
ତାର ବିକା କିଣା ପାଇଁ କିନ୍ତୁ ମାଲିକ କୁହନ୍ତି
ଫଳନ୍ତି ଗଛ କାଟିବା ମହାପାପ।

ଜୀବନରେ ଅନେକ ଝଡ଼ ବାତ୍ୟାକୁ
ସାମ୍ନା କରିଥିବା ଗଛଟି ହୁଏତ
ବୟସର ଅପରାହ୍ନରେ ହାରି ଯାଇଛି।

ସ୍ୱାର୍ଥ ସରିଗଲେ ଆଉ କିଏ ବା ଆସିବ ତା ପାଖକୁ
ନା ତାକୁ କିଏ ଆଦର କରିବ,
ଖାଲି ଗଣିବ ମୃତ୍ୟୁର ତିଥିବାର ଆଉ ନକ୍ଷତ୍ରକୁ ।



କାରଣ ବର୍ତ୍ତମାନରେ ବଞ୍ଚୁଥିବା ମଣିଷମାନେ
କଣ କେବେ ଅତୀତକୁ ରୋମନ୍ଥନ କରିବେ
ନା ଭବିଷ୍ୟତ ପିଢ଼ି ପାଇଁ ସାଇତିବେ କିଛି ସ୍ମୃତି।

*ଅର୍ଣ୍ଣପାଳ, ଭଦ୍ରକ*
*ମୋ-୯୭୭୮୭୬୪୩୯୪*

## ମାଟିର ମହକ

*ଦୁଷ୍ମନ୍ତ ବେହେରା*



ମାଟିର ଗାଥାରେ ଅନେକ କଥା
ଭାସି ମହକି ଉଠେ ମାଟିର
ମହକ କଥା.....!!
ସମୟ କହେ କେତେ ଲେଉଟା କଥା
ସାଇତି ରଖିଲେ ସହଜ ହେବ ଆମ
ଭାଷା କଥା.....!!
ପବନ ବହନ ବନେ ସରୁ ସୂତା
ମହକ କହେ ଆମ ଅତୀତ
ଗାଥାର କଥା......!!
ଢେଉ ଖେଳୁ ଥାଏ କୋଳରେ ବସି
ଆମ ଜାତି ଭାଇ କହେ ମୋ ଦେଶ
ହସୁଛି ଭାଇ......!!
ଆକାଶ ହସୁଛି ମାଟିର ମହକ ଦେଖି
ତୋ କୋଳେ ଖେଳନ୍ତି ଜନ ମାନସ
ହସି ହସିରେ ଭାଇ.....!!
କଥା ସୁନ୍ଦର ଲାଗେ ବେଶ ପୋଷାକ ଭଲ
ଥିଲେରେ ଭାଇ ତୁମେ ପରିଚୟ ଦିଅ
ମୋ ଦେଶ ଭାରତ ଏଇ....!!
ଆହା କି ମିଠା କଥା ଆମର ଯିଏ
ଶୁଣେ କହେ ଇଏ ଭାରତ ମାଟିର
ଉତ୍କଳ ସନ୍ତାନ....!!

*ରାସୋଳ-ମୁଣ୍ଡିଆପଷି, ଢେଙ୍କାନାଳ*
*ମୋ-୯୯୩୭୬୫୨୫୦୪*



ଧ୍ରୁବଚରଣ ଘିବେଲା



## ଚତୁର ପଡ଼ୋଶୀ

ନବଘନ ଓ ଶ୍ୟାମଘନ ଦୁଇ ପଡ଼ୋଶୀ । ସହରର ନୂଆ କଲୋନୀର ବାସିନ୍ଦା । ଉଭୟେ କର୍ମଜୀବି । କାନ୍ଥ ଏ ପାଖେ ସେ ପାଖେ ଘର । ଦି' ଘର ଏତେ ଲଗାଲଗି ପାଖାପାଖି ଯେ ଏ ଘର କଥା ସେ ଘରେ ଶୁଭେ । ଗୋଟେ ଘରର ବ୍ୟଞ୍ଜନ ପର୍ଚ୍ଛନାରେ ପଡ଼ୋଶୀ ଘରେ ସେ ପର୍ଚ୍ଛନା ମହକ ମହମହ ମହକେ । ଆର ଘରେ ମଲ୍ଲୀ ଫୁଟିଲେ ପଡ଼ୋଶୀର ଅଗଣା ବାସେ ଓ ଦୁଇ ପଡ଼ୋଶୀ ଭିତରେ ସୁନ୍ଦର ଯିବା ଆସିବା ଚାଲେ। ଦୁଇ ଘରର ମୁଖିଆ ନବଘନ । ଶ୍ୟାମଘନ ଭିତରେ ବି ଭଲ ପଡ଼େ । ଅନେକ ସମୟରେ ଗୋଟେ ଗାଡ଼ିରେ ଯାଆନ୍ତି ହାଟବଜାର ଅବା ଆଉ କେଉଁଠିକି । ସେଭ ଫୁଏଲ ନୀତି ଆପଣେଇଥାନ୍ତି ଅନେକ ସମୟରେ । ତେଣୁ ବଜାରକୁ ଗଲେ ଗୋଟେ ଗାଡ଼ିରେ ଯାଆନ୍ତି । କର୍ମସ୍ଥଳକୁ ଯେଝା ବାଇକ୍‌ରେ ଯାଆନ୍ତି ।

ନବଘନ ବାବୁ ବାଇକ୍ ବାହାର କଲେ ଶ୍ୟାମଘନ ବି ବାହାରି ପଡ଼ନ୍ତି ବଜାରକୁ ବ୍ୟାଗ ଧରି । ବଜାରରେ ବ୍ୟାଗ ହଲାଇ ହଜାଇ ଆଗ ଘେରାଏ ବୁଲି ଆସନ୍ତି ସେଦିନର ବିଭିନ୍ନ ପନିପରିବାର ତାଜା ଦର କେତେ ଲେଖାଏଁ ରହିଛି ଆଗ ଜାଣିବା ପାଇଁ । କୌଣସି ପରିବା କେଜିଏ କିଣି ଆଣିବାର ଥିଲେ ଏଠୁ ସେଠୁ ପାଏ ପାଏ ଧରନ୍ତି ଶ୍ୟାମଘନ । ଶ୍ୟାମଘନର କିଣିବା କଳା ନବଘନକୁ ବି ପ୍ରଭାବିତ କରେ । ଶ୍ୟାମଘନ କହନ୍ତି ଚାରି ଜାଗାରୁ ପାଏ ପାଏ ଧରିଲେ ବାରଶହର ପରିବା ପାଆନ୍ତି। ଆଜିକାଲି ପରିବା ବିକାଳୀ ବି କେଜି ନୁହେଁ ଡାକନ୍ତି ପାଆ ଦର। କେହି କେହି ଡାକନ୍ତି ପୋଟଳ ପନ୍ଦରରେ ପାଏ, ଆଳୁ ଦଶରେ ପାଏ । ଯାହା କିଣନ୍ତି ସେମାନେ ମିଶିକି କିଣନ୍ତି ଗୋଟେ ପରିବାବିକାଳୀଠୁ । ବେଳେ ବେଳେ ଖୁଚୁରା ନ ଥିବାରୁ ଶ୍ୟାମଘନର ପରିବା ମୂଲ୍ୟ ନବଘନ ଦେଇ ଦିଅନ୍ତି । ନବଘନ ପୁଣି ଭାବନ୍ତି ପଡ଼ୋଶୀ ଶ୍ୟାମଘନ ସୁବିଧା ଦେଖି କେତେବେଳେ ଦେଇଦେବ । ହେଲେ ସେମିତି କିଛି ହୁଏନି । ଶ୍ୟାମଘନ ଫେରେଇବାର ନାଁ ଗନ୍ଧ ଧରେନି । ଏମିତି କେଇବାର କରିବାରୁ ଦିନେ ନବଘନ କହିଲେ, ବନ୍ଧୁ ପରିବା ଟଙ୍କା ଦେଇଥିଲେ ହୋଇଥାନ୍ତା ଓ ଶ୍ୟାମଘନ କହିଲେ କେତେ ଟଙ୍କା କି ? ଆଉ ଅଛି ଷାଠିଏ ଟଙ୍କା । ମୁଁ ଭାବିଥିଲି ସବୁ ଦେଇସାରିଛି ବୋଲି । ସେଇୟା କହି ଶ୍ୟାମଘନ ନବଘନକୁ ଷାଠିଏ ଟଙ୍କା ଫେରେଇଥିଲେ । ଆଉ କେବେ ବଜାର ଯିବା କଥା ଶ୍ୟାମଘନ କହିଲେ ନବଘନ କହେ ଭାଇ ମୁଁ ଆଜି ବଜାରରୁ ଆସିସାରିଲିଣି । ଏମିତି କେଇଥର ହେବାରୁ ଶ୍ୟାମଘନ ଭାବିଲା ନବଘନ କେତେ ଚତୁର ! ତା' ପରଠୁ ସେମାନେ ମିଶିକି ପରିବା କିଣିଯିବା ଅଭ୍ୟାସ ଛାଡ଼ି ଦେଇଥିଲେ । ଯେଝା ସୁବିଧାରେ ସେମାନେ ଯାଉଛନ୍ତି ଏବେ ବଜାରକୁ ।

ନବଘନ ବାବୁ ବାଇକ୍ ବାହାର କଲେ ଶ୍ୟାମଘନ ବି ବାହାରି ପଡ଼ନ୍ତି ବଜାରକୁ ବ୍ୟାଗ ଧରି । ବଜାରରେ ବ୍ୟାଗ ହଲାଇ ହଜାଇ ଆଗ ଘେରାଏ ବୁଲି ଆସନ୍ତି ସେଦିନର ବିଭିନ୍ନ ପନିପରିବାର ତାଜା ଦର କେତେ ଲେଖାଏଁ ରହିଛି ଆଗ ଜାଣିବା ପାଇଁ । କୌଣସି ପରିବା କେଜିଏ କିଣି ଆଣିବାର ଥିଲେ ଏଠୁ ସେଠୁ ପାଏ ପାଏ ଧରନ୍ତି ଶ୍ୟାମଘନ । ଶ୍ୟାମଘନର କିଣିବା କଳା ନବଘନକୁ ବି ପ୍ରଭାବିତ କରେ ।

*ବୌଦ୍ଧ, ବଉଦରାଜ -୭୬୨୦୧୪*
*ମୋ-୯୪୩୭୪୭୮୪୬୬*

# ରେକର୍ଡ଼ରେ ନୂଆ ଫର୍ଦ୍ଦ ଯୋଡ଼ିଲେ ପିଭି ସିନ୍ଧୁ ୫୦୦ ମ୍ୟାଚ୍ ଜିତିବାରେ ପ୍ରଥମ ଭାରତୀୟ

**ନୂଆଦିଲ୍ଲୀ**

ଡବଲ୍ ଅଲିମ୍ପିକ୍ ପଦକ ବିଜୟିନୀ ଭାରତର ପିଭି ସିନ୍ଧୁଙ୍କ ସଫଳ କ୍ୟାରିୟରରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ସେ ପ୍ରଥମ ଭାରତୀୟ ଭାବେ ମହିଳା ସିଙ୍ଗଲ୍ସରେ ୫୦୦ ମ୍ୟାଚ୍ ଜିତିବାରେ ରେକର୍ଡ଼ ସ୍ଥାପନ କରିଛନ୍ତି। ଜାକର୍ତ୍ତାରେ ଚାଲିଥିବା ଇଣ୍ଡୋନେସିଆ ମାଷ୍ଟର୍ସ ବ୍ୟାଡ଼ମିଣ୍ଟନରେ ସେ ଡେନମାର୍କର ଲିନ ହୋଜମାର୍କ ଜାର୍ସଫିଲ୍ଡଙ୍କୁ ହରାଇ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ବିଶ୍ୱର ଷଷ୍ଠ ମହିଳା ଖେଳାଳି ଭାବେ ସେ ୫୦୦ ମ୍ୟାଚ୍ ବିଜୟ କ୍ଲବରେ ସାମିଲ ହୋଇଛନ୍ତି। ମହିଳା ବର୍ଗ ପ୍ରି-କ୍ୱାର୍ଟରରେ ସିନ୍ଧୁ ୨୧-୧୯, ୨୧-୧୮ ଗେମ୍‌ରେ ଜାର୍ସଫିଲ୍ଡଙ୍କୁ ହରାଇ କ୍ୱାର୍ଟରରେ ସ୍ଥାନ ପକ୍କା କରିଥିଲେ। ସେ କ୍ୱାର୍ଟରରେ ଟପ୍ ସିଡ୍ ଚୀନର ଚେନ୍ ୟୁଫେଇଙ୍କୁ ଭେଟିବେ। ପୁରୁଷ ବର୍ଗରେ ଲକ୍ଷ୍ୟ ସେନ୍ କ୍ୱାର୍ଟର ପ୍ରବେଶ କରିଛନ୍ତି। ସେ ୨୧-୧୦, ୨୧-୧୧ରେ ହଂକଂର ଜାସନ ଗୁନାୱ୍ୱନଙ୍କୁ ହରାଇଥିଲେ। ଅନ୍ୟ ପଟରେ କେ. ଶ୍ରୀକାନ୍ତ ଓ ଅନମୋଲ ଖର୍ବଙ୍କ ଅଭିଯାନ ଶେଷ ହୋଇଛି।




# ରାୟପୁରରେ ନ୍ୟୁଜିଲାଣ୍ଡକୁ ୭ ଓ୍ୱିକେଟରେ ହରାଇଲା ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ**

ଦ୍ୱିତୀୟ ଟି-୨୦ରେ ଟିମ୍ ଇଣ୍ଡିଆ ବିଜୟୀ। ନ୍ୟୁଜିଲାଣ୍ଡକୁ ୭ ଓ୍ୱିକେଟରେ ହରାଇଲା ଭାରତ। ୨୮ ବଲ ପୂର୍ବରୁ ମ୍ୟାଚ୍‌କୁ ଜିତି ନେଇଛି ଘରୋଇ ଦଳ। ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ୨-୧ରେ ଆଗୁଆ ଭାରତ। ଇଶାନ କିଶନ ୩୨ ବଲରେ ୭୬ ରନ କରିଥିବାବେଳେ ସୂର୍ଯ୍ୟକୁମାର ଯାଦବ ୩୭ ବଲରେ ୮୨ ରନ୍ କରି ଅପରାଜିତ ରହିଛନ୍ତି ସ୍କାଏ।

ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା ଟିମ୍ ଇଣ୍ଡିଆ। ତେବେ ପ୍ରଥମ ମଇଦାନକୁ ଓହ୍ଲାଇଥିବା କିୱି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ ହରାଇ ୨୦୮ ରନ୍ କରିଛି। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେନ ସାଣ୍ଟନର ସର୍ବାଧିକ ୪୭ ରନ୍ କରିଥିବା ବେଳେ, ରଚିନ ରବିନ୍ଦ୍ରନ ୪୪ ରନ୍, ଟିମ୍ ସେଫର୍ଟ ୨୪, ଡେଭନ୍ କନୱେ ୧୯, ଗ୍ଲେନ୍ ଫିଲିପ୍ସ ୧୯, ଡାରିଲ ମିଚେଲ ୧୮, ଜାକାରି ଫୁଲକର୍ସ ୧୫ ଏବଂ ମାର୍କ ଚାମ୍ପମାନ ୧୦ ରନ୍ କରିଥିଲେ। ତେବେ ଭାରତ ପକ୍ଷରୁ ବୋଲିଂରେ କୁଲଦିପ ଯାଦବ ୨ଟି ଓ୍ୱିକେଟ ନେଇଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ ଏବଂ ଶିବମ ଦୁବେ ଗୋଟିଏ ଲେଖାଏଁ ସଫଳତା ପାଇଥିଲେ।



ଭାରତ ଆଗରେ ୨୦୯ ରନର ଲକ୍ଷ୍ୟ ରହିଥିବାବେଳେ ୨୮ ବଲ ବାକି ଥାଇ ଭାରତ ଏହାକୁ ପୂରଣ କରିଛି। ପ୍ରଥମରୁ ଭାରତକୁ ଝଟ୍‌କା ଲାଗିଥିଲା। ସଞ୍ଜୁ ସାମସନ ମାତ୍ର ୫ ରନ ଏବଂ ଅଭିଷେକ ଶର୍ମା ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ମାତ୍ର ପରେ ଇଶାନ କିଶନ ୩୨ ବଲରେ ୭୬ ରନ କରିଥିବାବେଳେ ସୂର୍ଯ୍ୟକୁମାର ଯାଦବ ୩୭ ବଲରେ ୮୨ କରିଥିଲେ। ଇଶାନ କିଶାନଙ୍କ ପରେ ଶିଭମ ଦୁବେ ୧୮ ବଲରୁ ୩୬ ରନର ପାଳି ଖେଳିଥିଲେ। ଫଳରେ ଭାରତ ୨୮ ବଲ ପୂର୍ବରୁ ମ୍ୟାଚ୍‌କୁ ଜିତି ନେଇଛି।

# ଟି-୨୦ରେ ହଇଚଇ ସୃଷ୍ଟି କରିବେ ଅଭିଷେକ ଶର୍ମା : ଭଜି

**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ ସ୍ପିନର ହରଭଜନ ସିଂ ଜଣ ଖେଳାଳିଙ୍କୁ ନେଇ ଭବିଷ୍ୟବାଣୀ କରିଛନ୍ତି। ସେ ଟି-୨୦ କ୍ରିକେଟରେ ୧୦୦୦ ଛକା ମାରିପାରନ୍ତି। ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଟି-୨୦ ମ୍ୟାଚ୍‌ରେ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ଦେଖିବା ପରେ ଭଜି ଏହି ଭବିଷ୍ୟବାଣୀ କରିଥିଲେ ଏବଂ ଦାବି କରିଥିଲେ ଯେ ଯଦି ଅଭିଷେକ କୋହଲି ଏବଂ ରୋହିତଙ୍କ ପରି ଅଧିକ ଟି-୨୦ ମ୍ୟାଚ୍ ଖେଳିପାରନ୍ତି, ତେବେ ତାଙ୍କ ନାମରେ ୧୦୦୦ ଛକା ହେବ। ପ୍ରକାଶଥାଉକି, ପ୍ରଥମ ଟି-୨୦ ମ୍ୟାଚ୍‌ରେ ଅଭିଷେକ ଶର୍ମା ୮୪ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ ଯେଉଁଥିରେ ଏହି ବ୍ୟାଟ୍ସମ୍ୟାନ୍ ୮ଟି ଛକା ମାରିଥିଲେ।



ହରଭଜନ କହିଛନ୍ତି, ଅଭିଷେକ ଶର୍ମା ସହଜରେ ଶତକ ହାସଲ କରିପାରିଥାନ୍ତେ, କିନ୍ତୁ ସେ କଲେ ନାହିଁ। ସେ କହିଥିଲେ ଯେ ସେ ଆଉଟ୍ ହେଲେ ମଧ୍ୟ ସମାନ ବିସ୍ଫୋରକ ଢଙ୍ଗରେ ବ୍ୟାଟିଂ ଜାରି ରଖିବେ। ମାନସିକତାରେ ଏହା ହିଁ ପାର୍ଥକ୍ୟ। ଏହା ଏକ ବଡ଼ କଥା ଯେ ସେ ନିଜ ବିଷୟରେ ଚିନ୍ତା କରିନଥିଲେ ଏବଂ ଦଳ ବିଷୟରେ ଚିନ୍ତା କରିଥିଲେ। ସେ ଏବେ ଯେଉଁଭଳି ବ୍ୟାଟିଂ କରୁଛନ୍ତି, ପ୍ରତ୍ୟେକ ଥର ସେ ୫୦ ରନ୍ କଲେ, ଟିମ୍ ଇଣ୍ଡିଆ ଜିତିଥାଏ। ସେ ଜଣେ ସୁପରଷ୍ଟାର, ଏବଂ ବୋଲରମାନଙ୍କ ପାଖରେ ତାଙ୍କ ପାଇଁ କୌଣସି ଜବାବ ନାହିଁ।

# ଟାଏକୋଣ୍ଡୋ ଫେଡେରେସନ୍ କପ୍ ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୧୯ ପଦକ

**ଭୁବନେଶ୍ୱର**

ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ଦ୍ୱିତୀୟ ଇଣ୍ଡିଆ ଟାଏକୋଣ୍ଡୋ ଫେଡେରେସନ୍ କପ୍‌ରେ ଓଡ଼ିଶାକୁ ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧୫ କାଂସ୍ୟ ସହ ମୋଟ ୧୯ ପଦକ ମିଳିଛି। ପି. ସୋହମ୍, ସ୍ୱରାଜ ଶେଖର ନାୟକ, ଶିବ ପାଇକ, ସୋନାକ୍ଷୀ ସେଠୀ, ସୁଧାମୟୀ ପାଢ଼ୀଙ୍କୁ ନେଇ ଗଠିତ ଫ୍ରିଷ୍ଟାଇଲ୍ ଦଳ ସ୍ୱର୍ଣ୍ଣ ଜିତିଥିଲା।

ଆସ୍ମା ବିଶୋୟୀ, ଡି. ସ୍ମିରିଥା, ଏମ୍. ସମିତା ଆଚାର୍ଯ୍ୟ, ସସ୍ମିତା ସାହୁ, ଡି. ଭରତ କୁମାର, ଜାଭିଲି ତନୁଜଙ୍କୁ ନେଇ ଗଠିତ ଫ୍ରିଷ୍ଟାଇଲ ପୁମସେ ଦଳ, ଅଣ୍ଡର-୫୯ରେ ସୁବର୍ଣ୍ଣ ସାହୁ ଏବଂ ଫ୍ରିଷ୍ଟାଇଲ ପେୟାରରେ ଆଲିଶା ସାବତ ଓ ପି. ପ୍ରତୀକ ପାତ୍ର ରୌପ୍ୟ ପଦକ ଜିତିଥିଲେ। ଉପକନିଷ୍ଠ ଟିମ୍ ପୁମସେରେ ରୁଦ୍ର ନାରାୟଣ ସାମଲ, ରୁଦ୍ର ପ୍ରସାଦ ଆଚାର୍ଯ୍ୟ, ଶୁଚୟେ ମହାନ୍ତି, ଫ୍ରିଷ୍ଟାଇଲ ପୁମସେରେ ଦିବ୍ୟଙ୍କା ସାହୁ, ଅଣ୍ଡର-୩୨ରେ ଗଣେଶ ସାହୁ, ଅଣ୍ଡର-୩୫ରେ ସାଲ୍‌ଭି ସ୍ୱତେଲୀନା ଆର୍ଯ୍ୟ, କ୍ୟାଡେଟ୍ ବର୍ଗର ଅଣ୍ଡର-୪୪ରେ ଆତ୍ମଜ ସାବତ, ଫ୍ରିଷ୍ଟାଇଲ ଇଣ୍ଡିଭିଜୁଆଲରେ ଅଂଶିକା ସାବତ, ଆତ୍ମଜା ସାବତ ଓ ବିଶାଳ କୁମାର୍ ନାଏକ, ଅଣ୍ଡର-୫୯ରେ ପ୍ରିୟଙ୍କା ପାଣିଗ୍ରାହୀ, ଟିମ୍ ପୁମସେରେ ଦିବ୍ୟାଶା ମହାପାତ୍ର, ପ୍ରିୟଙ୍କା ପାଣିଗ୍ରାହୀ, ଏଚ୍. କ୍ରିତି, ଫ୍ରିଷ୍ଟାଇଲ ଟିମ୍‌ରେ ଅଂଶୁମାନ ବେହେରା, ତନିସ କୁମାର ସାହୁ, ଦୀପକ ଶବର, ପ୍ରିୟଙ୍କା ପାଣିଗ୍ରାହୀ, ଦିବ୍ୟାଶା ମହାପାତ୍ର, ଏଚ୍. କ୍ରିତି, ଅଣ୍ଡର-୫୧ରେ ଅନୁଶ୍ରୁତା ମଲ୍ଲିକ, କନିଷ୍ଠ ବର୍ଗ ଫ୍ରିଷ୍ଟାଇଲ ଇଣ୍ଡିଭିଜୁଆଲ୍‌ରେ ନୀତିଶା ସୂର, ବାଲାଜୀ ପ୍ରସାଦ ପାଢ଼ୀ, ବରିଷ୍ଠ ଅଣ୍ଡର-୬୭ରେ ଅପୂର୍ବ ଆର୍ଯ୍ୟ କାଂସ୍ୟ ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୫୦ ଖେଳାଳି ଅଂଶଗ୍ରହଣ କରିଥିଲେ। ପଦକ ବିଜେତାମାନଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ, ରାଜ୍ୟ ଟାଏକୋଣ୍ଡୋ ସଂଘର ଅଧକ୍ଷ ହରିପ୍ରସାଦ ପଟ୍ଟନାୟକ, ସଭାପତି ଚିନ୍ମୟ କୁମାର ସାହୁ, ପୃଷ୍ଟପୋଷକ ଦେବେନ୍ଦ୍ର କୁମାର ସାହୁ, ପରାମର୍ଶଦାତା ରଞ୍ଜିତା ସ୍ୱାଇଁ, ସଂପାଦକ ଚିନ୍ମୟ ବେହେରା, ଉପସଭାପତି ପ୍ରସନ୍ନ କୁମାର ରାଉତ ଅଭିନନ୍ଦନ ଜଣାଇଛନ୍ତି।

## ସର୍ବ ଭାରତୀୟ ଲାଲ୍ ମନି ସ୍ମାରକୀ କ୍ରିକଫେଷ୍ଟ

# ବିଶ୍ୱ ରେକର୍ଡ ସ୍କୋର ସହ ସମ୍ବଲପୁର ଏମ୍ଏମ୍ସିସି ଦଳ ବିଜୟୀ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସର୍ବ ଭାରତୀୟ ଲାଲ୍ ମନି ସ୍ମାରକୀ କ୍ରିକେଟର ପଞ୍ଚମ ଦିବସରେ ସୋନିତ କ୍ରିକେଟ କ୍ଲବ୍ (ଦିଲ୍ଲୀ) ଓ ସମ୍ବଲପୁର ଏମ୍ଏମ୍ସିସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟି-୨୦ ମ୍ୟାଚ୍‌ରେ ଟସ୍ ଜିଣି ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ କରି ୬ ଓ୍ୱିକେଟ୍ ହରାଇ ୩୫୨ ରନ ବିଶାଳ ସ୍କୋର କରି ବିଶ୍ୱ ରେକର୍ଡ କରିଥିଲେ। ସମ୍ବଲପୁର ଦଳ ପକ୍ଷରୁ ଅଶ୍ୱିନୀ ଚିଲ୍ଲର ୩୯ ବଲରେ ୧୧୧ ରନ୍, ଅନମୋଲ ୧୫ ବଲରେ ୪୫ ରନ୍, ମନୁ ଶୁକ୍ଲା ୧୮ ବଲରେ ୭୩ ରନ୍, ଲକ୍ଷ୍ୟ ୨୯ ବଲରେ ୬୪ ରନ୍ କରିଥିଲେ। ଦିଲ୍ଲୀ ଦଳ ପକ୍ଷରୁ ରୋଶନ ବିଷ୍ଟ ସର୍ବାଧିକ ୩ ଓ୍ୱିକେଟ୍, ରାକେଶ ମାହାତୋ ୨ ଓ୍ୱିକେଟ୍ ହାସଲ କରିଥିଲେ। ପ୍ରତିଉତ୍ତରରେ ଦିଲ୍ଲୀ ଦଳ



ମାତ୍ର ୧୪୯ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲେ। ଦଳ ପକ୍ଷରୁ ଶ୍ରୀନାଥ ରାଉତ ୩୭ ରନ୍, ରୋହନ ଦାସ ୧୩ ବଲ ୨୯ ରନ୍, ନବୀନ କୁମାର୍ ୧୯ ବଲ ୩୨ ରନ୍ କରିଥିଲେ। ସମ୍ବଲପୁର ପକ୍ଷରୁ ଯସ୍ ପାଲ ଶର୍ମା ସର୍ବାଧିକ ୪ଟି ଓ୍ୱିକେଟ୍, ଯୁଦ୍ଧବିର ୨ଟି ଓ୍ୱିକେଟ୍, ପ୍ରଦୀପ ପଧାନ, ମନୁ ଶୁକ୍ଲା, ଯୋଗେଶ କୁର୍ମା, ଓ ମନୀଷ ଶେରାଓ୍ୱତ ପ୍ରତ୍ୟେକ ୧ଟି ଲେଖାଏଁ ଓ୍ୱିକେଟ୍ ହାସଲ କରିଥିଲେ। ଟି-୧୦ ମ୍ୟାଚ୍‌ରେ ୩ ଓ୍ୱିକେଟ୍ ହରାଇ ୧୦ ଓଭରରେ ୨୦୫ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଶ୍ୱିନୀ ଚିଲ୍ଲର ୨୪ ବଲରେ ୯୮ ରନ୍, ଲକ୍ଷ୍ୟ ୧୭ ବଲରେ ୩୭ ରନ, ହିମାଂଶୁ ୧୧ ବଲରେ ୨୯ ରନ କରିଥିଲେ। ଦିଲ୍ଲୀ ଦଳ ପକ୍ଷରୁ ରୋଷନ ବିଷ୍ଟ, ସୁବାଷ ଚକ୍ରବର୍ତ୍ତୀ, ନବୀନ କୁମାର୍ ୧ଟି ଲେଖାଏଁ ଓ୍ୱିକେଟ୍ ହାସଲ କରିଥିଲେ। ପ୍ରତିଉତ୍ତରରେ ଦିଲ୍ଲୀ ଦଳ ୮ ଓ୍ୱିକେଟରେ ୧୦ ଓଭରରେ ମାତ୍ର ୮୨ ରନ କରିବାକୁ ସକ୍ଷମ ହୋଇଥିଲା। ନବୀନ କୁମାର୍ ୧୪ ବଲରେ ୨୮ ରନ୍, ରାକେଶ ମାହାତୋ ୧୭ ରନ୍, ଉପେନ୍ଦ୍ର ପାଲ ୧୨ ରନ କରିଥିଲେ। ସମ୍ବଲପୁର ଦଳ ପକ୍ଷରୁ ଯସ ଶର୍ମା, ଅଜୟ ଯାଦବ, ଯୋଗେଶ କୁମାର ଓ ପ୍ରଦୀପ ପଧାନ ପ୍ରତ୍ୟେକ ୨ଟି ଲେଖାଏଁ ଓ୍ୱିକେଟ୍ ହାସଲ କରିଥିଲେ। ଶୁକ୍ରବାରର ମ୍ୟାଚ୍‌ରେ ଅତିଥି ଭାବେ ପୂର୍ବତନ ବିଧାୟକ ବିନୋଦ ପାତ୍ର, ସମାଜସେବୀ ଶ୍ରୀକାନ୍ତ ମିଶ୍ର, ଡ୍ରଗିଷ୍ଟ ଏଣ୍ଡ କେମିଷ୍ଟ ସଂଘ ସଂପାଦକ ସତ୍ୟ ନାରାୟଣ ଦରୱାନ ଓ ବଗଳା ଜ୍ୱେଲେର୍ସ ମାଲିକ ରୁପେଶ ଅଗ୍ରୱାଲ ଯୋଗ ଦେଇ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସୁଧାଂଶୁ ଗଡ଼ତିଆ ଓ ସନାତନ ଦାଶ ଯୋଗ ଦେଇ ଶୁକ୍ରବାରର ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିବା ସମ୍ବଲପୁର ଦଳ ଖେଳାଳି ଅଶ୍ୱିନୀ ଚିଲ୍ଲରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୃଥ୍ୱୀରାଜ ମିଶ୍ର, ଅମିୟ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଷେତ୍ରବାସୀ ସାହୁ ସ୍କୋରର ଭାବେ ଅନ୍ ଲାଇନ୍ ସ୍କୋରର୍ ଭାବେ ହିମାଂଶୁ ପଧାନ, ବିଶ୍ୱ ନାଥ ନାୟକ ଦାୟିତ୍ୱ ତୁଲାଇ ଥିଲେ। ବି.ଏସ. ରାଓ, ଅଚ୍ୟୁତ ମିଶ୍ର, ପାର୍ଥ ସାରଥୀ ଦାଶ, ବିନୋଦ ମହାକୁଡ଼ ଖେଳର ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିଲେ।

# କାଠଖୁଣ୍ଟିଆ ବିବେକାନନ୍ଦ ୟୁଥ ଫୁଟବଲ ଟୁର୍ଣ୍ଣାମେଣ୍ଟ : ଫାଇନାଲରେ ଭାଲିଆବାଡ଼ି



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କାଠଖୁଣ୍ଟିଆ ଫୁଟବଲ ପଡ଼ିଆ ଠାରେ ୨୬ତମ କାଠଖୁଣ୍ଟିଆ ବିବେକାନନ୍ଦ ୟୁଥ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ କୁମ୍ଭିଲୋ ସହ ଭାଲିଆବାଡ଼ି ଖେଳାଯାଇଥିଲା। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରିନଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଖେଳ ବହୁତ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ଭାବେ ଦେଖିବାକୁ ମିଳିଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରିନଥିଲେ। ଶେଷରେ ଟ୍ରାଇବେକରର ସାହାଯ୍ୟ ନିଆଯାଇଥିଲା। ୪-୧ ଟ୍ରାଇବେକର ଗୋଲରେ ଭାଲିଆବାଡ଼ି ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି।

ଏହି ଖେଳକୁ ମୁଖ୍ୟ ରେଫେରି ଭାବେ ଶୌକତ ଅହମଦ ପରିଚାଳନା କରୁଥିବା ବେଳେ ତାଙ୍କୁ ଲାଇନରେ ସଗିର ଅହମଦ ଏବଂ ଦାଶରଥୀ ଖୁଣ୍ଟିଆ ସାହାଯ୍ୟ କରିଥିଲେ। ଚତୁର୍ଥ ରେଫେରି ଭାବେ ଅମଜାଦ ଖାଁ ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବିପିନୀ ମଙ୍ଗରାଜ ଏବଂ ବ୍ରଜବନ୍ଧୁ ବିହାରୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶୋଏବ ଅହମଦ, ଡାନିୟଲ ନାୟକ ଏବଂ ସେକ ରଶିଦ ଯୋଗଦେଇଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ପାଇକ ତିଗିରିଆ ସହ ଗଡ଼ମାଣତ୍ରୀ ଖେଳାଯିବ ବୋଲି ଟୁର୍ଣ୍ଣାମେଣ୍ଟ କମିଟି ତରଫରୁ ସୂଚନା ଦିଆଯାଇଛି।

# ହକି ଇଣ୍ଡିଆ ଲିଗ୍‌ରେ ବଢୁଛି ଓଡ଼ିଆ ଖେଳାଳିଙ୍କ ଦବ୍‌ଦବା : ୬ରୁ ୧୬ରେ ପହଞ୍ଚିଛି ସଂଖ୍ୟା

**ଭୁବନେଶ୍ୱର**

କଳିଙ୍ଗକୁ ଫେରିଛି ହକି ଫିଭର। ଟାଇଟଲ୍ ଜିତିବାକୁ ଲଢେଇ କରୁଛନ୍ତି ସମସ୍ତ ଟିମ୍। ସିଜିନ ପରେ ସିଜିନ ସରିବା ସହ ସୃଷ୍ଟି କରୁଛି ଅନେକ ତାରକା। ଏହି ତାଲିକାରେ ପଛରେ ନାହାନ୍ତି ଓଡ଼ିଆ ଖେଳାଳି। ହକି ଇଣ୍ଡିଆ ଲିଗ୍‌ରେ ବଢିଚାଲିଛି ଓଡ଼ିଆ ଖେଳାଳିଙ୍କ ସଂଖ୍ୟା। ୨୦୧୩ ମସିହାରେ ସିଜିନ ଆରମ୍ଭ ହେବା ବେଳେ ମାତ୍ର ୬ ଜଣ ଓଡ଼ିଆ ଏହି ଲିଗ୍ ଖେଳୁଥିଲେ। ଏବେ ଏହି ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ପ୍ରତିଭାବାନ ଖେଳାଳିଙ୍କ ଦକ୍ଷତା ବିକାଶ ପାଇଁ ଏହା ଏକ ଭଲ ପ୍ଲାଟଫର୍ମ ହୋଇଥିବା ବେଳେ ସୃଷ୍ଟି କରୁଛି 'ଫ୍ୟୁଚର ଷ୍ଟାର'।

୧୩ ବର୍ଷ ପରେ ଖେଳାଳିଙ୍କ ସଂଖ୍ୟା ପାଖାପାଖି ୩ ଗୁଣା ବୃଦ୍ଧି ହୋଇଛି। ଚଳିତ ସିଜିନରେ ମୋଟ ୧୬ ଜଣ ଓଡ଼ିଆ ହକି ଖେଳାଳି ବିଭିନ୍ନ ଦଳରେ ଖେଳୁଛନ୍ତି। ୧୦ ଜଣ ଖେଳାଳିଙ୍କ ସଂଖ୍ୟା ବଢିଛି, ଯାହା ପ୍ରଥମ ସଂସ୍କରଣ ତୁଳନାରେ ୧୬୬.୭ ପ୍ରତିଶତ ବୃଦ୍ଧି ହୋଇଛି। ଏହା ରାଜ୍ୟରେ ହକି ଖେଳ ପ୍ରତି ଥିବା ଆଗ୍ରହକୁ ଦର୍ଶାଉଛି।

୨୦୧୩ ମସିହାରେ ଓଡ଼ିଶାର ଅମିତ ରୋହିଦାସ, ଷ୍ଟାନଲି ମିଞ୍ଜ, ଅରବିନ୍ଦ କୁଜୁର, ସୁଶାନ୍ତ ତିର୍କୀ, ସୁରେଶ ଟପ୍ପୋ ଏବଂ ବିରେନ୍ଦ୍ର ଲାକ୍ରା ହକି ଇଣ୍ଡିଆ ଲିଗ୍ ଖେଳିଥିଲେ। ସେମାନେ ଏପରି ଏକ ସମୟରେ ଇଣ୍ଡିଆ ହକି ଲିଗ୍‌ରେ ଖେଳୁଥିଲେ ଯେଉଁ ସମୟରେ ଲିଗ୍ ପ୍ରଥମ ଥର ଆୟୋଜନ ହୋଇଥିଲା। ବିଶ୍ୱ ତାରକାଙ୍କ ସହ ଅନେକ ଖେଳାଳି ମଧ୍ୟ ଖେଳିବାର ସୁଯୋଗ ପାଇଲେ। ଆଜିର ଦିନରେ ଓଡ଼ିଆ ଖେଳାଳି କୌଣସି ଗୋଟିଏ ଦଳ ନୁହଁ ବରଂ ବିଭିନ୍ନ ଦଳରେ ଥାଇ ଦଳକୁ ବିଜୟୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି।

ଅମିତ ରୋହିଦାସ ଏକମାତ୍ର ଖେଳାଳି ଭାବେ ପ୍ରଥମ ସଂସ୍କରଣରେ ସ୍ଥାନ ପାଇଥିଲେ ଓ ଚଳିତ ସଂସ୍କରଣରେ ମଧ୍ୟ ଖେଳୁଛନ୍ତି। ଓଡ଼ିଆ ହକିର ସେ ଜଣେ ଜୀବନ୍ତ ସେତୁ କହିଲେ ବି ଭୁଲ ହେବନି।

୨୦୧୩ରେ ଜଣେ ଯୁବ ଡିଫେଣ୍ଡର ଭାବେ ନିଜ କ୍ରୀଡ଼ା କ୍ୟାରିୟର ଆରମ୍ଭ କରିବା ଠାରୁ ନେଇ ହକି ଇଣ୍ଡିଆ ଲିଗ୍ ୨୦୨୫-୨୬ରେ ତାମିଲନାଡୁ ଡ୍ରାଗନ୍ସ ପାଇଁ ଜଣେ ଅଭିଜ୍ଞ ଆନ୍ତର୍ଜାତୀୟ ଖେଳାଳି ହେବା ପର୍ଯ୍ୟନ୍ତ ତାଙ୍କ ଖେଳ ଜୀବନୀ ଗ୍ରାଫ୍ ଉପରକୁ ବଢି ଚାଲିଛି।




ରାଜ୍ୟ ସରକାର ହକି ଖେଳକୁ ବେଶ୍ ପ୍ରୋତ୍ସାହିତ କରୁଛନ୍ତି। ଗତ କିଛି ବର୍ଷ ହେବ ଜିଲ୍ଲା ଓ ବ୍ଲକ ସ୍ତରୀୟ ପ୍ରତିଯୋଗିତା, ଉଚ୍ଚ-ପ୍ରଦର୍ଶକ କେନ୍ଦ୍ର ଏବଂ ରାଜ୍ୟ ଦ୍ୱାରା ପରିଚାଳିତ ଏକାଡେମୀ ବ୍ୟବସ୍ଥା ଦ୍ୱାରା ତୃଣମୂଳ ସ୍ତରରୁ ହକିର ବିକାଶରେ ଅନେକ ନିବେଶ କରିଛନ୍ତି ରାଜ୍ୟ ସରକାର। ଏହା ସହ ଭୁବନେଶ୍ୱର ଏବଂ ରାଉରକେଲାରେ ଅନ୍ତର୍ଜାତୀୟସ୍ତରୀୟ ହକି ଷ୍ଟାଡିୟମ ନିର୍ମାଣ କରାଯାଇଛି। ଯେଉଁଠାରେ ବିଶ୍ୱକପ୍, ପ୍ରୋ ଲିଗ୍ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ସାରା ବିଶ୍ୱରେ ଚର୍ଚ୍ଚା ସାଉଁଛି ଓଡ଼ିଶା।

ସୁନ୍ଦରଗଡ଼, ସିମଡ଼େଗା ବର୍ଡର ଗାଁ ଏବଂ ଆଦିବାସୀ ଅଞ୍ଚଳର ଯୁବ ଖେଳାଳିଙ୍କ ପାଇଁ ହକି କେବଳ ଏକ ପରମ୍ପରା ନୁହଁ ବରଂ ଏହା ଏକ ଆକାଂକ୍ଷା, ଏକ ସ୍ଥାୟୀ ବୃତ୍ତିଗତ ପଥ ଏବଂ ପରିଚୟ। ରାଜ୍ୟରେ କେମିତି ଅଧିକରୁ ଅଧିକ ହକି ଖେଳାଳି ବାହାରିବେ ସେନେଇ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଯେଉଁ ଭଳି ଭାବେ ହକି ଇଣ୍ଡିଆ ଲିଗ୍‌ରେ ଓଡ଼ିଶା ଖେଳାଳିଙ୍କ ସଂଖ୍ୟା ବୃଦ୍ଧି ପାଉଛି ଯଦି ଏହା ଆଗକୁ ଜାରି ରୁହେ ତେବେ ହକି ଖେଳାଳି ସୃଷ୍ଟି କରିବାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ।

ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ କହିଛନ୍ତି, 'ହକି ଇଣ୍ଡିଆ ଲିଗ୍‌ରେ ଯେତିକି ଓଡ଼ିଆ ଖେଳାଳି ଖେଳୁଛନ୍ତି ସମସ୍ତେ ଭଲ ପ୍ରଦର୍ଶନ କରୁଛନ୍ତି। ସମସ୍ତ ଦଳରେ ଓଡ଼ିଆ ଖେଳାଳି ଅଛନ୍ତି। ଏଚଆଇଏଲରେ ଯୁବ ଓଡ଼ିଆ ଖେଳାଳି ସ୍ଥାନ ପାଇଁ ବଡ଼ବଡ଼ ଖେଳାଳିଙ୍କ ସହ ଖେଳିବାର ସୁଯୋଗ ପାଉଛନ୍ତି। ଯାହା ତାଙ୍କୁ ଭବିଷ୍ୟତରେ ସହଯୋଗ କରିବ।'

ହକି ଖେଳାଳି ଅମନଦୀପ ଲାକ୍ରା କହିଛନ୍ତି, 'ହକି ଇଣ୍ଡିଆ ଲିଗ୍‌ରେ ଆମକୁ ଖେଳିବାକୁ ସୁଯୋଗ ମିଳୁଛି। ଆମେ ଚାହୁଁଛୁ ଆହୁରି ଓଡ଼ିଆ ଖେଳାଳି ହକି ଖେଳନ୍ତୁ।'

ହକି ଖେଳାଳି ସୁଦିପ ଚିରମାକୋ କହିଛନ୍ତି, 'ହକି ଇଣ୍ଡିଆ ଲିଗ୍ ଆଗାମୀ ପିଢି ପାଇଁ ବହୁତ ଭଲ। ଜାତୀୟସ୍ତରୀୟ ଖେଳ ପାଇଁ ଏହିଠାରୁ ପିଲା ବାହାରିବେ। ହକି ଏକାଡେମୀରେ ଯେତିକିବି ଖେଳାଳି ଅଛନ୍ତି ସମସ୍ତେ ଉତ୍ସାହିତ ହେବେ ଖେଳିବା ପାଇଁ।'

## ଖପ୍ରାଖୋଲ ବନବିଭାଗର ଚଢ଼ଉ

# ପିକ୍‌ଅପ୍ ଗାଡ଼ି ସହ ଖଇର କାଠ ଜବତ : ଡ୍ରାଇଭର ଗିରଫ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବନବିଭାଗ ତରଫରୁ ବିଳମ୍ବିତ ରାତିରେ ଚଢ଼ଉ କରି ଖପ୍ରାଖୋଲ ଲାଠୋର ରାସ୍ତା ଫୁଲୁକିମୁଣ୍ଡା ଗାଁ ନିକରେ ଏକ ଖଇରା କାଠ ବୋଝେଇ ପିକ୍‌ଅପ୍ ଗାଡ଼ି ଜବତ କରିଥିବା ବେଳେ ଡ୍ରାଇଭରକୁ ଗିରଫ କରିଥିବା ଜଣାଯାଇଛି। ସୂଚନା ଅନୁସାରେ ଏସିଏଫ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ବେଳେ ବନ ବିଭାଗ ଗାଡ଼ି ଦେଖି ଦ୍ରୁତ ଗତିରେ ଯାଉଥିବା ଏକ ପିକ ଅପ୍ ଗାଡ଼ିକୁ ଅଟକାଇ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଗାଡ଼ିରେ



ଖାଇର କାଠ ବୋଝେଇ ହୋଇଥିବା ଦେଖି ଜବତ କରିବା ସହ ଡ୍ରାଇଭରକୁ ଗିରଫ କରି ଖପ୍ରାଖୋଲ ବନ ବିଭାଗ କାର୍ଯ୍ୟାଳୟକୁ ଆଣି ଥିଲେ। ଗିରଫ ଡ୍ରାଇଭର ବଙ୍ଗୋମୁଣ୍ଡା ଥାନା ବର୍ଲ୍ଲାବାହାଲି ଗାଁର ଚିରଞ୍ଜିବୀ ନାଏକ (୩୫) ବୋଲି ବନବିଭାଗ ସୂଚନା ଦେଇଛନ୍ତି। ଜବତ ଖଇର କାଠର ଓଜନ ୧୦ କୁଇଣ୍ଟାଲ ହୋଇଥିବା ବେଳେ ଆନୁମାନିକ ସରକାରୀ ମୂଲ୍ୟ ୩୫ ହଜାର ହେବ ବୋଲି ଜଣାଯାଇଛି। ଏନେଇ ହରିଶଙ୍କର ରେଞ୍ଜ୍‌ରେ ଏକ ମାମଲା ରୁଜୁ କରି ଗିରଫ ଡ୍ରାଇଭରକୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ଏବଂ ଘଟଣାର ତଦନ୍ତ ଅଧିକ ଚାଲିଛି ବୋଲି ଖପ୍ରାଖୋଲ ବନପାଳ ସୁଧିର କୁମାର ଜେନା ସୂଚନା ଦେଇଛନ୍ତି। ଖପ୍ରାଖୋଲ ବନ ବିଭାଗ କର୍ମଚାରୀ ମାନଙ୍କ ସାହାସ ଏବଂ କର୍ତ୍ତବ୍ୟ ନିଷ୍ଠାକୁ ସଧାରଣ ଜନତାଙ୍କ ମଧ୍ୟରେ ପ୍ରଂଶସା ଦେଖାଦେଉଛି। ଚଢ଼ଉରେ ବନବିଭାଗ କର୍ମଚାରୀ ସମେତ ବନ୍ୟପ୍ରାଣୀ ସ୍କ୍ୱାର୍ଡ ମଧ୍ୟ ସାମିଲ୍ ଥିଲେ।

# ତାରିଣୀଙ୍କ ମନ୍ଦିରରୁ ଚୋରି : ବସ୍‌ରେ ହୁଣ୍ଡି ନେଇ ଚୋର ଫେରାର୍

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ରୋଡ୍ ସହରରେ ଚୋରି ଦିନକୁ ଦିନ ବୃଦ୍ଧି ପାଉଛି। କୋଉଠି ଘରୁ ଚୋରି ହୋଉଛି ତ କେଉଁଠି ମନ୍ଦିରରୁ ଚୋରି। ଏଇ କିଛି ଦିନ ତଳେ କାଳୀ ମେଳଣ ପଡ଼ିଆ ନିକଟରେ ଥିବା ମା' ଦୁର୍ଗା ମନ୍ଦିରରୁ ଚୋରି ଲୋକମାନଙ୍କ ମନରୁ ଯାଇ ନ ଥିବା ବେଳେ ପୁଣି ଚୋରି ହେଇଛି ଚୋରଦା ବାଇପାସ୍‌ରେ ଥିବା ମା' ତାରିଣୀଙ୍କ ମନ୍ଦିରରୁ। ଘଟଣାରୁ ପ୍ରକାଶ ଯେ ଗୁରୁବାର ଦିନ ୩ ଘଟିକା ୨୦ ମିନଟ୍ ସମୟରେ ଚୋରଦା ବାଇପାସ୍ ଛକରେ ଥିବା ମା' ତାରିଣୀଙ୍କ ମନ୍ଦିରୁ ଦିନ ଦ୍ୱିପ୍ରହରରେ ବାହାରେ ଥିବା ମା' ତାରିଣୀଙ୍କ ହୁଣ୍ଡିକୁ ଦୁଇଜଣ ଯୁବକ ଗୋଟିଏ ଅଖାରେ ପୁରାଇ ଏକ ପ୍ଲାଣ୍ଟ ବସ୍ ଯୋଗେ ଫେରାର ହୋଇ ଯାଇଛନ୍ତି ବୋଲି କମିଟିର କିଛି ସଦସ୍ୟ ଶିଶି



କ୍ୟାମେରା ଦେଖି କହିଛନ୍ତି। ପ୍ରଥମେ ଦୁଇଜଣ ଚୋର ଆସି ପାଖରେ ଥିବା ଏକ ଜୁସ୍ ଦୋକାନରୁ ଜୁସ୍ ପିଇ ମନ୍ଦିର ପାଖକୁ ଆସି ପଇସା ହୁଣ୍ଡିକୁ ଅଖାରେ ପୁରାଇ ଏକ ବସ୍‌ରେ ଚଢ଼ି ଯାଇଥିଲେ। ପରେ ଜୁସ୍ ଦୋକାନୀକୁ ସନ୍ଦେହ ହେଲା ଏଣୁ ସେ ସଙ୍ଗେ ସଙ୍ଗେ ଯାଇ ମନ୍ଦିରର କିଛି ସଦସ୍ୟଙ୍କୁ ପଚାରିଥିଲେ। ସମସ୍ତେ ଯାଇ ଦେଖନ୍ତି ତ ମା'ଙ୍କର ହୁଣ୍ଡି ବାକ୍ସଟି ନାହିଁ। ପାଖରେ ଥିବା ଶିଶି କ୍ୟାମେରାରୁ ଦେଖିବାକୁ ପାଇଥିଲେ ଦୁଇଜଣ ଚୋର ଏକ ଅଖାରେ ପୁରାଇ ବସ୍ ପଳାଇଛନ୍ତି। ନୂଆଗଡ଼ ଛକ ଅଭିମୁଖେ ବସ୍‌ଟି ଯାଇଥିବା ବେଳେ କିଛି କମିଟିର ଲୋକମାନେ ବସ୍‌ରେ ପିଛା କରିଥିଲେ। ବସ୍‌ଟିକୁ ଯାଇ ଏକ ପେଟ୍ରୋଲ ଟାଙ୍କି ନିକଟରେ ଧରି ଥିଲେ। ସେତେବେଳକୁ ଚୋରମାନେ ପଇସା ହୁଣ୍ଡି ବାକ୍ସକୁ ନେଇ ଫେରାର ହୋଇ ଯାଇଥିଲେ। ହୁଣ୍ଡିରେ ଅନୁମାନିକ ଷାଠିଏ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ଥିବାର କିଛି ସଦସ୍ୟ କହିଛନ୍ତି।

# କ୍ରିକେଟ୍ ପଡ଼ିଆରେ ବଡ଼ ଅଘଟଣ ଗୁରବାଜଙ୍କ ବେକରେ ବାଜିଲା ବଲ୍

**ନୂଆଦିଲ୍ଲୀ**

ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟି-୨୦ ସମୟରେ ଆଫଗାନିସ୍ତାନ ଓପନର ରହମାନୁଲ୍ଲାହ ଗୁରବାଜ ଆହତ ହୋଇଥିଲେ। ୧୫ତମ ଓଭରରେ ବଲ ଗୁରବାଜଙ୍କ ବେକରେ ବାଜିଥିଲା। ଗୁରବାଜ ନନ-ଷ୍ଟ୍ରାଇକ ଏଣ୍ଡରେ ଥିଲେ ଏବଂ ସେ କ୍ରିଜକୁ ଫେରିବାକୁ ଚେଷ୍ଟା କରିବା ସମୟରେ ଜଣେ ଫିଲ୍ଡରଙ୍କ ଥ୍ରୋ ସିଧାସଳଖ ତାଙ୍କ ବେକରେ ବାଜିଥିଲା। ଗୁରବାଜଙ୍କ ବେକରେ ବଲ ବାଜିବା ମାତ୍ରେ ସେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ତାଙ୍କ ହେଲମେଟ ତଳେ ପଡ଼ିଯାଇଥିଲା। ଅମ୍ପାୟାର ତୁରନ୍ତ ଆଫଗାନିସ୍ତାନ ଫିଜିଓଙ୍କୁ ପଡ଼ିଆକୁ ଡକାଇଥିଲେ। ଖେଳ ବହୁତ ସମୟ ପାଇଁ ବନ୍ଦ ହୋଇଯାଇଥିଲା। ସୌଭାଗ୍ୟବଶତଃ, ଗୁରବାଜ ଗୁରୁତର ଆହତ ହୋଇ ନ ଥିଲେ ଏବଂ ସେ ଠିଆ ହୋଇପାରିଥିଲେ। ଏହା ପରେ ଗୁରବାଜ ବ୍ୟାଟିଂ ଜାରି ରଖିଥିଲେ। ସେ ୫୮ ବଲରୁ ୭୧ ରନ କରିଥିଲେ। ଗୁରବାଜ ଏବଂ ଇବ୍ରାହିମ ଜାଦ୍ରନ ଆଫଗାନିସ୍ତାନକୁ ୭୨ ରନରେ ପହଞ୍ଚାଇଥିଲେ, କିନ୍ତୁ ଏହା ପରେ, ଆଫଗାନିସ୍ତାନ ମଧ୍ୟକ୍ରମ ତାସ ପତା ପରି ଭୁଷୁଡି ପଡ଼ିଲା। ମଧ୍ୟକ୍ରମରେ କୌଣସି ବ୍ୟାଟସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଷଲ ଏବଂ ଶେଷରେ ଆଫଗାନିସ୍ତାନ ୧୫୨ ରନର ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଥିଲା। ଆଫଗାନିସ୍ତାନ କେବଳ ୧୩୬ ରନ କରିଥିଲା। ଆଫଗାନିସ୍ତାନ ମ୍ୟାଚ ହାରିଗଲା ସତ, କିନ୍ତୁ ସବୁଠାରୁ ବଡ଼ ଚିନ୍ତା ହେଉଛି ରହମାନୁଲ୍ଲାହ ଗୁରବାଜଙ୍କ ଫିଟନେସ। ଟି୨୦ ବିଶ୍ୱକପ ଆସନ୍ତା ମାସରେ ହେବାକୁ ଯାଉଛି ଏବଂ ଯଦି ଗୁରବାଜ ଫିଟ ନ ହୁଅନ୍ତି, ତେବେ ଏହା ଆଫଗାନିସ୍ତାନ ଦଳ ପାଇଁ ଏକ ବଡ଼ ଧକ୍କା ହେବ।

# ଅବ୍ୟବସ୍ଥା ଘେରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ : ପିଲାମାନେ ହଟହଟା

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ଲାଠିକଟା ବ୍ଲକ୍‌ର ଲୁଙ୍ଗେଇ ପଞ୍ଚାୟତରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୋଠାଘର ଅବସ୍ଥା ଅତି ଖରାପ ସ୍ଥିତିରେ ରହିଥିବାରୁ ଆମ ଆଦ୍‌ମୀ ପାର୍ଟି କାର୍ଯ୍ୟକର୍ତ୍ତା, ଲୁଙ୍ଗେଇ ସରପଞ୍ଚ ଓ ଗ୍ରାମବାସୀଙ୍କ ଉଦ୍ୟମ ଯୋଗୁଁ ଗତ ୬ ତାରିଖ ଦିନ ସମଗ୍ର ସ୍କୁଲକୁ ନୂଆ କୋଠାଘର ନିର୍ମାଣ ହେବା ପର୍ଯ୍ୟନ୍ତ ବେଦବ୍ୟାସ ସ୍ଥିତ ସରକାରୀ ଏସ୍‌କେଡିଏଭି ହାଇସ୍କୁଲର କୋଠା ଘରକୁ ସ୍ଥାନାନ୍ତରିତ କରାଯାଇଛି। କିନ୍ତୁ ଏହି ସ୍କୁଲରେ ଥିବା ଅବ୍ୟବସ୍ଥା ଯୋଗୁଁ ପିଲାମାନେ ମାଟି ଗୋଳିଆ ପାଣି ପିଇବାକୁ ବାଧ ହେଉଛନ୍ତି। ନୂତନ କୋଠାଘରେ ପୁଅପିଲାଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ନାହିଁ। ଗୋଟିଏ କ୍ଲାସ ରୁମ୍‌ରେ ୧ ରୁ ୬ ପର୍ଯ୍ୟନ୍ତ ପିଲାମାନେ ତଳେ ବସି ପାଠ ପଢୁଛନ୍ତି। ଅନ୍ୟ ଏକ କ୍ଲାସ ରୁମ୍‌ରେ ୭ ଓ ୮ ଶ୍ରେଣୀର ପିଲାମାନେ ପାଠ ପଢ଼ିବା ପାଇଁ ବାଧ ହେଉଛନ୍ତି। ପିଲାଙ୍କ ପାଇଁ ଟେବୁଲ ଓ ବେଞ୍ଚର ବ୍ୟବସ୍ଥା ମଧ୍ୟ ହୋଇ ନାହିଁ ଯାହା ଦ୍ୱାରା ରାଇଟ୍ ଟୁ ଏଡୁକେସନ୍ ଆଇନର ଖୋଲମଖୋଲା ଉଲ୍ଲଂଘନ ହେଉଛି। ପ୍ରକାଶ ଥାଉକି ପୁରୁଣା କୋଠାଘର ରାଷ୍ଟ୍ରୀୟ ରାଜମାର୍ଗ ଉପରେ ଆସୁଥିବାରୁ ନୂତନ କୋଠାଘର ନିର୍ମାଣ ବାବଦରେ ୨୦୨୩ ମସିହାରେ ପ୍ରାୟ ୨୧ ଲକ୍ଷ ଟଙ୍କା ରାଷ୍ଟ୍ରୀୟ ରାଜମାର୍ଗ ବିଭାଗ ତରଫରୁ ରାଜ୍ୟ ସରକାରଙ୍କୁ ପ୍ରଦାନ ହୋଇ ସାରିଛି କିନ୍ତୁ ରାଜ୍ୟରେ ବିଜେପି ସରକାର ତରଫରୁ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ ପାଇଁ କୋଠାଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ ଓ ଏହି ବାବଦରେ ଟଙ୍କାଟିଏ ବି ଖର୍ଚ୍ଚ କରାଯାଇ ନାହିଁ। ଛୋଟ ଛୋଟ ସ୍କୁଲ ପିଲାଙ୍କ ଏଭଳି ଗଭୀର ସମସ୍ୟାକୁ ନେଇ ଆମ ଆଦ୍‌ମୀ ପାର୍ଟିର ଲୋକସଭା ପ୍ରଭାରୀ ବିନୟ ତିୱାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଉରକେଲା ମହାନଗର ନିଗମର କମିଶନର ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ସ୍ଥିତି ବିଷୟରେ ଅବଗତ କରାଇ ମାଟି ଗୋଳିଆ ପାଣିର ନମୁନା ପ୍ରଦାନ କରିଥିଲେ। ଏହି ସମସ୍ୟା ର ସମାଧାନ ତୁରନ୍ତ ନ କଲେ ଅନେକ ପିଲା ଗୋଳିଆ ପାଣି ପିଇ ବେମାର ହୋଇ ଯିବେ ବୋଲି ପାର୍ଟିର ଲୋକସଭା ସମ୍ପାଦକ ସତ୍ୟ କିଶୋର ମହାନ୍ତି କମିଶନର ମହୋଦୟାଙ୍କୁ ସାକ୍ଷାତ ବେଳେ କହିଥିଲେ। ପ୍ରତିନିଧି ଦଳର ଅନ୍ୟତମ ସଦସ୍ୟ ବଳବନ୍ତ ବର୍ମା ମଧ୍ୟ ଏହାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ କମିଶନରଙ୍କୁ ଅନୁରୋଧ କରିଥିଲେ।



# ଧାନ ସଂଗ୍ରହରେ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାଗୁଡ଼ିକ ବହୁତ ପଛରେ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଜୁ ଜନତା ଦଳ ସାରା ଓଡ଼ିଶାରେ ଧାନ ସଂଗ୍ରହର ଅଭାବନୀୟ ପରିସ୍ଥିତି ପାଇଁ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି। ଓଡ଼ିଶାର ଚାଷୀମାନେ ଧାନ ସଂଗ୍ରହର ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି ଦେଇ ଗତି କରୁଛନ୍ତି, ଯାହା ଓଡ଼ିଶାର ଇତିହାସରେ ପୂର୍ବରୁ କେବେ ଦେଖାଯାଇ ନଥିଲା। ଓଡ଼ିଶା ଏକ କୃଷିପ୍ରଧାନ ଅର୍ଥନୀତି ହୋଇଥିବାରୁ ୬୦ ପ୍ରତିଶତରୁ ଅଧିକ ଲୋକ ଜୀବିକା ପାଇଁ କୃଷି ଉପରେ ନିର୍ଭର କରନ୍ତି। ଏକ ପ୍ରେସ ବିବୃତ୍ତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ, ଡବଲ୍ ଇଞ୍ଜିନ୍ ସରକାର ଧାନ ସଂଗ୍ରହରେ ଓଡ଼ିଶାର ଚାଷୀମାନଙ୍କ ସହ ବିଶ୍ୱାସ ଘାତକତା କରିଥିବା ଅତ୍ୟନ୍ତ ଦୁଃଖଦାୟକ। ୨୦୨୩-୨୪, ୨୦୨୪-୨୫ ଏବଂ ୨୦୨୫-୨୬ର ଧାନ ସଂଗ୍ରହ ସ୍ଥିତିର ତୁଳନାତ୍ମକ ବିଶ୍ଳେଷଣରୁ ଏହା ସ୍ପଷ୍ଟ। ୨୨ ଜାନୁଆରୀ ୨୦୨୪ରେ ବିଜେଡି ସରକାର ସମୟରେ ମୋଟ ୩୯,୭୪,୬୮୭ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା ଏବଂ ୮,୪୦, ୧୮୧ ଚାଷୀ ଓଡ଼ିଶାରେ ଧାନ ବିକ୍ରୟ କରିପାରିଥିଲେ। ୨୨ ଜାନୁଆରୀ ୨୦୨୫ରେ ବିଜେପି ସରକାର ସମୟରେ ମୋଟ ଧାନ ସଂଗ୍ରହ ୩୫,୬୪,୨୬୭ ମେଟ୍ରିକ୍ ଟନ୍‌କୁ ହ୍ରାସ ପାଇଥିଲା ଏବଂ ମାତ୍ର ୭,୧୨,୪୮୧ ଚାଷୀ ଧାନ ବିକ୍ରୟ କରିପାରିଥିଲେ। ସେହିପରି ୨୨ ଜାନୁଆରୀ ୨୦୨୬ରେ ମୋଟ ଧାନ ସଂଗ୍ରହ ଆହୁରି ହ୍ରାସ ପାଇ ୩୦,୪୯,୫୫୦ ମେଟ୍ରିକ୍ ଟନରେ ପହଞ୍ଚିଛି ଏବଂ ମାତ୍ର ୬,୯୩,୦୯୭ ଚାଷୀ ଧାନ ବିକ୍ରୟ କରିପାରିଛନ୍ତି। ଏପର୍ଯ୍ୟନ୍ତ ୩୦ ପ୍ରତିଶତ ଚାଷୀ ୩୫ ପ୍ରତିଶତ ଧାନ ବିକ୍ରି କରିପାରିଛନ୍ତି। ବିଜେପି ସରକାର ସମୟରେ ସଂଗ୍ରହ ହୋଇଥିବା ଧାନ ପରିମାଣ ଏବଂ ଚାଷୀଙ୍କ ସଂଖ୍ୟାରେ ହ୍ରାସ ଘଟିଛି। ଏହା ସ୍ପଷ୍ଟ ଭାବରେ ଡବଲ ଇଞ୍ଜିନ୍ ସରକାରଙ୍କ ଅପାରଗତାକୁ ଦର୍ଶାଉଛି, ଯିଏ ଓଡ଼ିଶାରେ ଚାଷୀମାନଙ୍କୁ ସମସ୍ତ ଧାନ ସଂଗ୍ରହର ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ। ଡ. ମହାନ୍ତି କହିଛନ୍ତି ଯେ, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ମୁଖ୍ୟମନ୍ତ୍ରୀ (କେନ୍ଦୁଝର) ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ (ବଲାଙ୍ଗୀର ଏବଂ ପୁରୀ) ଜିଲ୍ଲାଗୁଡିକ ଧାନ ସଂଗ୍ରହରେ ବହୁତ ପଛରେ ଅଛନ୍ତି। ବିଜେଡି ସରକାର ସମୟରେ ୨୨ ଜାନୁଆରୀ ୨୦୨୪ରେ କେନ୍ଦୁଝର ଜିଲ୍ଲାରେ ୮୬,୬୪୧ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା। ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୫ରେ ଧାନ ସଂଗ୍ରହ ହ୍ରାସ ପାଇ ୮୦,୮୯୫ ମେଟ୍ରିକ୍ ଟନ୍ ହୋଇଥିଲା। ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୬ରେ ଧାନ ସଂଗ୍ରହ ଆହୁରି ହ୍ରାସ ପାଇ ମାତ୍ର ୫୦,୭୦୮ ମେଟ୍ରିକ୍ ଟନ୍ ହୋଇଥିଲା। ୨୨ ଜାନୁଆରୀ ୨୦୨୪ରେ ବଲାଙ୍ଗୀର ଜିଲ୍ଲାରେ ୩,୨୦,୮୭୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା। ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୬ରେ ଧାନ ସଂଗ୍ରହ ହ୍ରାସ ପାଇ ମାତ୍ର ୨,୭୮,୮୨୯ ମେଟ୍ରିକ୍ ଟନ୍ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କେ ଭି ସିଂହଦେଓ କହୁଛନ୍ତି ଚାଷୀମାନେ ନୌଟଙ୍କି କରୁଛନ୍ତି, କିନ୍ତୁ ତାଙ୍କ ନିଜ ଜିଲ୍ଲାରେ ଧାନ ସଂଗ୍ରହ କରୁନାହାନ୍ତି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀଙ୍କ ନୌଟଙ୍କି ମନ୍ତବ୍ୟ ପାଇଁ ଚାଷୀ ସମାଜକୁ କ୍ଷମା ମାଗି ଧାନ ସଂଗ୍ରହ ଉପରେ ଧ୍ୟାନ ଦେବା ଉଚିତ। ସେହିପରି ବିଜେଡି ସରକାର ସମୟରେ ୨୨ ଜାନୁଆରୀ ୨୦୨୪ରେ ପୁରୀ ଜିଲ୍ଲାରେ ୨୧,୮୯୧ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା। ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୫ରେ ଧାନ ସଂଗ୍ରହ ହ୍ରାସ ପାଇ ୧୧,୭୯୨ ମେଟ୍ରିକ୍ ଟନ୍ ହୋଇଥିଲା। ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୬ରେ ଧାନ ସଂଗ୍ରହ ହ୍ରାସ ପାଇ ମାତ୍ର ୭୯୭ ମେଟ୍ରିକ୍ ଟନ୍ ହୋଇଥିଲା। ବର୍ତ୍ତମାନ ଛତିଶଗଡ଼ ସରକାର ଛତିଶଗଡ଼ରେ ଧାନ ସଂଗ୍ରହ ଲକ୍ଷ୍ୟ ହାସଲ କରିସାରିଛନ୍ତି। ଯଦିଓ ଲକ୍ଷ୍ୟ ଥିଲା ୮୦ ଲକ୍ଷ ମେଟ୍ରିକ୍ ଟନ୍, ଛତିଶଗଡ଼ ସରକାର ବହୁ ପୂର୍ବରୁ ୧୨୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିସାରିଛନ୍ତି ଏବଂ ପ୍ରକ୍ରିୟା ଏବେ ବି ଜାରି ରହିଛି। ଛତିଶଗଡ଼ ସରକାର ଯୋଜନା ଅନୁଯାୟୀ ୨୭୪୦ ଧାନ ସଂଗ୍ରହ କେନ୍ଦ୍ର ଖୋଲିଛନ୍ତି, ଯେଉଁଠାରେ ଓଡ଼ିଶାରେ ଥିବା ବିଜେପି ସରକାର ଯୋଜନା ଅନୁଯାୟୀ ୪୦୮୩ ଧାନ ସଂଗ୍ରହ କେନ୍ଦ୍ର ବଦଳରେ ୨୭୭୨ ଧାନ ସଂଗ୍ରହ କେନ୍ଦ୍ର ଖୋଲିଛନ୍ତି। ଡ. ମହାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଏବଂ ଉଭୟ ଉପମୁଖ୍ୟମନ୍ତ୍ରୀ ନିଜ ନିଜ ଜିଲ୍ଲାରେ ଧାନ ସଂଗ୍ରହ ପରିସ୍ଥିତିର ସମୀକ୍ଷା କରିବା ଉଚିତ ଏବଂ ସେମାନଙ୍କ ଡବଲ ଇଞ୍ଜିନ୍ ସରକାର ଦ୍ୱାରା ପ୍ରତିଶ୍ରୁତି ଅନୁଯାୟୀ ସମସ୍ତ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଚିତ୍।

# ବିଧାନସଭା ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭାରତର ସ୍ୱାଧୀନତା ସଂଗ୍ରାମରେ ଯେଉଁ ମହାନ୍ ବିପ୍ଳବୀମାନେ ନେତୃତ୍ୱ ନେଇ ସଂଗ୍ରାମ ହାରର ସାରଥି ସାଜିଥିଲେ, ସେମାନଙ୍କ ମଧ୍ୟରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଅଗ୍ରଗଣ୍ୟ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ବିଦ୍ରୋହ କର୍ଣ୍ଣଧାର, ସମାଜ ସଂସ୍କାରକ, ଦୟାର ଅବତାର ଏବଂ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଜଣେ ଶ୍ରେଷ୍ଠ ବୀର ବିପ୍ଳବୀ ଯୁଗପୁରୁଷ। ଏହି ବିପ୍ଳବୀ ଯୋଗଜନ୍ମା ଯୁଗପୁରୁଷଙ୍କ ଉଦ୍ଦେଶ୍ୟରେ ଶାନ୍ତିନିକେତନଠାରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ୧୯୩୭ ମସିହାରେ ସମ୍ବର୍ଦ୍ଧିତ କରି କହିଥିଲେ- 'ମୁଁ ବଙ୍ଗଳାର କବି ହୋଇ ତୁମକୁ ଦେଶନାୟକ ପଦରେ ବରଣ କରୁଛି।' ମହାନ୍ ବୀର ପୁରୁଷ ଓ ଭାରତର ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ୧୮୦୯ ମସିହା ଜାନୁଆରୀ ମାସ ୨୩ ତାରିଖ ଦିନ ସମ୍ବଲପୁର ସହରର ଉତ୍ତରକୁ ପ୍ରାୟ ୨୧ ମାଇଲ ଦୂରରେ ଅବସ୍ଥିତ ଖିଣ୍ଡା ଗ୍ରାମରେ ଚୌହାନ୍ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ। ପଶ୍ଚିମ ଓଡ଼ିଶାରେ ୧୮୨୭ ମସିହାରେ ବୀର ସୁରେନ୍ଦ୍ର ସାଏ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖାକୁ ପ୍ରଜ୍ୱଳିତ କରି ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ। ତାଙ୍କ ପ୍ରଧାନ ଲକ୍ଷ୍ୟ ଥିଲା ସମ୍ବଲପୁର ମାଟିରୁ ବ୍ରିଟିଶ ଶାସନ ଲୋପ କରିବା। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଅଧିକ ସୁସଙ୍ଗଠିତ, ସୁସଂହତ ତଥା ବୀରତ୍ୱପୂର୍ଣ୍ଣ ଥିଲା। ସୁରେନ୍ଦ୍ର ସାଏଙ୍କ କୌଶଳପୂର୍ଣ୍ଣ ଗରିଲା ଯୁଦ୍ଧ, ରଣସଜ୍ଜା, ଦୃଢ଼ ମନୋବଳ, ଅସୀମ ଧୈର୍ଯ୍ୟ ଓ ସାହସ ନିକଟରେ ଇଂରେଜମାନେ ହାର ମାନିଥିଲେ। ଓଡ଼ିଶାର ଏହି ବରପୁତ୍ର, ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ବିପ୍ଳବ ଜୟଗାଥା ଓଡ଼ିଶା ଇତିହାସରେ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ପୃଷ୍ଠା ମଣ୍ଡିତ କରୁଥିବ। ସୁଭାଷ ବୋଷଙ୍କ ୧୨୯ତମ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ୨୧୭ତମ ଜୟନ୍ତୀ ବିଧାନସଭା ପରିସରରେ ଅନୁଷ୍ଠିତ ହୋଇଯାଇଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ପ୍ରକାଶିତ ନେତାଜୀଙ୍କ ଜୀବନୀ ସମ୍ବଳିତ ଏକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୂର୍ବତଟ ରେଳପଥର ପଣ୍ୟ ପରିବହନ କ୍ଷେତ୍ରରେ ଦ୍ରୁତତମ ରେକର୍ଡ ଅଭିବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ଏହାର ସବୁଠାରୁ ଦ୍ରୁତତମ ୨୩,୦୦୦ କୋଟି ଟଙ୍କାର ପଣ୍ୟ ପରିବହନ ଆୟ ରେକର୍ଡ କରି ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି, ଯାହା ପଣ୍ୟ ପରିବହନ କ୍ଷେତ୍ରରେ ଭାରତୀୟ ରେଳବାଇର ଶ୍ରେଷ୍ଠ ପ୍ରଦର୍ଶନକାରୀ ଜୋନ ମଧ୍ୟରୁ ଗୋଟିଏ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି।




ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ ପୂର୍ବତଟ ରେଳପଥ ୧୯ ଜାନୁଆରୀ ୨୦୨୬ ସୁଦ୍ଧା ରେକର୍ଡ ୨୯୪ ଦିନରେ ଏହି ମାଇଲଖୁଣ୍ଟ ହାସଲ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷ ୨୦୨୪-୨୫ ତୁଳନାରେ ୨୭ ଦିନ ପୂର୍ବରୁ, ଅର୍ଥାତ ୩୨୧ ଦିନରେ ଏହି ସଫଳତା ହାସଲ କରାଯାଇଥିଲା। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଜୋନର ନିରନ୍ତର ଅଭିବୃଦ୍ଧି ଏବଂ କାର୍ଯ୍ୟକ୍ଷମ ଦକ୍ଷତାକୁ ପ୍ରତିଫଳିତ କରୁଛି।

ପ୍ରାରମ୍ଭିକ ଆୟ ପ୍ରଦର୍ଶନ (ଡିସେମ୍ବର ୨୦୨୫ ସୁଦ୍ଧା) : ପୂର୍ବତଟ ରେଳପଥର ମୋଟ ମୂଳ ଆୟ ୨୦୨୪-୨୫ରେ ୨୧,୫୪୩ କୋଟିରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨୩,୯୫୯ କୋଟିକୁ ବୃଦ୍ଧି ପାଇଛି, ଯାହା ସାମଗ୍ରିକ ଭାବରେ ୧୧.୨୧% ବୃଦ୍ଧି ପାଇଛି। ଯାତ୍ରୀ ଆୟ ୨୦୨୪-୨୫ରେ ୧,୭୬୪.୩୨ କୋଟିରୁ ୨୦୨୫-୨୬ରେ ୧,୮୩୫.୯୧ କୋଟିକୁ ବୃଦ୍ଧି ପାଇଛି। ସାମଗ୍ରୀ (ପଣ୍ୟ ପରିବହନ) ଆୟ ୧୯,୪୮୨.୬୩ କୋଟିରୁ ୨୧,୭୪୯.୩୮ କୋଟିକୁ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ପାଇଛି, ଯାହା ଜୋନର ଦୃଢ଼ ମାଲ ପରିବହନ ଆଧାରକୁ ରେଖାଙ୍କିତ କରୁଅଛି। ବିଭିନ୍ନ କ୍ଷେତ୍ରରେ ଆୟ ୧୫୫.୯୫ କୋଟିରୁ ୨୩୯.୧୫ କୋଟିକୁ ଯଥେଷ୍ଟ ବୃଦ୍ଧି ପାଇଛି, ଯାହା ବିବିଧତା ଏବଂ ଉନ୍ନତ ସହାୟକ ରାଜସ୍ୱ ପ୍ରବାହକୁ ସୂଚିତ କରିଥାଏ।

ସମସ୍ତ କ୍ଷେତ୍ରରେ ଏହି ସ୍ଥିର ଅଭିବୃଦ୍ଧି ଭାରତୀୟ ରେଳପଥର ସାମଗ୍ରିକ ରାଜସ୍ୱ ଉତ୍ପାଦନରେ ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଉଲ୍ଲେଖ କରୁଅଛି।

ପଣ୍ୟ ପରିବହନ କାର୍ଯ୍ୟଦକ୍ଷତା (ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ) : ପୂର୍ବ ତଟ ରେଳପଥ ମଧ୍ୟ ପଣ୍ୟ ପରିବହନ କ୍ଷେତ୍ରରେ ଏକ ଉତ୍କୃଷ୍ଟ ପ୍ରଦର୍ଶନ ଜାରି ରଖିଛି ଏବଂ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଭାରତୀୟ ରେଳବାଇରେ ଏକ ନମ୍ବର ଜୋନ୍ ଭାବରେ ଉଭା ହୋଇଛି। ଡିସେମ୍ବର ୨୦୨୫ପର୍ଯ୍ୟନ୍ତ ହାସଲ ହୋଇଥିବା ପଣ୍ୟ ପରିବହନ ୨୦୯.୯୭ ନିୟୁତ ଟନ୍ (ଏମଟି) ଥିଲା। ପୂର୍ବ ବର୍ଷର ୧୮୮.୬୪ ନିୟୁତ ଟନ୍ ପରିବହନ ତୁଳନାରେ, ଜୋନ୍ ୨୧.୩୩ ନିୟୁତ ଟନ୍ ପରିବହନ କରି ରେକର୍ଡ କରିଛି। ପୂର୍ବ ବର୍ଷ ତୁଳନାରେ ଏହି ଆର୍ଥିକ ବର୍ଷରେ ୧୧ .୩୧% ଅଭିବୃଦ୍ଧି ହାସଲ କରିଛି।

ମାଲ୍ ପରିବହନରେ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଏହାର ଆଭ୍ୟନ୍ତରୀଣ ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବାରେ ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ପଷ୍ଟ କରେ। ନିରନ୍ତର ତଦାରଖ, ଅଭିନବ କାର୍ଯ୍ୟକ୍ଷମ ଅଭ୍ୟାସ ଏବଂ ରେଳ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ ନିର୍ଦ୍ଧାରିତ ସମୟ ପୂର୍ବରୁ ଏହି ମାଇଲଖୁଣ୍ଟ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।

ପୂର୍ବ ତଟ ରେଳପଥ ପଣ୍ୟ ପରିବହନ ସେବାରେ ଆହୁରି ଉନ୍ନତି ଆଣିବା, କ୍ଷମତା ବୃଦ୍ଧି କରିବା ଏବଂ ଭାରତୀୟ ରେଳବାଇର ଅଭିବୃଦ୍ଧି ଏବଂ ସ୍ଥିରତା ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ।

# ଜୟ ଜଗନ୍ନାଥ ମହୋତ୍ସବର କଳସ ଯାତ୍ରାରେ ଦୂଲୁକିଲା ଗାଁ ଦାଣ୍ଡ

**ଯାଜପୁର, ନ୍ୟୁଜ୍**

ଜୟ ଜଗନ୍ନାଥ ମହୋତ୍ସବର କଳସ ଶୋଭାଯାତ୍ରାରେ ଦଳ ଦଳ ନାଚ, ଗୀତ, କୀର୍ତ୍ତନ ଓ ବାଜାବାଣରେ ଗାଁ ଦାଣ୍ଡ ପ୍ରକମ୍ପିତ ହେଉଥିଲା। ରଙ୍ଗ ଅଭିର ଖେଳରେ ସମସ୍ତେ ଏକାକାର ହେବା ଏବଂ ନାଚିବାର ଦୃଶ୍ୟ ପାରସ୍ପରିକ ପ୍ରେମ ଓ ଭାଇଚାରାର ସଂକେତ ହୋଇଥିଲା।



ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ଭୁବନପୁର ଗ୍ରାମରେ ଅନୁଷ୍ଠିତ ହେଉଥିବା ଜୟ ଜଗନ୍ନାଥ ମହୋତ୍ସବର ଶୁକ୍ରବାର ସକାଳେ କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି କଳସ ଶୋଭା-ଯାତ୍ରାରେ ଛଉ ନୃତ୍ୟ, ପାଇକ ଆଖଡ଼ା, ସଂକୀର୍ତ୍ତନ, ଯୋଡ଼ି ଶଙ୍ଖ, ବାଡ଼ିଖେଳ, ଢୋଲବାଦ୍ୟ ଆଦି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଇକ ଆଖଡ଼ା ଦଳର ଚମତ୍କାର ରଣକୌଶଳ ପ୍ରଦର୍ଶନ ଏବଂ ଘୁମୁରାର ତାଳେ ତାଳେ ନୃତ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା। ସେହିପରି ଢୋଲ ବାଦ୍ୟ ମଧ୍ୟ ଦର୍ଶକଙ୍କ ମନ ମୋହିଥିଲା। କଳସ ଶୋଭାଯାତ୍ରା ମହାପ୍ରଭୁ ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିର ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚିବା ପରେ ଶେଷ ହୋଇଥିଲା। ଏହା ପରେ ପଣ୍ଡିତମାନଙ୍କ ଦ୍ୱାରା ମନ୍ତ୍ରପାଠ କରାଯାଇ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହେବା ସହ ମଞ୍ଚରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। 'ଟିଙ୍ଗାରାଜୁ' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ଅଭିନେତା ସମ୍ମାନ ପାଇଥିବା ଅଭିନେତା ରାକେଶ ଦେଓ ଶୁକ୍ରବାର ସନ୍ଧ୍ୟାରେ ଜୟ ଜଗନ୍ନାଥ ମହୋତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତିର ପ୍ରସାର ଓ ସମୃଦ୍ଧି ପାଇଁ ଗ୍ରାମାଞ୍ଚଳରେ ଏଭଳି ଜୟ ଜଗନ୍ନାଥ ମହୋତ୍ସବ ଆୟୋଜନ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଏବଂ ଦୃଷ୍ଟାନ୍ତଯୋଗ୍ୟ। ଏହି ଅବସରରେ ସୁପ୍ରସିଦ୍ଧ ପାଲା ।ଗାୟକ ଗଗନ କୁମାର ମହାପାତ୍ରଙ୍କ ତରଫରୁ ପାଲା ପରିବେଷଣ ହୋଇଥିଲା। ରାତିରେ ଗୀତିନାଟ୍ୟ ସୁଭଦ୍ରାହରଣ ଏବଂ ଘୋଡ଼ାନାଚରେ ଶହଶହ ଶ୍ରଦ୍ଧାଳୁ ଭାବବିହ୍ୱଳ ହୋଇଥିଲେ। ଶନିବାର ସନ୍ଧ୍ୟାରେ ସୁବାଷ ଦାସ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ସୁନାମଧନ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭଜନ ଗାୟକ ସୁବାଷ ଦାସଙ୍କ ସମେତ ରାଜ୍ୟର ବହୁ ପ୍ରତିଷ୍ଠିତ ଭଜନ ଗାୟକ ଯୋଗଦେବେ। ଏହି ଭଜନ ସନ୍ଧ୍ୟା ନେଇ ଶ୍ରଦ୍ଧାଳୁ ଭକ୍ତମାନଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

# ସଡ଼କ ଦୁର୍ଘଟଣା କମେଇବା ପାଇଁ ଏକାଠି ହେଲେ ଡାକ୍ତର, ପ୍ରଶାସନିକ ଅଧିକାରୀ ଓ ମିଡିଆ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ 'ସଡ଼କ ସୁରକ୍ଷା ସଚେତନତା ମାସ' ଅବସରରେ ୨୩, ୨୦୨୬ ତାରିଖରେ ଭୁବନେଶ୍ୱର ପ୍ରେସ୍ କ୍ଲବରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବରିଷ୍ଠ ଡାକ୍ତର, ପ୍ରଶାସନିକ ଅଧିକାରୀ, ଆପାତକାଳୀନ ସେବାକର୍ମୀ ଏବଂ ମିଡିଆ ପ୍ରତିନିଧି ମାନେ ଯୋଗଦେଇ ଓଡ଼ିଶାରେ ବଢୁଥିବା ସଡ଼କ ଦୁର୍ଘଟଣା ସମସ୍ୟା ଉପରେ ବିସ୍ତୃତଭାବେ ଆଲୋଚନା କରିଥିଲେ।

ସରକାରୀ ନିୟମ, ଟ୍ରମା ଚିକିତ୍ସା ସୁବିଧା ଉନ୍ନତ ହେଲେ ମଧ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା କମୁନାହିଁ। ପରିବହନ ବିଭାଗ ତଥ୍ୟ ଅନୁଯାୟୀ, ଗତ ୫ ବର୍ଷରେ ଓଡ଼ିଶାରେ ୫୬,୮୩୧ଟି ସଡ଼କ ଦୁର୍ଘଟଣାରେ ୨୭,୧୬୭ ଜଣଙ୍କ ମୃତ୍ୟୁ ଏବଂ ୫୦,୦୪୧ ଜଣ ଆହତ ହୋଇଛନ୍ତି। ରାଜ୍ୟର ଦୁର୍ଘଟଣା ଗୁରୁତ୍ୱ ହାର ୪୯.୬ ପ୍ରତିଶତ ରହିଛି, ଯାହା ଜାତୀୟ ହାର ଠାରୁ ୩୭ ପ୍ରତିଶତଠାରୁ ଅଧିକ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପରିବହନ ପ୍ରାଧିକରଣ ଅଧକ୍ଷ ଅମିତାଭ ଠାକୁର, ଅଗ୍ନିଶମ ଓ ଆପାତକାଳୀନ ସେବାର ମହାନିରୀକ୍ଷକ ଡକ୍ଟର ଉମାଶଙ୍କର ଦାଶ, ଓଡ଼ିଶା ମହିଳା ମିଡିଆର ଅଧକ୍ଷ ଉପସ୍ଥିତ କସ୍ତୁରୀ ରାୟ, ମଣିପାଲ୍ ହସ୍ପିଟାଲ୍ର କ୍ଲଷ୍ଟର ନିର୍ଦ୍ଦେଶକ ଡାକ୍ତର ଶକ୍ତିମୟ ମହାପାତ୍ରଙ୍କ ସମେତ ଅନେକ କାର୍ଯ୍ୟକାରୀ ସାମ୍ବାଦିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି ଏହି ଅତିଥିଙ୍କ ଉପସ୍ଥିତିରେ ଦୀପ ପ୍ରଜ୍ୱଳନ ସହିତ ଶୁଭାରମ୍ଭ ହୋଇଥିଲା ଏହି ଅବସରରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଭୁବନେଶ୍ୱରର ବରିଷ୍ଠ ସାମ୍ବାଦିକା ସ୍ୱର୍ଗତା ଶୀଲା ପଟ୍ଟନାୟକଙ୍କ ସ୍ମୃତିରେ ଏକ ମିନିଟ୍ ନୀରବତା ପାଳନ କରାଯାଇଥିଲା।

ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ସ୍ନାୟୁ ଶଲ୍ୟ ଚିକିତ୍ସକ ତଥା ନ୍ୟୁରୋ ସର୍ଜରୀ ବିଭାଗର ନିର୍ଦ୍ଦେଶକ ଡାକ୍ତର ଅମିତ୍ ଜୟସୱାଲ୍ କହିଥିଲେ ଯେ, ସଡ଼କ ଦୁର୍ଘଟଣାରେ ମୁଣ୍ଡ ଓ ମେରୁଦଣ୍ଡ ଆଘାତ ମୃତ୍ୟୁ ଓ ସ୍ଥାୟୀ ଅକ୍ଷମତାର ପ୍ରମୁଖ କାରଣ। ହେଲମେଟ୍ ବ୍ୟବହାର ଏବଂ ସମୟରେ ସଠିକ୍ ଚିକିତ୍ସା ମିଳିଲେ ଜୀବନ ରକ୍ଷା ସମ୍ଭବ ବୋଲି କହିଥିଲେ। ସେହିଭଳି ମଣିପାଲ ହସ୍ପିଟାଲ ଭୁବନେଶ୍ୱର ସ୍ନାୟୁ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଦ୍ୟୁତ ରଞ୍ଜନ ଭୂୟାଁ କହିଥିଲେ ଯେ, ଦୁର୍ଘଟଣା ପରେ ତୁରନ୍ତ ସ୍ନାୟୁ ପରୀକ୍ଷା ଅତ୍ୟନ୍ତ ଜରୁରୀ, ଯାହା ଭବିଷ୍ୟତରେ ଗୁରୁତର ସମସ୍ୟାକୁ ରୋକିପାରିବ। ମଣିପାଲ ହସ୍ପିଟାଲର ଆପାତକାଳୀନ ଚିକିତ୍ସା ବିଭାଗ ମୁଖ୍ୟ ଡାକ୍ତର ଅଭିଷେକ ଚାଟର୍ଜୀ, 'ଗୋଲଡେନ୍ ଆୱର'ର ଗୁରୁତ୍ୱ ଉପରେ ଜୋର ଦେଇ କହିଥିଲେ ଯେ, ଘଟଣାସ୍ଥଳରେ ତୁରନ୍ତ ସହାୟତା, ଆମ୍ବୁଲାନ୍ସ ସେବା ଏବଂ ପ୍ରାଥମିକ ଚିକିତ୍ସା ଜ୍ଞାନ ଅନେକ ଆହାତ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇପାରିବ। ଓଡ଼ିଶା ମହିଳା ମିଡିଆର ଅଧକ୍ଷ କସ୍ତୁରୀ ରାୟ କହିଥିଲେ ଯେ, ସମାଜରେ ସଠିକ୍ ସଚେତନତା ସୃଷ୍ଟି ପାଇଁ ମିଡିଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ମୁଖ୍ୟ ଅତିଥି ଅମିତାଭ ଠାକୁର କହିଥିଲେ, "ସଡ଼କ ସୁରକ୍ଷା ମାସ ପରିବହନ ନିୟମ, କଡ଼ା ନିୟନ୍ତ୍ରଣ ଏବଂ ନୀତି ସହ ସିଧାସଳଖ ଭାବେ ଜଡ଼ିତ। ନିୟମ ପାଳନ, ଉତ୍ତମ ସଡ଼କ ବ୍ୟବସ୍ଥା ଏବଂ ସାଧାରଣ ଲୋକଙ୍କ ସହଭାଗୀତା ଦ୍ୱାରା ଦୁର୍ଘଟଣା କମିପାରିବ।" ଡକ୍ଟର. ଉମାଶଙ୍କର ଦାଶ କହିଥିଲେ ଯେ, ପ୍ରତ୍ୟେକ ଦୁର୍ଘଟଣା ସ୍ଥଳରେ ତୁରନ୍ତ ଉଦ୍ଧାର କାର୍ଯ୍ୟ, ପ୍ରଶିକ୍ଷିତ କର୍ମୀ ଏବଂ ସ୍ପଷ୍ଟ ପ୍ରତିକ୍ରିୟା ବ୍ୟବସ୍ଥା ଜୀବନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ।

ମଣିପାଲ୍ ହସ୍ପିଟାଲର କ୍ଲଷ୍ଟର ନିର୍ଦ୍ଦେଶକ ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ ଯେ, ସଡ଼କ ସୁରକ୍ଷା କେବଳ ଆଇନର ବିଷୟ ନୁହେଁ, ଏହା ଜନସ୍ୱାସ୍ଥ୍ୟ ସହ ସଂପୃକ୍ତ। ହସ୍ପିଟାଲ୍, ପ୍ରଶାସନ, ଆପାତକାଳୀନ ସେବା ଓ ମିଡିଆ ମିଶି କାମ କଲେ ସଡ଼କ ଦୁର୍ଘଟଣା ପରେ ଅନେକ ମୃତ୍ୟୁ ରୋକା ଯାଇପାରିବ। ସଡ଼କ ସୁରକ୍ଷା ସଚେତନତା ମାସ ଅବସରରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର ସଡ଼କ ସୁରକ୍ଷା ସଚେତନତା, ଆପାତକାଳୀନ ଚିକିତ୍ସା ଏବଂ ମିଡିଆ ଓ ପ୍ରଶାସନ ସହ ମିଳିତ କାର୍ଯ୍ୟ ପ୍ରତି ନିଜ ପ୍ରତିବଦ୍ଧତା ପୁନର୍ବ୍ୟକ୍ତ କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନେତାଜୀଙ୍କ ଜୀବନ...

ନେତାଜୀଙ୍କ ଜୀବନ...

ଶକ୍ତିଶାଳୀ ଏବଂ ଦାରିଦ୍ର୍ୟମୁକ୍ତ ରାଷ୍ଟ୍ର ଭାବେ ନିର୍ମାଣ କରିବାକୁ ପରିକଳ୍ପନା କରିଥିଲେ। ଆଜାଦ ହିନ୍ଦ୍ ଫୌଜର ପରିକ୍ରମା ସଙ୍ଗୀତ 'କଦମ କଦମ୍ ବଢ଼ାଏ ଯା'ର ଉତ୍ସାହ ଉଦ୍ରେକକାରୀ ସ୍ୱରକୁ ସ୍ମୃତିଚାରଣ କରି ଉପରାଷ୍ଟ୍ରପତି କହିଥିଲେ, ମଜଭୁତ ଏବଂ ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି ନେତାଜୀଙ୍କର ଦୂରଦୃଷ୍ଟି ଦେଶକୁ ଲଗାତାର ପ୍ରେରଣା ଦେଇ ଆସୁଛି। ନେତାଜୀଙ୍କ ସାହସ, ଏକତା ଏବଂ ମାତୃଭୂମି ପ୍ରତି ସର୍ବୋଚ୍ଚ ସମର୍ପଣର ଆଦର୍ଶରୁ ପ୍ରେରଣା ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବା ପାଇଁ ସାମୂହିକ ଭାବରେ ପ୍ରତିଜ୍ଞା କରିବାକୁ ସେ ନାଗରିକମାନଙ୍କୁ ଆହ୍ୱାନ କରିଥିଲେ। ଉପରାଷ୍ଟ୍ରପତି କହିଥିଲେ, ଭାରତର ସଭ୍ୟତାଗତ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଠାରେ ଇତିହାସ, ଆଧ୍ୟାତ୍ମିକତା ଏବଂ ସଂସ୍କୃତି ଏକତ୍ରିତ ହୋଇଛି। ଜନଜାତି କଲ୍ୟାଣ, ଆଦିବାସୀ ସମ୍ପ୍ରଦାୟର ଜୀବନଧାରଣ ମାନ ଉନ୍ନତ କରିବା ପାଇଁ ଲକ୍ଷ୍ୟବଦ୍ଧ ପ୍ରୟାସ ଏବଂ ନିରନ୍ତର ଭିତ୍ତିଭୂମି ବିକାଶ ଲାଗି ସେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ରାଜ୍ୟର ପ୍ରଗତିକୁ ନେଇ ବିଶ୍ୱାସ ପ୍ରକଟ କରି ସେ କହିଥିଲେ, ନିରନ୍ତର ସୁଶାସନ ସହିତ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେବ। ଏହି କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରେକର୍ଡ ହୋଇଥିବା ଭାଷଣ ପ୍ରସାରଣ କରାଯାଇଥିଲା। ଉପରାଷ୍ଟ୍ରପତି କହିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନେତାଜୀଙ୍କୁ ଯଥାର୍ଥ ସମ୍ମାନ ପ୍ରଦାନ କରିଛନ୍ତି। ୨୦୨୧ ମସିହାରୁ ନେତାଜୀଙ୍କ ଜନ୍ମବାର୍ଷିକୀକୁ ପରାକ୍ରମ ଦିବସ ଭାବରେ ପାଳନ କରାଯାଉଛି ଏବଂ ରସ୍ ଦ୍ୱୀପକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ ଭାବରେ ନାମିତ କରାଯାଇଛି। ସେ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ନିର୍ଣ୍ଣାୟକ ନେତୃତ୍ୱ, ନିର୍ଭୀକ ଦୃଷ୍ଟିକୋଣ ଏବଂ ଜାତୀୟ ସୁରକ୍ଷା ଓ ସ୍ୱାବଲମ୍ବନ ପ୍ରତି ଅଟଳ ପ୍ରତିବଦ୍ଧତା ପ୍ରକୃତରେ ତାଙ୍କର ପରାକ୍ରମ ଭାବନାକୁ ପ୍ରତିଫଳିତ କରେ। ସେ ଆହୁରି ମଧ୍ୟ କହିଥିଲେ, ପରାକ୍ରମ ଦିବସ କେବଳ ନେତାଜୀଙ୍କ ବୀରତ୍ୱକୁ ମନେ ପକାଇବାର ଏକ ଅବସର ନୁହେଁ। ବରଂ ପ୍ରତ୍ୟେକ ଭାରତୀୟଙ୍କୁ ଦେଶ ସେବାରେ ସାହସିକ ଭାବରେ କାର୍ଯ୍ୟ କରିବା ପାଇଁ ଏକ ଆହ୍ୱାନ। ନେତାଜୀଙ୍କ ଜୀବନ କାହାଣୀ ତାଙ୍କ ମନରେ ପ୍ରଥମେ ଦେଶପ୍ରେମର ଉତ୍ସାହ ଭରିଥିଲା, ଯାହା ଜନସେବା ଏବଂ ଜାତୀୟ କର୍ତ୍ତବ୍ୟ ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ପ୍ରେରଣା ଦେଇଥିଲା ବୋଲି ସେ କହିଥିଲେ। ଏହି ସ୍ମାରକୀ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ, ଉପରାଷ୍ଟ୍ରପତି ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଉପରେ ଏକ ପ୍ରଦର୍ଶନୀ, ଆଜାଦ ହିନ୍ଦ ଫୌଜ ଉପରେ ଡାକ ଟିକଟ ଗ୍ୟାଲେରି ଏବଂ ନେତାଜୀ ସଂସ୍କୃତି ଭବନର ଉଦଘାଟନ କରିଥିଲେ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସହାୟତାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନେତାଜୀଙ୍କୁ ଉପଯୁକ୍ତ ଭାବରେ ସମ୍ମାନିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ସେ କହିଥିଲେ, ଏପରି ସଂଗ୍ରହାଳୟ ଏବଂ ପ୍ରଦର୍ଶନୀଗୁଡ଼ିକ ଯୁବ ପିଢ଼ିକୁ ଭାରତର ସ୍ୱାଧୀନତା ସୁରକ୍ଷିତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମୀମାନେ ଦେଇଥିବା ମହାନ ବଳିଦାନ ଏବଂ କଷ୍ଟକୁ ହୃଦୟଙ୍ଗମ କରିବାରେ ସହାୟତା କରିବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ୩ଟି ନୂତନ...

କର୍ପୋରେସନର ନିୟନ୍ତ୍ରଣ ହାସଲ କରିଥିଲା, ଯେପରି ଦଳ ନିକଟରେ ତିରୁଭାନନ୍ତପୁରମରେ ଜିତିଥିଲା। ସେବେଠାରୁ ଗୁଜରାଟର ଲୋକମାନେ ଆମକୁ ସେବା କରିବାର ସୁଯୋଗ ଦେଇଛନ୍ତି ଏବଂ ଆମେ ଦଶନ୍ଧି ଧରି ଏହା କରିଆସୁଛୁ। ଆମର ଯାତ୍ରା ଗୁଜରାଟର ଏକ ସହରରେ ଆରମ୍ଭ ହୋଇଥିଲା ଏବଂ ସେହିପରି କେରଳରେ ଆମର ଆରମ୍ଭ ମଧ୍ୟ ଏକ ସହରରେ ଆରମ୍ଭ ହୋଇଥିଲା। କେରଳର ଲୋକମାନେ ଭାଜପା ଉପରେ ବିଶ୍ୱାସ କରିବା ଆରମ୍ଭ କରିଛନ୍ତି ଏବଂ ଗୁଜରାଟର ଲୋକମାନେ ଯେପରି ପୂର୍ବରୁ କରିଥିଲେ ସେହିପରି ଆମ ସହିତ ଯୋଡ଼ି ହେଉଛନ୍ତି। ତିରୁଭାନନ୍ତପୁରମରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଜି କେରଳର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପ୍ରୟାସ ନୂତନ ଗତି ପାଇଛି। କେରଳରେ ରେଳ ସଂଯୋଗୀକରଣକୁ ସୁଦୃଢ଼ କରାଯାଇଛି। ତିରୁଭାନନ୍ତପୁରମକୁ ଦେଶର ଏକ ପ୍ରମୁଖ ଷ୍ଟାର୍ଟଅପ ହବ କରିବା ପାଇଁ ଏକ ପଦକ୍ଷେପ ନିଆଯାଇଛି। ଆଜି, ସାରା ଦେଶ ପାଇଁ କେରଳରୁ ଗରିବଙ୍କ କଲ୍ୟାଣ ସହିତ ଜଡିତ ଏକ ପ୍ରମୁଖ ପଦକ୍ଷେପ ମଧ୍ୟ ଆରମ୍ଭ କରାଯାଉଛି। ପ୍ରଧାନମନ୍ତ୍ରୀ ସ୍ୱନିଧି କ୍ରେଡିଟ କାର୍ଡ ଆରମ୍ଭ କରିଛନ୍ତି। ଏହା ସାରା ଦେଶର ରାସ୍ତାକଡ଼ ବିକ୍ରେତାଙ୍କୁ ଲାଭ ଦେବ।

## ପରାକ୍ରମ ଦିବସର ...

ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ପରାକ୍ରମ ଦିବସ ପାଇଁ ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଆଣ୍ଡାମାନ ଭୂମି ସ୍ଥିରତାର ପ୍ରତୀକ ଭାବରେ ଠିଆ ହୋଇଛି, ଯେଉଁଠାରେ ସ୍ୱାଧୀନତାର ଆତ୍ମା ଅମର ରହିଛି । ସେଠାରେ ଅନେକ ସ୍ୱାଧୀନତା ସଂଗ୍ରାମୀ ନିର୍ଯାତନା ସହିଥିଲେ ଏବଂ ନିଜ ଜୀବନ ବଳିଦାନ ଦେଇଥିଲେ । ତଥାପି କଠିନ ପରିସ୍ଥିତିକୁ ସମ୍ମୁଖୀନ କରିଥିଲେ । ଏହି ସଂଗ୍ରାମ ସ୍ୱାଧୀନତା ସଂକଳ୍ପକୁ ଆହୁରି ମଜଭୁତ କରିଥିଲା । ଏହି ଅବସରରେ, ମୁଁ ପରାକ୍ରମ ଦିବସରେ ମୋର ସମସ୍ତ ଦେଶବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

## ଜାତୀୟ ସ୍ତରରେ...

କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ ଏବଂ ଆଇଟି କମିଟି ଅଧକ୍ଷ ଡ. ମନୋଜ କୁମାର ମହାନ୍ତି, ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ଅନୁ ଗର୍ଗଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏନଏଚଏ ସିଇଓ ଡ. ସୁନୀଲ କୁମାର ବର୍ଣ୍ଣୱାଲ, ରାଜସ୍ଥାନର ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ଗାୟତ୍ରୀ ରାଠୋର, ମେଘାଳୟର ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ସମ୍ପଥ କୁମାର, ଓଡ଼ିଶାର ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍, ଡ. ବୃନ୍ଦା ଡି. ଏବଂ ଏନଏଚଏ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଦୁଇ ଦିନିଆ ଚିନ୍ତନ ଶିବିରରେ ଦେଶବ୍ୟାପୀ ବରିଷ୍ଠ ନୀତି ନିର୍ଦ୍ଧାରକ ଏବଂ ସ୍ୱାସ୍ଥ୍ୟ ପ୍ରଶାସକମାନେ ଏବିଡିଏମ ଅଧୀନରେ ଡିଜିଟାଲ୍ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକର ଅଗ୍ରଗତି ସମୀକ୍ଷା ଏବଂ ଭବିଷ୍ୟତ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଏକତ୍ରିତ ହୋଇଥିଲେ। ୨୭ଟି ରାଜ୍ୟ ଏବଂ ୭ଟି କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି. ନଡ୍ଡା ଜୀ'ଙ୍କ ବଳିଷ୍ଠ ମାର୍ଗଦର୍ଶନରେ, ଏମ୍ସ ଭୁବନେଶ୍ୱର ନାଗରିକ-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଡିଜିଟାଲ୍ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକୁ ଆଗକୁ ବଢାଇବାରେ ବିଶେଷ ପ୍ରଯତ୍ନ କରିଚାଲିଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି ।ଏମ୍ସ ଭୁବନେଶ୍ୱର ଏବିଡିଏମ କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି, ଯେଉଁଥିରେ ୪୨ ଲକ୍ଷ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍, ୧୯ ଲକ୍ଷ ଆଭା ଟୋକନ୍ ସୃଷ୍ଟି ଅନ୍ତର୍ଭୁକ୍ତ। ବିଲିଂକୁ ସୁଗମ କରିବା, ରୋଗୀଙ୍କ ଧାଡ଼ି ହ୍ରାସ କରିବା ଏବଂ ହସ୍ପିଟାଲ ଦକ୍ଷତା ବୃଦ୍ଧି କରିବା ପାଇଁ ସ୍କାନ ଏବଂ ପେ ସୁବିଧାର ସଫଳ କାର୍ଯ୍ୟାନ୍ୱୟନ ମଧ୍ୟ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ ରୋଗୀଙ୍କ ସୁବିଧାରେ ଉଲ୍ଲେଖନୀୟ ଉନ୍ନତି ଆଣିଛି, କାଗଜବିହୀନ କାର୍ଯ୍ୟପ୍ରବାହ ସୁନିଶ୍ଚିତ କରିଛି ଏବଂ ଚିକିତ୍ସାର ନିରନ୍ତରତାକୁ ସୁଦୃଢ଼ କରିଥିବା ଡାକ୍ତର ବିଶ୍ୱାସ କହିଛନ୍ତି।

## ୯ ମାଓବାଦୀଙ୍କ ...

ସଂଖ୍ୟା ଅଧିକ ରହିଛି। ସୀତାନଦୀ କ୍ଷେତ୍ର ମାଓ କମିଟି ସଚିବ ଜ୍ୟୋତି ଓରଫ ଜେନିଙ୍କୁ ଧରେଇବା ପାଇଁ ୮ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା । ଡିଭିଜନାଲ କମିଟି ସଦସ୍ୟ ୪୫ ବର୍ଷୀୟା ଉଷା ଓରଫ ବାଲାମ୍ମାଙ୍କୁ ଧରେଇବା ପାଇଁ ମଧ୍ୟ ୮ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ଏହି ମାଓବାଦୀମାନେ ଦୀର୍ଘ ସମୟ ଧରି ସକ୍ରିୟ ଥିଲେ ଏବଂ ଅନେକ ଘଟଣାରେ ଜଡିତ ରହିଥିଲେ।

## ସୁପ୍ରିମକୋର୍ଟ ...

ସହଯୋଗ କରିଛନ୍ତି। ଯଦି ଏହି ମେଟ୍ରୋ ଲାଇନ୍ ନିର୍ମାଣ ହେଉଛି, ତେବେ ବିନା କୌଣସି ଅସୁବିଧାରେ ଲୋକେ ସିଧା କୋର୍ଟରେ ପହଞ୍ଚିପାରିବେ। ଏହାଦ୍ୱାରା କେବଳଯେ ସମସ୍ତଙ୍କ ମୂଲ୍ୟବାନ ସମୟ ବଞ୍ଚିବ ତାନୁହେଁ ଲୋକଙ୍କ ଥକ୍କାପଣ ବି ଦୂର ହୋଇପାରିବ।

## କେନ୍ଦ୍ର ସରକାରଙ୍କ ...

ବୃଦ୍ଧି କରାଯାଇଛି। ଏହା ୧ ନଭେମ୍ବର ୨୦୨୨ ରୁ ପ୍ରଭାବୀ ହେବ। ଏଥିପାଇଁ ମୋଟ ୨,୬୯୬.୮୨ କୋଟି ଟଙ୍କା ଖର୍ଚ୍ଚ ହେବ, ଯେଉଁଥିରେ ୨,୪୮୫.୦୨ କୋଟି ଟଙ୍କାର ଏରିଅର ସାମିଲ ଅଛି।

## ବିଶ୍ୱ ସ୍ୱାସ୍ଥ୍ୟ...

ଆମେରିକା ଏବେ ପ୍ରତ୍ୟାହାର ପ୍ରକ୍ରିୟା ସମାପ୍ତ କରିବା ପାଇଁ ହୁ ସହିତ ସୀମିତ ଯୋଗଯୋଗ ବଜାୟ ରଖିବ । ସରକାର ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆମେରିକା ଭବିଷ୍ୟତରେ ହୁ କୁ ଫେରିବ ନାହିଁ। ଯୁକ୍ତରାଷ୍ଟ୍ର ହୁ ର ପ୍ରତିଷ୍ଠାତା ସଦସ୍ୟ ଥିଲା ଏବଂ ୧୯୪୮ ମସିହାରୁ ୭୮ ବର୍ଷ ପର୍ଯ୍ୟନ୍ତ ଏହାର ସଦସ୍ୟ ରହିଥିଲା। ଏହା ସବୁଠାରୁ ବଡ଼ ପାଣ୍ଠିଦାତା ଥିଲା। ହାରାହାରି, ଆମେରିକା ସଦସ୍ୟତା ଫିସ୍ ଭାବରେ ବାର୍ଷିକ ୧୧୧ ନିୟୁତ ଡଲାର ଏବଂ ସ୍ୱେଚ୍ଛାକୃତ ଦାନ ଭାବରେ ୫୭୦ ନିୟୁତ ଡଲାରରୁ ଅଧିକ ଦାନ କରିଥିଲା। ବର୍ତ୍ତମାନ, ପ୍ରତ୍ୟାହାର କରିବା ପରେ, ହୁ ଏକ ବଡ଼ ଆର୍ଥିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି।

# ରାଷ୍ଟ୍ରପତିଙ୍କ ବାଲେଶ୍ୱର ଗସ୍ତ ପାଇଁ ପ୍ରସ୍ତୁତି ବୈଠକ

**ବାଲେଶ୍ୱର, ନ୍ୟୁଜ୍**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାଲେଶ୍ୱର ଗସ୍ତ କାର୍ଯ୍ୟକ୍ରମ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ୩ ଫେବୃୟାରୀ ତାରିଖରେ ରାଷ୍ଟ୍ରପତି ମହୋଦୟାଙ୍କ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଭ୍ରମଣ ପୂର୍ବରୁ ଶୁକ୍ରବାର ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧିକାରୀ, ବାଲେଶ୍ୱରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତିମୂଳକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଶାସନିକ ଅଧିକାରୀ ମାନେ, ପୁଲିସ୍ ଅଧିକାରୀମାନେ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ଉପକୁଳପତି, ରେଜିଷ୍ଟ୍ରାର ଏବଂ ସମସ୍ତ ସମ୍ପୃକ୍ତ ଲାଇନ୍ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ରାଷ୍ଟ୍ରପତିଙ୍କ ଭ୍ରମଣ ସମୟରେ ସୁରକ୍ଷା ବ୍ୟବସ୍ଥା, ପ୍ରୋଟୋକଲ, ଯାତାୟାତ ବ୍ୟବସ୍ଥା, ଆୟୋଜନ ସ୍ଥଳର ପ୍ରସ୍ତୁତି ଏବଂ ବିଭାଗୀୟ ସମନ୍ୱୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ବିଭାଗକୁ ପରସ୍ପର ସମନ୍ୱୟରେ କାର୍ଯ୍ୟ କରି ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ସମସ୍ତ ପ୍ରସ୍ତୁତି ସମୟମଧ୍ୟରେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.
ETCECONIIIBBS2025060,
ତା.23.12.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ- ତା.23.01.2026 ରିଖ 1200 ଘଟିକା, ପଢ଼ାଯିବା ଆବଶ୍ୟକ - ତା.30.01.2026 ରିଖ 1200 ଘଟିକା।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବସାଇଟ୍ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର
PR-238/CI/25-26

ଭୁବନେଶ୍ୱର
୨୪ ଜାନୁଆରୀ,
ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ବ୍ରହ୍ମାଣ୍ଡ ନାୟକଙ୍କ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ

ପୁରୀ, ୨୩।୧
ନ୍ୟୁଜ୍‌ବ୍ୟୁରୋ

ବ୍ରହ୍ମାଣ୍ଡ ନାୟକଙ୍କ ଘୋଷଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି । ପବିତ୍ର ଶ୍ରୀପଞ୍ଚମୀ ଅବସରରେ ସରସ୍ୱତୀ ପୂଜାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳାରେ ତିନିଟି କାଠକୁ ବିଧି ବିଧାନ ମୁତାବକ ପୂଜା କରାଯାଇଛି । ରାଜନଅର ପକ୍ଷରୁ ଗଜପତିଙ୍କ ପ୍ରତିନିଧି ଭାବେ ଦେବୀପ୍ରସାଦ ରାଜଗୁରୁ ଓ ସୋତ୍ରୀୟ ବ୍ରାହ୍ମଣମାନଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା । ପଞ୍ଚାମୃତ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ ଓ ମହାପ୍ରସାଦ ଅର୍ପଣ କରାଯାଇଥିଲା । ରଥ ନିର୍ମାଣ ସୃଜନୀ କାର୍ଯ୍ୟ ହୋଇଥିବାରୁ ମା' ବାଗଦେବୀଙ୍କୁ ଆବାହନ କରାଯାଇଥିଲା । ଏଥିସହ ବରୁଣ ପୂଜା ଏବଂ ମହାପ୍ରଭୁଙ୍କ



ପୂଜାର୍ଚ୍ଚନା କରି ତାଙ୍କ ଯାତ୍ରା ନିର୍ବିଘ୍ନରେ ହେବା ପାଇଁ ପ୍ରାର୍ଥନା କରାଯାଇଥିଲା ।

ପୂଜା, ଆଳତି ସହ ପୁଷ୍ପାଞ୍ଜଳି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂହ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ଓ ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୂଜା ବିଧି ସମ୍ପନ୍ନ ହୋଇଥିଲା । ରଥଯାତ୍ରା ନିର୍ବିଘ୍ନରେ ସମ୍ପନ୍ନ ହେବା ନେଇ ପ୍ରଶାସକ, ସେବାୟତମାନେ ପ୍ରାର୍ଥନା କରିଥିଲେ ।

ରଥ ସଂହିତା ଅନୁଯାୟୀ, ତିନି ରଥ ନିର୍ମାଣ ପାଇଁ ୪୨୬ ଖଣ୍ଡ ଧଉରା, ୩୬୪ ଖଣ୍ଡ ଅସନ, ୭୨ ଖଣ୍ଡ ଫାଶି ଓ ୩ ଖଣ୍ଡ ଶିମିଳି କାଠ ଏପରି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥାଏ । ଗତବର୍ଷର ୪୭ ଖଣ୍ଡ କାଠ ବଳି ପଡ଼ିଥିଲା । ଏଣୁ ଚଳିତବର୍ଷ ରଥଯାତ୍ରା ପାଇଁ ୮୧୮ ଖଣ୍ଡ ରଥ କାଠ ମଗାଯାଇଥିଲା । ଏ ଭିତରେ ପ୍ରଥମ ପର୍ଯ୍ୟାୟରେ ୮୩ ଖଣ୍ଡ ଧଉରା ଓ ଅସନ କାଠ ନୟାଗଡ଼ ଦଶପଲ୍ଲା ରେଞ୍ଜରୁ ଆସି ସାରିଛି । ପର୍ଯ୍ୟାୟକ୍ରମେ ବାକି କାଠ ପହଞ୍ଚିବା ପରେ ପବିତ୍ର ରାମନବମୀରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ନୀତି ଅନୁଷ୍ଠିତ ହେବ ।

# ଅନିଲ ଅମ୍ବାନୀଙ୍କୁ ସୁପ୍ରିମକୋର୍ଟଙ୍କ ସାନି ନୋଟିସ

ନୂଆଦିଲ୍ଲୀ, ୨୩।୧

ଶିଳ୍ପପତି ତଥା ଏଡିଏଜି ଗ୍ରୁପ୍ ମୁଖ୍ୟ ଅନିଲ ଅମ୍ବାନୀଙ୍କ ଅଡୁଆ ବଢ଼ିଛି । ସେ ଓ ତାଙ୍କ କମ୍ପାନୀ ଦ୍ୱାରା କରାଯାଇଥିବା ବଡ଼ଧରଣର ବ୍ୟାଙ୍କ ଓ କର୍ପୋରେଟ୍ ଠକେଇର ତଦନ୍ତ କୋର୍ଟଙ୍କ ତତ୍ତ୍ୱାବଧାନରେ କରିବା ଲାଗି ଆବେଦନ କରି ହୋଇଥିବା ଜନସ୍ୱାର୍ଥ (ପିଆଇଏଲ୍) ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର ସାନି ନୋଟିସ ଜାରି କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସିବିଆଇ ଓ ଇଡିକୁ ସେମାନଙ୍କ ତଦନ୍ତ ଅଗ୍ରଗତି ସଂପର୍କିତ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି । ୧୦ ଦିନ ଭିତରେ ବନ୍ଦ ଲଫାପାରେ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ଏହି



ଦୁଇ ତଦନ୍ତକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି ।

କୋର୍ଟ କହିଛନ୍ତି ଏହି ମାମଲାରେ ପୂର୍ବରୁ ଅନିଲ ଅମ୍ବାନୀ ଓ ଏଡିଏଜିକୁ ନୋଟିସ ହୋଇଥିଲା । ତେଣୁ କୋର୍ଟରେ ହାଜର ହୋଇ ମତାମତ ରଖିବା ଲାଗି କୋର୍ଟ ସେମାନଙ୍କୁ ଶେଷ ସୁଯୋଗ ପ୍ରଦାନ କରୁଛନ୍ତି । ନୋଟିସ୍ ଯେଭଳି ଠିକ୍ ଭାବେ ଅନିଲ ଅମ୍ବାନୀ ଓ ଏଡିଏଜି ନିକଟରେ ପହଞ୍ଚିବ ତାହା ନିଶ୍ଚିତ କରିବା ସହ ଏକ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ବମ୍ବେ ହାଇକୋର୍ଟର ରେଜିଷ୍ଟ୍ରାର୍ ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୧୦ ଦିନ ପରେ ଏହି ମାମଲାର ପୁନଃଶୁଣାଣି କରିବାକୁ ସ୍ଥିର ହୋଇଛି ।

# ଲୋକଭବନରେ ଉପ-ରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

ଭୁବନେଶ୍ୱର, ୨୩।୧
ନ୍ୟୁଜ୍‌ବ୍ୟୁରୋ

ଭାରତର ଉପ-ରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କୁ ଓଡ଼ିଶା ଲୋକଭବନ ଠାରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ସମ୍ବର୍ଦ୍ଧିତ କରିଛନ୍ତି । ଶୁକ୍ରବାର ଦିନ ଉପ-ରାଷ୍ଟ୍ରପତିଙ୍କ ଏକ ଦିନିଆ ଓଡ଼ିଶା ଗସ୍ତ ଅବସରରେ ଉପ-ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଲୋକଭବନର ନ୍ୟୁ ଅଭିଷେକ ହଲ୍ ଠାରେ ଏକ ଔପଚାରିକ ଭୋଜି ଆୟୋଜିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ସହଧର୍ମିଣୀ ଡ. ପ୍ରିୟଙ୍କା ମାରାଣ୍ଡି, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ସାଂସଦ



ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ ।

ଭୋଜନ ପରେ ରାଜ୍ୟପାଳ ଉପ-ରାଷ୍ଟ୍ରପତିଙ୍କୁ ସମ୍ମାନ ସୂଚକ ଭାବେ ଔପଚାରିକ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏହି ଅବସରରେ ପରିବେଷିତ ଲାଇଭ୍ ଯନ୍ତ୍ର ସଙ୍ଗୀତକୁ ଉପରାଷ୍ଟ୍ରପତି ପ୍ରଶଂସା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ଓଡ଼ିଶାର ମହାନ ଅତିଥି ସତ୍କାର ପରମ୍ପରାକୁ ପ୍ରତିଫଳିତ କରିଥିଲା ଏବଂ ଉପ-ରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ବରିଷ୍ଠ ନେତୃତ୍ୱ ଓ ସାମ୍ବିଧାନିକ ପଦାଧିକାରୀଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନା ପାଇଁ ଏକ ଉତ୍ତମ ସୁଯୋଗ ପ୍ରଦାନ କରିଥିଲା ।

ସୂଚନା ଯୋଗ୍ୟ ଯେ, ଚଳିତ ଜାନୁଆରୀ ୨୩ ତାରିଖ ଦିନ ଭାରତର ଉପ-ରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏକ ଦିନିଆ ଓଡ଼ିଶା ଗସ୍ତରେ ଆସି କଟକଠାରେ ପରାକ୍ରମ ଦିବସ ଉତ୍ସବରେ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ପାଳନ ସମାରୋହରେ ଯୋଗ ଦେଇଥିଲେ ।

# କିମ୍ସରେ ଭାରତର ପ୍ରଥମ ବହୁମୁଖୀ ୟୁଥ୍ ୱେଲନେସ୍ କ୍ଲିନିକ୍ ଆରମ୍ଭ

ଭୁବନେଶ୍ୱର, ୨୩।୧
ନ୍ୟୁଜ୍‌ବ୍ୟୁରୋ

ଯୁବପିଢ଼ିଙ୍କୁ ଅଣଦେଖା କରାଯାଉଥିବା ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୂପ, କିମ୍ସ ଭୁବନେଶ୍ୱରର ଶିଶୁ ରୋଗ ବିଭାଗରେ ଏକ ଉତ୍ସର୍ଗୀକୃତ ଯୁବ ସୁସ୍ଥତା କ୍ଲିନିକ୍ 'ତାରୁଣ୍ୟ' ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ୧୦ରୁ ୧୯ ବର୍ଷ ବୟସର କିଶୋର ମାନଙ୍କ ସାମଗ୍ରିକ ସୁସ୍ଥତା ଉପରେ ଧ୍ୟାନ ଦିଆଯିବ ।

କିଶୋରାବସ୍ଥାରେ ମଣିଷ ଶରୀରରେ ଶାରୀରିକ, ହରମୋନ୍, ମାନସିକ, ସାମାଜିକ ଓ ଭାବପ୍ରବଣ ଜନିତ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ଏହି ସମୟରେ ଯୁବକଯୁବତୀମାନଙ୍କୁ ବିଶେଷ ଭାବରେ ଦୁର୍ବଳ କରିଥାଏ ତଥା ସେମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାକୁ ସ୍ପଷ୍ଟ



କରିଥାଏ । ଏଭଳି ଜଟିଳତାର ସମାଧାନ ଲାଗି କିମ୍ସରେ 'ତାରୁଣ୍ୟ' ଭଳି ଦେଶର ପ୍ରଥମ କ୍ଲିନିକ୍ ଆରମ୍ଭ କରାଯାଇଛି । ଏହି କ୍ଲିନିକ୍ ଶିଶୁରୋଗ, ମାନସିକ ରୋଗ, ପ୍ରସୂତି ଓ ସ୍ତ୍ରୀରୋଗ ଓ କମ୍ୟୁନିଟି ମେଡିସିନ୍ ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ମିଳିତ ଭାବେ କାର୍ଯ୍ୟ କରୁଛି । ଶିଶୁରୋଗ ବିଶେଷଜ୍ଞ ଡା ସ୍ୱର୍ଣ୍ଣଲତା ଦାସଙ୍କ ନେତୃତ୍ୱରେ ଏହି କ୍ଲିନିକ୍ ପରିଚାଳିତ ହେଉଛି ।

ୟୁଥ୍ ୱେଲନେସ୍ କ୍ଲିନିକ୍ କୈଶୋରାବସ୍ଥାର ବିକାଶ, ଋତୁସ୍ରାବ ସ୍ୱାସ୍ଥ୍ୟ ଓ ପିସିଓଏସ, ପୁଷ୍ଟିକର ପରାମର୍ଶ, ଚିନ୍ତା ଓ ପରୀକ୍ଷା ସମ୍ବନ୍ଧୀୟ ଚାପ, ସଂପର୍କ ଓ ଯୋଗାଯୋଗ ଚ୍ୟାଲେଞ୍ଜ, ନିଶା ନିବାରଣ ପରାମର୍ଶ, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଶିକ୍ଷା, ବୟସ-ଉପଯୋଗୀ ଟୀକାକରଣ ଉପରେ ମାର୍ଗଦର୍ଶନ ପ୍ରଦାନ କରିବ । ନୂତନ ଭାବପ୍ରବଣତା ପ୍ରତିକ୍ରିୟାରେ ପିତାମାତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ, ସାମାଜିକ ଗଣମାଧ୍ୟମର ଅତ୍ୟଧିକ ବ୍ୟବହାର ଓ ଡିଜିଟାଲ୍ ନିଶା ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ଉପରେ ମଧ୍ୟ ଏହି କ୍ଲିନିକ ମାଧ୍ୟମରେ ବିସ୍ତାର କରାଯିବ ।

ପ୍ରଥମ ବର୍ଷରେ ଅତି କମ୍‌ରେ ୫ ହଜାର କିଶୋରକିଶୋରୀଙ୍କ ନିକଟରେ ପହଞ୍ଚିବା ଏହି କ୍ଲିନିକ୍‌ର ଲକ୍ଷ୍ୟ ରହିଛି । ଏହା ବ୍ୟତୀତ କ୍ଲିନିକ୍ ସଂପୂର୍ଣ୍ଣ କିଶୋର ସ୍ୱାସ୍ଥ୍ୟସେବା ପାଇଁ ଏକ ମଡେଲ ଢାଞ୍ଚାରେ ବିକଶିତ ହେବାକୁ ଲକ୍ଷ୍ୟ ରଖିଛି । ପ୍ରତି ଶନିବାର ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ । ଚିକିତ୍ସା ଅପେକ୍ଷା ପ୍ରତିରୋଧ ଉପରେ ଏହି କ୍ଲିନିକ୍ ଅଧିକ ଗୁରୁତ୍ୱାରୋପ କରିବ । ଏହି କ୍ଲିନିକ୍‌ର ପ୍ରଚାର ପ୍ରସାର ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସ୍ଥାନୀୟ ଅଞ୍ଚଳ ପରିବେଶରେ ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ଗଣମାଧ୍ୟମ ବ୍ୟବହାର, ସୁସ୍ଥ ଜୀବନଶୈଳୀ ବଜାୟ ରଖିବା ତଥା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଡା ଆର.ସି. ଦାସ ଏହି କ୍ଲିନିକକୁ ଉଦ୍‌ଘାଟନ କରିଥିବା ବେଳେ କିମ୍ସ ମେଡିକାଲ୍ ଅଧୀକ୍ଷକ ଡା ମାନସ ରଞ୍ଜନ ବେହେରାଙ୍କ ସମେତ ଶିଶୁ ରୋଗ, ମାନସିକ ରୋଗ ଏବଂ କମ୍ୟୁନିଟି ମେଡିସିନ ବିଭାଗର ମୁଖ୍ୟ ଓ ଅଧ୍ୟାପକମାନେ ଏହି ଅବସରରେ ଉପସ୍ଥିତ ଥିଲେ ।

# ସିଡିଏ ଜମି ଜାଲିଆତି ଘଟଣାର ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଛି : ମନ୍ତ୍ରୀ

କଟକ, ୨୩।୧
ନ୍ୟୁଜ୍‌ବ୍ୟୁରୋ

ସିଡିଏ ସେକ୍ଟର-୬ରେ ୧୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଜମି କେଳେଙ୍କାରୀରେ ଜାଲିଆତି ମାମଲାରେ ପ୍ରତିକ୍ରିୟା ରଖିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର । ସେ କହିଛନ୍ତି, ଘଟଣାର ତଦନ୍ତ ଲାଗି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତ ରିପୋର୍ଟ ଆସିଲା ପରେ ଏନେଇ ପଦକ୍ଷେପ ନିଆଯିବ । ଏଣେ ସିଡିଏ ଭିସି କହିଛନ୍ତି, ନିୟମ ଅନୁସାରେ ଟେଣ୍ଡର ହୋଇଛି । ସିଡିଏ ସେକ୍ଟର-୬ରେ ୧୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଜମିକୁ ନିର୍ଦ୍ଦିଷ୍ଟ ସଂସ୍ଥାକୁ ସୁହାଇଲା ଭଳି ଟେଣ୍ଡର କରାଇ ନେବା ଯୋଜନାରେ ସର୍ବନିମ୍ନ ସତର୍କତାକୁ ଅଣଦେଖା କରାଯାଇଛି । ସେକ୍ଟର-୬ରେ ଥିବା ଅଢ଼େଇ ଏକର ଜମିର ବିକାଶ କରିବା ସହିତ ସିଡିଏ ପାଇଁ ଏକ ଅତ୍ୟାଧୁନିକ କୋଠା ନିର୍ମାଣ କରିବାକୁ ଏହି ଟେଣ୍ଡର ଆହ୍ୱାନ କରାଯାଇଥିଲା । ସଂପୃକ୍ତ ସଂସ୍ଥା ଏହି ଅଢ଼େଇ ଏକର ଜମି ନେବ । ସେଥିରୁ କିଛି ଅଂଶରେ ସିଡିଏ ପାଇଁ କୋଠା ନିର୍ମାଣ କରିବ । ବାକି ଜମିକୁ ସେ ନିଜ ନିୟନ୍ତ୍ରଣରେ ରଖି ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରିପାରିବ । କିନ୍ତୁ ଏହି ମୂଲ୍ୟବାନ ଜମିକୁ



୨/୩ କୋଟିରେ ତ ଟେକି ଦିଆଗଲା, ଏଥିପାଇଁ ଟେଣ୍ଡର ନିୟମକୁ ବି ଅଣଦେଖା କରି ଦିଆଗଲା । ଏବେ ପ୍ରଶ୍ନ ଉଠୁଛି ଯେ ଅଢ଼େଇ ଏକର ଜମିର ବିକାଶ କରି ସେଥିରେ ୬୦ କୋଟିର ଏକ କୋଠା ନିର୍ମାଣ କରିବା ପାଇଁ ଯେଉଁ ଟେଣ୍ଡର ଆହ୍ୱାନ କରାଯାଇଛି ସେଥିରେ ସଂସ୍ଥାର ବୈଷୟିକ ଯୋଗ୍ୟତା, ଦକ୍ଷତା ଅଥବା ଅନୁଭବ ସଂପର୍କିତ ସର୍ତ୍ତ କାହିଁକି ରଖାଯାଇ ନାହିଁ ? ଯେଉଁ ସଂସ୍ଥାକୁ ଯୋଗ୍ୟ ବିବେଚିତ କରିବା ପାଇଁ ଏତେ ସବୁ ମସୁଧା ହୋଇଛି, ତାହାର ନିର୍ମାଣ କ୍ଷେତ୍ରରେ କୌଣସି ବିଶେଷ ଦକ୍ଷତା, ଅଭିଜ୍ଞତା ଅଥବା ଅନୁଭବ ରହିଛି କି ? ଏ ସଂପର୍କିତ ଯାଞ୍ଚ କେଉଁ ସଂସ୍ଥା ଦ୍ୱାରା କରାଯାଇଛି ? କେଉଁ ଭରସାରେ ଏହି ମୂଲ୍ୟବାନ ଜମିକୁ ସିଡିଏ କର୍ତ୍ତୃପକ୍ଷ ଏହି ସଂସ୍ଥା ହାତକୁ ଟେକି ଦେବାକୁ ସୁରକ୍ଷିତ ମନେ କରିଛନ୍ତି ? କାହିଁକି ଅଭିଜ୍ଞ ନିର୍ମାଣକାରୀ ସଂସ୍ଥାଙ୍କ ପ୍ରସ୍ତାବ ଓ ଅଭିଯୋଗକୁ ସିଡିଏ କର୍ତ୍ତୃପକ୍ଷ ଅଣଦେଖା କରି ଟେଣ୍ଡର ଫଇସଲା କରିଛନ୍ତି ? ଏଭଳି ଅନେକ ପ୍ରଶ୍ନ ଏବେ ସଂପୂର୍ଣ୍ଣ ପ୍ରକ୍ରିୟାକୁ ସନ୍ଦେହଜନକ କରିଛି । ଏ ସଂପର୍କରେ ଶୁକ୍ରବାର ପୁଣି ସିଡିଏ ସଚିବ ଡକ୍ଟର ଶ୍ୱେତ କୁମାର ଦାଶଙ୍କ ପ୍ରତିକ୍ରିୟା ନେବାର ପ୍ରୟାସ ହେବାରୁ ସେ ଏ ସଂପର୍କରେ ଆସନ୍ତା ସୋମବାର ବେଳକୁ କହିବେ ବୋଲି ଜଣାଇଥିଲେ । ଏହି ଘଟଣା ଅଧିକ ସନ୍ଦେହ ବଢ଼ାଇଛି । ଅନ୍ୟପଟେ ଏ ସଂପର୍କରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ମତାମତ ଲୋଡ଼ାଯିବାରୁ ସେ ଏ ସଂପର୍କରେ ଯାଞ୍ଚ କରି ଦେଖିବେ ବୋଲି କହିଥିଲେ । ନଗର ଉନ୍ନୟନ କର୍ତ୍ତୃପକ୍ଷ ମଧ୍ୟ ଏହି ଘଟଣାର ଯାଞ୍ଚ କରାଯିବା ସହିତ ତଥ୍ୟ ସଂଗ୍ରହ କରାଯାଉଛି ବୋଲି କହିଛନ୍ତି । ସାଧାରଣ ଲୋକଙ୍କ ପାଇଁ ସହରରେ ଜମି ଖଣ୍ଡେ ପାଇବା ସ୍ୱପ୍ନ ହୋଇଯାଉଥିବା ବେଳେ ଅଢ଼େଇ ଏକର ମୂଲ୍ୟବାନ ଜମିକୁ ଏଭଳି ଗୋଟିଏ ସଂସ୍ଥାକୁ ଟେକି ଦିଆଯିବାର ପ୍ରୟାସ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି କରିଛି ।

# ରାଜଧାନୀରେ ବାଇକ୍ ଉପରେ ଚଢ଼ିଗଲା 'ଆମ ବସ୍'

ଭୁବନେଶ୍ୱର, ୨୩।୧
ନ୍ୟୁଜ୍‌ବ୍ୟୁରୋ

ରାଜଧାନୀରେ ପୁଣି ଆମ ବସ୍ ଦୁର୍ଘଟଣା । ବାଇକ୍ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ତୁମୂଳକାଣ୍ଡ ଘଟାଇଛନ୍ତି ଉତ୍ତ୍ୟକ୍ତ ଲୋକେ । ରାସ୍ତାରେ ଯାଉଥିବା ଅନ୍ୟ ଆମ ବସ୍ ଉପରକୁ ଉତ୍ତ୍ୟକ୍ତ ଲୋକେ ଆକ୍ରମଣ କରିଥିଲେ । ସ୍ଥିତି ଏପରି ହୋଇଥିଲା ପୁଲିସକୁ ମୃଦୁ ଲାଠି ଚାଳନା କରିବାକୁ ପଡ଼ିଥିଲା ।

ମାଷ୍ଟର କ୍ୟାଣ୍ଟିନରୁ ରାଜମହଲ ଅଭିମୁଖେ ଯାଉଥିଲା ୮୨ ନମ୍ବର ରୁଟ୍‌ର ଆମ ବସ୍ । ବ୍ୟସ୍ତ ବହୁଳ ଜନପଥ ରାସ୍ତାରେ ହଠାତ୍ ଏକ ବାଇକ୍‌କୁ ଦେଇଥିଲା ଧକ୍କା । ବସ୍ ତଳେ ଚାପି ହୋଇଗଲା ବାଇକ୍ । ଚାଳକ ତ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି, ଦୁର୍ଘଟଣାରେ ବାଇକ୍ କିନ୍ତୁ କ୍ଷତିଗ୍ରସ୍ତ ହୋଇଛି । ପରେ ପୁଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବସ୍ ଜବତ



କରିବା ସହ ଆହତ ବାଇକ୍ ଚାଳକଙ୍କୁ ମେଡିକାଲରେ ଭର୍ତ୍ତି କରିଛି ।

ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୁଲିସ ଜବତ କରିବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ରୁଟ୍‌ରେ ଯାଉଥିବା କିଛି ଆମ ବସ୍‌କୁ ଆକ୍ରମଣ କରିଥିଲେ ସ୍ଥାନୀୟ ବାସିନ୍ଦା । ଟେକା ପଥର ମାଡ଼ରେ କିଛି ଯାତ୍ରୀ ମଧ୍ୟ ଆହତ ହୋଇଥିଲେ । ଏହି ସମୟରେ ଉପୁଜିଥିଲା ଅସମ୍ଭାଳ ଟ୍ରାଫିକ୍ ଜାମ୍ ସ୍ଥିତି । ରାଜମହଲରୁ ମାଷ୍ଟରକ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଯାତାୟାତ ସଂପୂର୍ଣ୍ଣ ଠପ୍ ହୋଇଯାଇଥିଲା । ପରବର୍ତ୍ତୀ ଅବସ୍ଥାରେ ଘଟଣାସ୍ଥଳରେ ପହଞ୍ଚିଥିଲେ ଭୁବନେଶ୍ୱର ଡିସିପି । ସ୍ଥିତି ନିୟନ୍ତ୍ରଣ ଲାଗି ପୁଲିସ ପକ୍ଷରୁ ମୃଦୁ ଲାଠିଚାଳନା କରାଯାଇଥିଲା ।

ବସ୍ ଭଙ୍ଗାରୁଜା ଅଭିଯୋଗରେ ପୁଲିସ ୨ ଜଣଙ୍କୁ ଅଟକ ରଖିଛି । କିଭଳି ସ୍ଥିତିରେ ଦୁର୍ଘଟଣା ଘଟିଲା, କିଭଳି ସ୍ଥିତିରେ ଆମ ବସ୍ ଉପରେ ଆକ୍ରମଣ ହେଲା ? ଜନପଥରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି ପୁଲିସ । ପ୍ରଶ୍ନ ଉଠୁଛି କାହିଁକି ବାରମ୍ବାର ଦୁର୍ଘଟଣା ଘଟାଉଛି 'ଆମ ବସ୍' ? ଆଉ କେତେ ଜୀବନ ଗଲେ ଚେତିବେ କର୍ତ୍ତୃପକ୍ଷ ?

# ବିଶିଷ୍ଟ ସ୍ତମ୍ଭକାର ତଥା ଶିକ୍ଷାବିତ୍ ନଟବର ଷଡ଼ଙ୍ଗୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୩।୧
ନ୍ୟୁଜ୍‌ବ୍ୟୁରୋ

ବିଶିଷ୍ଟ ପରିବେଶବିତ୍, ସ୍ତମ୍ଭକାର ତଥା ଶିକ୍ଷାବିତ୍ ନଟବର ଷଡ଼ଙ୍ଗୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ୍ସରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ବିଶିଷ୍ଟ ପରିବେଶବିତ୍, ସ୍ତମ୍ଭକାର ତଥା ଶିକ୍ଷାବିତ୍ ନଟବର ଷଡ଼ଙ୍ଗୀଙ୍କ ଦେହାନ୍ତ ବିଷୟରେ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ । ଦେଶୀଚାଷ ଓ ଜୈବିକ କୃଷି ଗବେଷଣା କ୍ଷେତ୍ରରେ ତାଙ୍କର ଅବଦାନ ସର୍ବଦା ପ୍ରେରଣାଦାୟୀ ହୋଇ ରହିବ । ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୩.୧.୨୦୨୬
୫,୭୮,୫୫୯ଟଙ୍କା
ସୁନା :- ୧ ଗ୍ରାମ୍ ୧୦୦ ମିଲିଗ୍ରାମ୍
ରୂପା:- ୧୫ ଗ୍ରାମ୍ ୩୦୦ ମିଲିଗ୍ରାମ୍




ସମ୍ପାଦକୀୟ
ପୃଷ୍ଠା-୪
ଭାରତର ଅଭିବୃଦ୍ଧି ବିଶ୍ୱ ତୁଳନାରେ ଦ୍ରୁତ
ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Email : utkaldeepika2016@gmail.com
Vol-10 • Issue-29 • 21-27th January 2026 • Bhubaneswar

ଇଞ୍ଜିନିୟରିଂ କଲେଜରେ ପ୍ରଫେସର ସଙ୍କଟ
କାର୍ଯ୍ୟାଳୟ କାମ ବାଧାପ୍ରାପ୍ତ, ଇନ୍‌ଷ୍ଟିଚ୍ୟୁସନାଲ୍ ରାଙ୍କିଂରେ ଅସୁବିଧା

୧୦୪ ବର୍ଷ ପୂର୍ବେ, 'ମୃତ୍ୟୁଦଣ୍ଡ' ଥିଲା ମଧୁମେହ : ପରେ ଲକ୍ଷ ଲକ୍ଷ ଲୋକଙ୍କୁ ଦେଲା ନୂଆ ଜୀବନ ଇନସୁଲିନ୍

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ବାଲିବନ୍ଧ ଭାଙ୍ଗିବାକୁ ମହାନଦୀ ବଞ୍ଚାଓ ଆନ୍ଦୋଳନର ଚେତାବନୀ

ଭୁବନେଶ୍ୱର, ୨୩।୧
ନ୍ୟୁଜ୍‌ବ୍ୟୁରୋ

ମହାନଦୀ ବଞ୍ଚାଅ ଆନ୍ଦୋଳନ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ କରି ମହାନଦୀ ପାଇଁ ହେଉଥିବା ଚରମ ଅବହେଳା ଉପରେ କେନ୍ଦ୍ର, ରାଜ୍ୟ ସରକାର ଓ ଟ୍ରିବ୍ୟୁନାଲର କାର୍ଯ୍ୟକାରିତା ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛ । ତୁରନ୍ତ ପଦକ୍ଷେପ ନେଇ ଛତିଶଗଡ଼ କରିଥିବା ବାଲିବନ୍ଧ ଭାଙ୍ଗିବାକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସମେତ ପ୍ରଧାନମନ୍ତ୍ରୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ତଥା ମହାନଦୀ କମିଟି ମୁଖ୍ୟ ଓ ମହାନଦୀ ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଦାବି ଜଣାଇଛି ।

ଯଦି ସରକାର ବନ୍ଧ ନ ଭାଙ୍ଗନ୍ତି ତେବେ କ୍ଷେତ୍ର ପରିଦର୍ଶନ ପରେ ୨୭ ତାରିଖ ଦିନ ମହାନଦୀ ବଞ୍ଚାଅ ଆନ୍ଦୋଳନ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ବେଆଇନ ବାଲିବନ୍ଧ ଭାଙ୍ଗିବାକୁ ଗ୍ରାଉଣ୍ଡ ଜିରୋକୁ ଯିବାକୁ ଆବାହକ ସୁଦର୍ଶନ ଦାସ, ସହ ଆବାହକ ବାସୁଦେବ ଭଟ୍ଟ, ମୁଖପାତ୍ର ପ୍ରସନ୍ନ ବିଷୋୟୀ, ଗିରିଜା ଦାସ, ବିଜୟ ପରିଡ଼ା ଘୋଷଣା କରିଛନ୍ତି । କଲମା ବ୍ୟାରେଜ ତଳେ ଛତିଶଗଡ଼ ବାଲିବନ୍ଧ କରି ମହାନଦୀ ପାଣି ଅଟକାଇବା ବିଷୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନୀରବତା ଅତ୍ୟନ୍ତ ନିନ୍ଦନୀୟ । ଯେହେତୁ ବର୍ତ୍ତମାନ ଟ୍ରିପୁଲ ଇଞ୍ଜିନ ସରକାର ତେଣୁ ପ୍ରଧାନମନ୍ତ୍ରୀ, ଜଳଶକ୍ତି ମନ୍ତ୍ରୀ, ମହାନଦୀ ଟ୍ରିବ୍ୟୁନାଲ ଅଧ୍ୟକ୍ଷ, ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ମହାନଦୀ କମିଟିର ଅଧ୍ୟକ୍ଷଙ୍କୁ ମଧ୍ୟ ଅବଗତ କରାଯାଇଛି ।

# ଏନକାଉଣ୍ଟରରେ ପାକିସ୍ତାନୀ ଆତଙ୍କବାଦୀ ନିହତ

ଶ୍ରୀନଗର, ୨୩।୧

ଜମ୍ମୁ କଶ୍ମୀରର କଠୁଆ ଜିଲ୍ଲାର ବିଲ୍ଲାୱାର ଅଞ୍ଚଳରେ ପୁଲିସ ଓ ସେନା ଏନକାଉଣ୍ଟରରେ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛି । ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗୁଇନ୍ଦା ସୂଚନା ପରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା । ଭାରତୀୟ ସେନାର ରାଇଜିଂ ଷ୍ଟାର କର୍ପସ ଏକ ବିବୃତ୍ତିରେ କହିଛି ଯେ କଠୁଆ ଜିଲ୍ଲାର ପାରହେତାର ଅଞ୍ଚଳରେ ସେନା ଏବଂ ଜମ୍ମୁ ଓ କଶ୍ମୀର ପୋଲିସ ଦ୍ୱାରା ଏକ ମିଳିତ ଅଭିଯାନ ଆରମ୍ଭ କରାଯାଇ ଥିଲା । ଗୁଇନ୍ଦା ସୂଚନାକୁ ଆଧାର କରି କଠୁଆର ପାରହେତା ଅଞ୍ଚଳରେ ସେନା ଏବଂ ପୁଲିସ ଦ୍ୱାରା ଏକ ମିଳିତ ଅଭିଯାନ ଆରମ୍ଭ କରାଯାଇଥିଲା । ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରାବନ୍ଦୀ କରାଯାଇଥିଲା ଏବଂ ଯୋଗାଯୋଗ ସ୍ଥାପନ କରାଯାଇଥିଲା । ମିଳିତ ବାହିନୀ ଦ୍ୱାରା ଏକ ସଠିକ୍ ଆକ୍ରମଣରେ ଜଣେ ଆତଙ୍କବାଦୀକୁ ନିପାତ କରାଯାଇଛି । ଏବେବି ମଧ୍ୟ ସର୍ଚ୍ଚ ଅପରେସନ ଜାରି ରହିଛି ।

# ପିଏମ୍ ସ୍ୱନିଧି ଯୋଜନାର ଶୁଭାରମ୍ଭ : ରାଜ୍ୟର ପ୍ରାୟ ୬୦,୦୦୦ରୁ ଊର୍ଦ୍ଧ୍ୱ ଉଠାଦୋକାନୀ ଉପକୃତ ହେବେ

ଭୁବନେଶ୍ୱର, ୨୩।୧
ନ୍ୟୁଜ୍‌ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଏକ ଲକ୍ଷ ହିତାଧିକାରୀଙ୍କ ପାଇଁ 'ପିଏମ୍-ସ୍ୱନିଧି' ଋଣ ପ୍ରଦାନ ଏବଂ ପିଏମ୍-ସ୍ୱନିଧି ହିତାଧିକାରୀଙ୍କ ପାଇଁ କ୍ରେଡିଟ୍ କାର୍ଡର ଶୁଭାରମ୍ଭ କରିଛନ୍ତି । କେରଳର ତିରୁବନନ୍ତପୁରମଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଯୋଜନାର ଶୁଭାରମ୍ଭ କରିଥିବାବେଳେ ଭୁବନେଶ୍ୱରସ୍ଥିତ କୃଷି ଭବନରେ ଏହାର ଆୟୋଜନ କରାଯାଇଥିଲା । ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାର ୧୦ ଜଣଙ୍କୁ ଲୋନ, ୪ ଜଣଙ୍କୁ କ୍ରେଡିଟ୍ କାର୍ଡ ଓ ୩ ଜଣଙ୍କୁ ପିଏମ ସ୍ୱନିଧି ଲୋନ ପ୍ରଦାନ କରିଛନ୍ତି । ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି ଯେ ରାଜ୍ୟରେ ପ୍ରାୟ ୬୦,୦୦୦ରୁ ଊର୍ଦ୍ଧ୍ୱ ଉଠାଦୋକାନ ଏହା ଦ୍ୱାରା ଉପକୃତ ହୋଇଛନ୍ତି । ସହରୀ ବିକାଶ ଏବଂ ଉଠାଦୋକାନୀଙ୍କ ଅର୍ଥନୈତିକ ସଶକ୍ତିକରଣ ପ୍ରତି ରାଜ୍ୟ ସରକାର ପ୍ରତିବଦ୍ଧିତ । ଉଠାଦୋକାନୀମାନେ ଆମ ସହରୀ ଅର୍ଥନୀତିର ମେରୁଦଣ୍ଡ ।





ସେମାନେ ଶସ୍ତାରେ ସାମଗ୍ରୀ ଓ ସେବା ଯୋଗାଇବା ସହ ବହୁ ସଂଖ୍ୟାରେ ସ୍ୱ-ନିଯୋଜନ ସୃଷ୍ଟି କରନ୍ତି ଏବଂ ଆମ ସହର ଓ ସହରାଞ୍ଚଳରେ ଜୀବନ ଯାପନର ମୂଳଭିତ୍ତି । 'ପିଏମ୍-ସ୍ୱନିଧି' ମାଧ୍ୟମରେ ଭାରତ ସରକାର ସେମାନଙ୍କ ଅବଦାନକୁ ଆନୁଷ୍ଠାନିକ ସ୍ୱୀକୃତି ଦେବା ସହ ଏକ ବ୍ୟବସ୍ଥିତ, ମର୍ଯ୍ୟାଦାଜନକ ଏବଂ ସଶକ୍ତିକରଣ ଅଭିଯାନ ଆରମ୍ଭ କରିଛନ୍ତି ।

ଏହି ଅବସରରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପୌର ପ୍ରଶାସନର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ଶାସନ ସଚିବ ରବୀନ୍ଦ୍ର ସାହୁଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

ସୂଚନାଯୋଗ୍ୟ ଯେ ଷ୍ଟ୍ରିଟ୍ ଭେଣ୍ଡର୍ସଙ୍କୁ ଆତ୍ମନିର୍ଭର କରିବା ପାଇଁ ପିଏମ୍ ସ୍ୱନିଧି ଯୋଜନା ବିନା ବନ୍ଧକରେ କାର୍ଯ୍ୟ କରି ପୁଞ୍ଜି ଋଣ ପ୍ରଦାନ କରିଥାଏ, ଯାହା ୧୫,୦୦୦ ଟଙ୍କାରୁ ଆରମ୍ଭ ହୋଇ ସମୟାନୁବର୍ତ୍ତୀ ପରିଶୋଧ ଏବଂ ଉତ୍ତମ କ୍ରେଡିଟ୍ ବ୍ୟବହାର ଆଧାରରେ ୨୫,୦୦୦ ଏବଂ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ । ପିଏମ୍-ସ୍ୱନିଧି କ୍ରେଡିଟ୍ କାର୍ଡର ପ୍ରଚଳନ ଦ୍ୱାରା ଉଠାଦୋକାନୀମାନେ ଏବେ ସୁବିଧାଜନକ ଋଣ ପାଇପାରିବେ, ଯାହା ସେମାନଙ୍କ ବ୍ୟବସାୟର ନିରନ୍ତରତା ଏବଂ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ । ସାରା ରାଜ୍ୟରେ ବିଭିନ୍ନ ବ୍ୟାଙ୍କିଙ୍ଗ୍ ଅନୁଷ୍ଠାନ ମାଧ୍ୟମରେ ୧,୧୦,୧୨୮ଟି ଋଣ ପ୍ରଦାନ କରାଯାଇ ସାରିଛି । ଏହା ୧.୧୦ ଲକ୍ଷରୁ ଅଧିକ ଉଠାଦୋକାନୀ ପରିବାରକୁ ଆନୁଷ୍ଠାନିକ ଋଣ ସୁବିଧା ଯୋଗାଇ ସେମାନଙ୍କ ଜୀବିକାକୁ ସହାୟତା କରିଛି । ଏହି ସଫଳତା ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ଟାଉନ୍ ଭେଣ୍ଡିଂ କମିଟି, ବ୍ୟାଙ୍କ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ମିଳିତ ପ୍ରୟାସର ପ୍ରତିଫଳନ । ଏହା ଜାତୀୟ ପିଏମ୍-ସ୍ୱନିଧି ମିଶନରେ ଓଡ଼ିଶାର ଶକ୍ତିଶାଳୀ ଅବଦାନକୁ ସ୍ପଷ୍ଟ ଭାବେ ଦର୍ଶାଉଛି । ପିଏମ୍-ସ୍ୱନିଧି ଯୋଜନାକୁ ଭାରତ ସରକାରଙ୍କ ୮ଟି ପ୍ରମୁଖ ସାମାଜିକ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଯୋଜନା ସହ ସମନ୍ୱିତ କରାଯାଇଛି । ଓଡ଼ିଶାରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧୀନରେ ୭୧,୦୩୭ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୧୨,୩୯୧ ଜଣଙ୍କୁ ପଞ୍ଜିକୃତ କରାଯାଇଛି, ଯେଉଁମାନେ ୨ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ସୁବିଧା ପାଉଛନ୍ତି । ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଅଧୀନରେ ଓଡ଼ିଶାରେ ୪୮,୧୧୭ ଜଣ ଯୋଗ୍ୟ ବ୍ୟକ୍ତିଙ୍କ ମଧ୍ୟରୁ ୬,୪୨୧ ଜଣଙ୍କୁ ୨ ଲକ୍ଷ ଟଙ୍କାର ଜୀବନ ବୀମା ସୁବିଧା ଦିଆଯାଇଛି । ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନାରେ ରାଜ୍ୟରେ ୧,୩୮୭ଟି ଶୂନ-ବାଲାନ୍ସ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି । ଓଏଡଆରସି ମାଧ୍ୟମରେ ଖାଦ୍ୟ ସୁରକ୍ଷା, ପିଏମଏସୱାଇଏମୱାଇ ମାଧ୍ୟମରେ ପେନସନ, ଜନନୀ ସୁରକ୍ଷା ଯୋଜନା ଓ ପିଏମ୍ ମାତୃ ବନ୍ଦନା ଯୋଜନା ମାଧ୍ୟମରେ ମାତୃତ୍ୱ ସହାୟତା ପ୍ରଦାନ କରାଯାଉଛି । ଏଥିସହିତ, ସମସ୍ତ ପଞ୍ଜିକୃତ ପିଏମ୍-ସ୍ୱନିଧି ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ସେମାନଙ୍କୁ ସୁରକ୍ଷିତ ଘର ଯୋଗାଇବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅଭିଯାନ ହାତକୁ ନେଇଛନ୍ତି ।